ଧରିତ୍ରୀ
DHARITRI
ଢେଙ୍କାନାଳ, ଗୁରୁବାର, ସେପ୍ଟେମ୍ବର ୧୦/୨୦୨୦ (୧୨ ପୃଷ୍ଠା) Dhenkanal, Thursday, September 10/2020 ★★★★★
୧୬ଶ ଭାଗ ୧୩୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



## 'ଇଣ୍ଡିଆଜ ବେଷ୍ଟ ଡ୍ୟାନ୍ସର'ରେ ନୋରା

'ଇଣ୍ଡିଆଜ ବେଷ୍ଟ ଡ୍ୟାନ୍ସର'ର ମଲାଇକାଙ୍କ ସ୍ଥାନରେ ଏବେ ଅଭିନେତ୍ରୀ ନୋରା ଫତେହୀଙ୍କୁ ଦେଖିବାକୁ ମିଳିବ। ସେଥିପାଇଁ ସେ ବେଶ୍ ଖୁସି ଅଛନ୍ତି। ୦୨

୧୨

## ପ୍ରଥମଥର ସେମିରେ ବ୍ରାଡି

ଆମେରିକାର ଜେନିଫର ବ୍ରାଡି ପ୍ରଥମଥରପାଇଁ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।



# ନୋବେଲ ଶାନ୍ତି ପୁରସ୍କାର ପାଇଁ ଟ୍ରମ୍ପ୍ ମନୋନୀତ

ଓସ୍ଲୋ,୯।୯

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨୦୨୧ ବର୍ଷ ପାଇଁ ନୋବେଲ ଶାନ୍ତି ପୁରସ୍କାର ପାଇବା ଲାଗି ମନୋନୀତ ହୋଇଛନ୍ତି। ଇସ୍ରାଏଲ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟରେ ଶନ୍ତି ପ୍ରତିଷ୍ଠା କ୍ଷେତ୍ରରେ ମଧ୍ୟସ୍ଥତା କରିଥିବାରୁ ନରୱେର ଜଣେ ସାଂସଦ



ଟ୍ରମ୍ପଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ପାଇଁ ପ୍ରସ୍ତାବ ଦେଇଛନ୍ତି। ଦ୍ୱିତୀୟ ଥର ପାଇଁ ଟ୍ରମ୍ପଙ୍କ ନାମ ପ୍ରସ୍ତାବ ଦେଇଥିବା ସାଂସଦ ଖ୍ରୀଷ୍ଟିୟାନ ଟାଇବ୍ରିଙ୍ଗ୍-ଜିଜେଡେ ହେଉଛନ୍ତି ଦକ୍ଷିଣପନ୍ଥୀ ପ୍ରୋଗ୍ରେସ୍ ପାର୍ଟିର ସଦସ୍ୟ। ଏହା ପୂର୍ବରୁ ୨୦୧୯ରେ ଉତ୍ତର କୋରିଆ ସହିତ କୂଟନୈତିକ ସମ୍ପର୍କ ପ୍ରତିଷ୍ଠା ନେଇ ଟ୍ରମ୍ପଙ୍କ ଉଦ୍ୟମକୁ ପ୍ରଶଂସା କରି ଟାଇବ୍ରିଙ୍ଗ୍-ଜିଜେଡେ ତାଙ୍କ ନାମ ସୁପାରିସ କରିଥିଲେ। ☞ପୃଷ୍ଠା-୪

# ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

■ ବଦଳିଲେ ଯାଜପୁର ଜିଲାପାଳ

ଭୁବନେଶ୍ୱର,୯।୯(ବ୍ୟୁରୋ)

ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ବୁଧବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଥିବା ବେଳେ ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ, ନୂଆପଡା ଜିଲାପାଳ ମଧୁସ୍ମିତା ସାହୁଙ୍କୁ ଜଳ ସମ୍ପଦ ବିଭାଗ ଡେପୁଟି ସେକ୍ରେଟାରୀ ଏବଂ ମୟୂରଭଞ୍ଜ ପିଡି ଡିଆରଡିଏ ଚଞ୍ଚଳ ରଣାଙ୍କୁ ବଲାଙ୍ଗୀର ଜିଲାପାଳ ଭାବେ ବଦଳି କରାଯାଇଛି। ସେହିପରି ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଯାଜପୁର ଜିଲାପାଳ ଭାବେ ବଦଳି କରାଯାଇଥିବା ବେଳେ ଗଞ୍ଜାମ ପିଡି ଡିଆରଡିଏ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଅନୁଗୋଳ ଜିଲାପାଳ, ମୟୂରଭଞ୍ଜ ଏଡିଏମ୍ ସ୍ୱାଧାଦେବ ସିଂଙ୍କୁ ନୂଆପଡା ଜିଲାପାଳ, ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ସଚିବ, ବ୍ରହ୍ମପୁର ଉପଜିଲାପାଳ ଦତ୍ତାତ୍ରୟ ଭାଉସାହେବ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

ପ୍ରାଣୀଙ୍କ ପ୍ରତି ଦୟା

## ଆଜିର ମନ୍ତବ୍ୟ

" ଲକ୍‌ଡାଉନ୍ କରୋନା ଭାଇରସ୍ ଉପରେ ଆକ୍ରମଣ ନ ଥିଲା ବରଂ ଗରିବ ଲୋକ ଏବଂ ଅଣଅନୁଷ୍ଠାନିକ ସଂସ୍ଥାଗୁଡ଼ିକ ପାଇଁ ମୃତ୍ୟୁଘଣ୍ଟି ସାବ୍ୟସ୍ତ ହୋଇଛି।

-ରାହୁଲ ଗାନ୍ଧୀ, କଂଗ୍ରେସ ନେତା



**ସୌନ୍ଦର୍ଯ୍ୟର ସ୍ପର୍ଶ:** ଭୁବନେଶ୍ୱର ଉପକଣ୍ଠ ବାଲିକୁଦା ଗାଁ ନିକଟ ଦୟା ନଦୀପଠାରେ ପିଲାମାନେ କାଶତଣ୍ଡୀ ଫୁଲ ସହ ଖେଳୁଛନ୍ତି। **(ଫଟୋ- ବିକାଶ ନାୟକ)**

# କେତେଜଣଙ୍କ ତ୍ରୁଟି ବଢ଼ାଉଛି ସଂକ୍ରମଣ

ଭୁବନେଶ୍ୱର ୯।୯(ବ୍ୟୁରୋ)

ଭୁବନେଶ୍ୱର ଓ କଟକ ମହାନଗରରେ କୋଭିଡ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବହୁ ଜଣ କୋଭିଡ ନିୟମ ଠିକ୍‌ଭାବେ ମାନୁଥିବା ବେଳେ କେତେଜଣଙ୍କ ତ୍ରୁଟି ଲାଗି ସଂକ୍ରମଣ ବ୍ୟାପୁଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି। କୋଭିଡକୁ ନିୟନ୍ତ୍ରଣ କରିବାରେ ସାମାଜିକ ଦୂରତା, ମାସ୍କ ପିନ୍ଧିବା ଏବଂ ସର୍ବସାଧାରଣ ସ୍ଥାନରେ ଛେପ ନ ପକାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପୋଲିସ, ସ୍ୱାସ୍ଥ୍ୟ ବିଭାଗ ଏବଂ ପୌରସଂସ୍ଥା ପରସ୍ପର ସମନ୍ୱୟ ରଖି ନିୟମାବଳୀ କଡାକଡି ପାଳନ ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଛୋଟ ଓ ଉଠା ଦୋକାନୀମାନେ କୋଭିଡ ନିୟମାବଳୀ ଉଲଘଂନ କରୁଥିବା ନଜରକୁ ଆସୁଛି। ଏହାକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ସତର୍କ କରାଇଛନ୍ତି।

ବୁଧବାର ମୁଖ୍ୟମନ୍ତ୍ରୀ କୋଭିଡ ପରିଚାଳନାର ସମୀକ୍ଷା କରିଛନ୍ତି। ରାଜ୍ୟରେ କୋଭିଡରୁ ଆରୋଗ୍ୟ ଲାଭ କରିଥିବା ରୋଗୀଙ୍କ ସଂଖ୍ୟା ଲକ୍ଷେ ଟପିଛି। ତେଣୁ ଏନେଇ ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଡାକ୍ତର, ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କଟକ ଏବଂ ଖୋର୍ଦ୍ଧା ଜିଲାରେ ପଜିଟିଭ ସଂଖ୍ୟା ଅଧିକ ରହୁଥିବାରୁ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ସଚେତନତା କାର୍ଯ୍ୟକ୍ରମ ଏବଂ କୋଭିଡ ନିୟମାବଳୀର କଡାକଡି ପାଳନ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି କଟକ-ଭୁବନେଶ୍ୱରରେ



ନବୀନ ପଟ୍ଟନାୟକ

ଗୁରୁତର ରୋଗୀଙ୍କ ପାଇଁ ଅଧିକ ଆଇସିୟୁ ବେଡ ବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ସପ୍ତାହକ ମଧ୍ୟରେ ଭୁବନେଶ୍ୱର ଏବଂ କଟକରେ ପରିସ୍ଥିତିରେ ଉନ୍ନତି ଆସିବ ବୋଲି ସେ ଆଶାପ୍ରକାଶ କରିଛନ୍ତି।

ଗଞ୍ଜାମ, ସୁନ୍ଦରଗଡ, ଗଜପତି ଓ କୋରାପୁଟରେ କୋଭିଡ ସ୍ଥିତିରେ ଉନ୍ନତି ଆସିଥିବାରୁ ସେ ସନ୍ତୋଷ ପ୍ରକାଶ କରିଛନ୍ତି। ବ୍ରହ୍ମପୁର ମଡେଲ ଅନୁସରଣ କରିବା ଲାଗି କଟକ-ଭୁବନେଶ୍ୱର ପୌର ପ୍ରଶାସନ ସମେତ ଯାଜପୁର, ବରଗଡ, ଖୋର୍ଦ୍ଧା ଓ କଟକ ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ଯେଉଁ ଜିଲାରେ କୋଭିଡ ସ୍ଥିତିରେ ଉନ୍ନତି ଆସିଛି ସେଠାରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲାପାଳମାନେ ଟିଏମସି, କୋଭିଡ କେୟାର ସେଣ୍ଟର ଏବଂ କୋଭିଡ କେୟାର ହୋମ ବନ୍ଦ କରିବା ଲାଗି ପାଇଁ ନିଷ୍ପତ୍ତି ନେଇପାରିବେ। ଘରୋଇ ଡାକ୍ତରଖାନା ଗୁଡିକରେ କୋଭିଡ ରୋଗୀଙ୍କ ପାଇଁ ଅଧିକ ଶଯ୍ୟା ସଂରକ୍ଷିତ ରଖିବା, ଗୁଣାତ୍ମକ ସେବା ଏବଂ ଗୃହ ସଙ୍ଗରୋଧରେ ଥିବା ରୋଗୀଙ୍କ ଚିକିତ୍ସା ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏହାସହ ବିଭିନ୍ନ ସରକାରୀ କର୍ମଚାରୀମାନେ ସଂକ୍ରମିତ ହେଉଥିବା ଖବରରେ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। କୋଭିଡ ନିୟମାବଳୀକୁ କଡାକଡି ପାଳନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ ପରିଚାଳନା ସମ୍ପର୍କରେ ସ୍ୱାସ୍ଥ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି ଯେ, ରାଜ୍ୟରେ କରୋନା ଆରୋଗ୍ୟ ହାର ୭୭.୮ ପ୍ରତିଶତ ରହିଛି। ଯାହା ଜାତୀୟ ହାରଠାରୁ ସାମାନ୍ୟ ଅଧିକ। ମୃତ୍ୟୁ ହାର ସାରା ଦେଶରେ ସର୍ବନିମ୍ନ ରହିଛି। ଗୁରୁତର ରୋଗୀଙ୍କ ଲାଗି ଷ୍ଟେପ-ଡାଉନ ଆଇସିୟୁ ସୁବିଧା କରାଯିବ ବୋଲି ସେ କହିଛନ୍ତି। ଆଲୋଚନାରେ ପୋଲିସ ମହାନିର୍ଦ୍ଦେଶକ, ଭୁବନେଶ୍ୱର-କଟକ ପୋଲିସ କମିଶନର କୋଭିଡ ନିୟମ କଡାକଡି ପାଳନ ଲାଗି ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବେଗ

- ■ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ
- ■ ଭୁବନେଶ୍ୱର-କଟକରେ ଅଧିକ ଆଇସିୟୁ ବେଡ ବ୍ୟବସ୍ଥା ହେବ
- ■ ବ୍ରହ୍ମପୁର ମଡେଲ ଅନୁସରଣ ଲାଗି ପରାମର୍ଶ
- ■ ସପ୍ତାହକରେ କଟକ-ଭୁବନେଶ୍ୱର ପରିସ୍ଥିତିରେ ଉନ୍ନତି ଆସିବ

# ଭୋଟ ଦେଇପାରିବେ କୋଭିଡ୍ ସଂକ୍ରମିତ

ଭୁବନେଶ୍ୱର,୯।୯(ବ୍ୟୁରୋ)

ଆସନ୍ତା ନଭେମ୍ବର ୨୯ ତାରିଖ ପୂର୍ବରୁ ଓଡିଶାରେ ଖାଲି ରହିଥିବା ବାଲେଶ୍ୱର ଓ ତିର୍ତ୍ତୋଲ ବିଧାନସଭା ଆସନ ଲାଗି ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ଉପନିର୍ବାଚନରେ କୋଭିଡ୍ ଆକ୍ରାନ୍ତ ଭୋଟ ଦେଇ ପାରିବେ। ଆଇସୋଲେଶନ୍ ସେଣ୍ଟରରେ କୋଭିଡ୍ ସଂକ୍ରମିତ ନିଜର ମତଦାନ କରି ପାରିବେ। କୋଭିଡ୍ ସଂକ୍ରମିତ ଭୋଟରଙ୍କୁ ଭୋଟଦାନ ସମୟର ଶେଷ ପର୍ଯ୍ୟାୟରେ ମତଦାନ କରିବାକୁ ଅନୁମତି ଦିଆଯିବ । ବୁଧବାର ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉପନିର୍ବାଚନ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ବାଲେଶ୍ୱର ଓ ଜଗତ୍‌ସିଂହପୁର ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଏବଂ ଆରକ୍ଷୀ ☞ପୃଷ୍ଠା-୪

### ଉପନିର୍ବାଚନ ପ୍ରସ୍ତୁତି ବୈଠକ

- ■ ଆକ୍ରାନ୍ତଙ୍କ ପାଇଁ ହେବ ସ୍ୱତନ୍ତ୍ର ଆଇସୋଲେଶନ୍ ସେଣ୍ଟର
- ■ ଅଭିଜ୍ଞ ଡାକ୍ତର ହେବେ ନୋଡାଲ ସ୍ୱାସ୍ଥ୍ୟାଧିକାରୀ
- ■ ଗୋଟିଏ ବୁଥ୍‌ରେ ସର୍ବାଧିକ ୧ ହଜାର ମତଦାନ କରିପାରିବେ

# ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଲେ ୫ ମାଓବାଦୀ

ଭବାନୀପାଟଣା,୯।୯(ଡି.ଏନ୍.ଏ.)

ପୁଣି ସୀମାନ୍ତରେ ଫୁଟିଛି ଗୁଳି। କଳାହାଣ୍ଡି-କନ୍ଧମାଳ ସୀମାନ୍ତ ରାମପୁର ଥାନା ସିର୍କି ଜଙ୍ଗଲରେ ବୁଧବାର ସୁରକ୍ଷା କର୍ମୀଙ୍କ ଗୁଳିରେ ନିହତ ହୋଇଛନ୍ତି ୫ ମାଓବାଦୀ। କଳାହାଣ୍ଡି ପୋଲିସ, ଡିଭିଏଫ୍ ଏବଂ ଏସଓଜିର ମିଳିତ ଅପରେଶନବେଳେ ଏହି ସଫଳତା ମିଳିଛି। ଏହାପରେ ସିର୍କି ଜଙ୍ଗଲରେ କମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ସେଠାକୁ ଅଧିକ ଫୋର୍ସ ପଠାଯାଇଛି। ମୃତ ମାଓବାଦୀଙ୍କ ମଧ୍ୟରେ ୩ ମହିଳା ଓ ୨ ପୁରୁଷ ଥିବା କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧର ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ୨ଏସ୍‌ଏଲ୍‌ଆର୍ ବନ୍ଧୁକ ଓ ୩ଟି ଦେଶୀ ବନ୍ଧୁକ ସମେତ ବିପୁଳ ମାଓସାମଗ୍ରୀ ଜବତ ହୋଇଛି। ପୂର୍ବାହ୍ନ ୧୧ଟା ବେଳେ ମାଓବାଦୀ ଗତିବିଧି ନେଇ ସୂଚନା ଆଧାରରେ କଳାହାଣ୍ଡି- କନ୍ଧମାଳ ପୋଲିସ ସହାୟତାରେ ଅପରେଶନ ଆରମ୍ଭ ହୋଇଥିଲା। ଉଭୟ ପଟୁ ଗୁଳିବିନିମୟ ବେଳେ ୫ ମାଓବାଦୀ ନିହତ ହୋଇଥିଲେ। ଅପରେଶନ୍‌କୁ ଜୋରଦାର କରିବା ପାଇଁ ସେଠାକୁ ଅଧିକ ଏସ୍‌ଓଜି, ଡିଭିଏସ୍ ଓ ସିଆର୍‌ପିଏଫ୍ ଜବାନଙ୍କୁ ପଠାଯାଇଛି। ଖବର ଲେଖା ହେବା ବେଳକୁ ଅପରେଶନ୍ ଜାରି ରହିଥିଲା। ନିହତମାନେ ମାଓବାଦୀ ସଂଗଠନ ସିପିଆଇ ମାଓବାଦୀ କେକେବିଏନ୍ (କଳାହାଣ୍ଡି-କନ୍ଧମାଳ-ବଉଦ୍-ନୟାଗଡ଼) ଡିଭିଜନର ବୋଲି ସୂଚନା ମିଳିଛି। ଏହାପୂର୍ବରୁ କଳାହାଣ୍ଡି ଜିଲାର ମଦନପୁର ରାମପୁର, ବୁଲାମୁଣ୍ଡା,



ଜବତ ବନ୍ଧୁକ

ଥୂଆମୁଲରାମପୁର, କୋକସରା ବ୍ଲକ ଏବଂ ଭବାନୀପାଟଣା ବ୍ଲକର ଜୁକସେପାଟଣାର ବିଭିନ୍ନ ଆଭ୍ୟନ୍ତରିଣ ଜଙ୍ଗଲ ଅଞ୍ଚଳରେ ପୋଲିସ, ଏସଓଜି ଏବଂ ଡିଭିଏଫ୍ ଯବାନମାନେ କମ୍ବିଂ ଅପରେଶନ କରିଥିଲେ। ଏଥିରେ କେତେକ ମାଓବାଦୀ ମୃତ୍ୟୁବରଣ କରିଥିବାବେଳେ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ ହୋଇଥିଲା।





# ଉଦ୍ଧବଙ୍କୁ ଜବାବ ଦେଲେ କଙ୍ଗନା

## ଆଜି ମୋ ଘର ଭାଙ୍ଗିଛ, କାଲି ତୁମ ଅହଂକାର ଭାଙ୍ଗିଯିବ

ବମ୍ବେ,୯।୯(ପି.ଟି.)

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ ବୁଧବାର ମୁମ୍ବାଇ ଫେରିଛନ୍ତି। ଗୋଟେ ପଟେ କଙ୍ଗନାଙ୍କ ମୁମ୍ବାଇ ଆଗମନକୁ ଶିବସେନା ସମର୍ଥକମାନେ କଳାପତାକା ପ୍ରଦର୍ଶନ କରି ଏୟାରପୋର୍ଟରେ କଡ଼ା ବିରୋଧ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିବା ବେଳେ ଅନ୍ୟପଟେ କର୍ଣ୍ଣି ସେନା କଙ୍ଗନାଙ୍କୁ ସମର୍ଥନ ଜଣାଇ ଏୟାରପୋର୍ଟରେ ଏକାଠି ହୋଇଥିଲେ। ତେବେ କଙ୍ଗନାଙ୍କୁ ଦିଆଯାଇଥିବା ୱାଇ ପ୍ଲସ ସୁରକ୍ଷା ବଳୟରେ ସେ ବାନ୍ଦ୍ରାସ୍ଥିତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ, ଉଦ୍ଧବ ଠାକ୍‌ରେ ତୁମକୁ କ'ଣ ଲାଗୁଛି, ତୁମେ ଫିଲ୍ମ ମାଫିଆଙ୍କ ସହିତ ମିଶି ମୋ ଘର ଭାଙ୍ଗି ମୋ ବିରୋଧରେ ବହୁତ ବଡ଼ ରାଗ ଶୁଝାଇଛ। ଆଜି ମୋର ଘର ଭାଙ୍ଗିଛି, କାଲି ତୁମର ଅହଂକାର ଭାଙ୍ଗିବ। ଏ ହେଉଛି ସମୟର ଖେଳ। ସବୁବେଳେ ସମୟ ସମସ୍ତଙ୍କ ପାଇଁ ସମାନ ନ ଥାଏ ବୋଲି ଉଦ୍ଧବଙ୍କୁ ସେ କଡ଼ା ଚେତାବନୀ ଶୁଣାଇଛନ୍ତି।

କଙ୍ଗନା ବୁଧବାର ମୁମ୍ବାଇ ପହଞ୍ଚିବା ପୂର୍ବରୁ ବିଏମ୍‌ସି ପକ୍ଷରୁ ତାଙ୍କ ବାନ୍ଦ୍ରା ପାଲିହିଲ୍‌ସ୍ଥିତ କାର୍ଯ୍ୟାଳୟରେ ହୋଇଥିବା ବେଆଇନ ନିର୍ମାଣକୁ ବୁଲ୍‌ଡୋଜର ଲଗାଇ ଭଙ୍ଗାଯାଇଥିଲା। ହେଲେ କଙ୍ଗନା ବିଏମ୍‌ସିର ଏହି ବେଆଇନ୍ ଉଚ୍ଛେଦ ବିରୋଧରେ ବମ୍ବେ ହାଇକୋର୍ଟରୁ ରହିତାଦେଶ ଆଣିବା ପରେ ଭଙ୍ଗା କାର୍ଯ୍ୟ ସ୍ଥଗିତ ରହିଥିଲା। କଙ୍ଗନା ପୂର୍ବରୁ ଶିବସେନାର ବରିଷ୍ଠ ନେତା ସଞ୍ଜୟ ରାଉତଙ୍କ ବିରୋଧରେ ମନ୍ତବ୍ୟ ଦେଉଥିବାବେଳେ ଏବେ ସିଧା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ଟାର୍ଗେଟ କରିଛନ୍ତି। ସୁଶାନ୍ତ ସିଂ ରାଜପୁତ୍‌ଙ୍କ ମୃତ୍ୟୁ ଘଟଣା ପରଠାରୁ ଲଗାତାର କଙ୍ଗନା ବିଭିନ୍ନ ପ୍ରକାର ବୟାନ ଦେଇ ଚର୍ଚ୍ଚାରେ ରହି ଆସିଛନ୍ତି। ଫିଲ୍ମ ମାଫିଆଙ୍କ ସହ ପ୍ରିୟାପ୍ରୀତି ତୋଷଣ ଠାରୁ ଆରମ୍ଭ କରି ଶିବସେନାର ☞ପୃଷ୍ଠା-୪



୨୦୨୦ ବର୍ଷ ସିନେମା ପାଇଁ କଳା ବର୍ଷ ବୋଲି ପ୍ରମାଣିତ ହୋଇଛି। ଜଣକ ପରେ ଜଣେ କଳାକାର ଏହି ଦୁନିଆରୁ ବିଦାୟ ନେଉଛନ୍ତି। ଏହି ସମୟରେ ତେଲୁଗୁ ଟିଭି ଅଭିନେତ୍ରୀ ଶ୍ରାବଣୀ କୋଣ୍ଡାପଲି ମଙ୍ଗଳବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଛନ୍ତି। ଏହି ଖବର ଆସିବା ପରେ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ଶୋକର ଲହରୀ ଖେଳିଯାଇଛି। ଶ୍ରାବଣୀଙ୍କ ଆତ୍ମହତ୍ୟାର କାରଣ ଜଣା ପଡିନାହିଁ। ତେବେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ହରିବଂଶଙ୍କୁ ଏନ୍‌ଡିଏର ସମର୍ଥନ

ନୂଆଦିଲ୍ଲୀ, ୯।୯(ପି.ଟି.)

**୧୪ରେ ରାଜ୍ୟ ସଭା ଉପାଧ୍ୟକ୍ଷ ନିର୍ବାଚନ**

ରାଜ୍ୟ ସଭା ଉପାଧ୍ୟକ୍ଷ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏନ୍‌ଡିଏ ଏବଂ ବିରୋଧି ମେଣ୍ଟ ମଧ୍ୟରେ ଏବେ ଅଙ୍କକଷା ଜୋର ଧରିଛି। ପୂର୍ବରୁ ରାଜ୍ୟ ସଭା ଉପାଧ୍ୟକ୍ଷ ଥିବା ହରିବଂଶ ନାରାୟଣ ସିଂଙ୍କୁ ଏଥର ପୁଣି ଏନ୍‌ଡିଏ ପ୍ରାର୍ଥୀ କରିଥିବାବେଳେ ବିରୋଧୀ ଗୋଷ୍ଠୀ ଡିଏମ୍‌କେର ରାଜ୍ୟ ସଭା ସଦସ୍ୟ ତିରୁଚି ଶିବାଙ୍କୁ ପ୍ରାର୍ଥୀ କରିଛି। ଆସନ୍ତା ୧୪ରୁ ସଂସଦ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ସେହିଦିନ ଅପରାହ୍ଣରେ ଉପାଧ୍ୟକ୍ଷ ନିର୍ବାଚନ ହେବାର କାର୍ଯ୍ୟକ୍ରମ ରହିଛି। ପୂର୍ବଥର ଭଳି ଏଥର ମଧ୍ୟ ଉପାଧ୍ୟକ୍ଷ ନିର୍ବାଚନରେ ବିଜେଡିର ପ୍ରମୁଖ ଭୂମିକା ରହିବ। ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶଙ୍କ କାର୍ଯ୍ୟକାଳ ଗତ ଏପ୍ରିଲରୁ ଶେଷ ହେଲାଣି। ଜେଡିୟୁ ତାଙ୍କୁ ପ୍ରାର୍ଥୀ କରିବା ପରେ ଏନ୍‌ଡିଏ ଏହାକୁ ସମର୍ଥନ କରିଛି। ଅପରପକ୍ଷରେ ସମଭାବାପନ୍ନ ଦଳ ଭାବେ ଡିଏମ୍‌କେ ପ୍ରାର୍ଥୀଙ୍କୁ କଂଗ୍ରେସ ସମର୍ଥନ ଜଣାଇଛି। ଏପରିକି କଂଗ୍ରେସ ନେତା ଗୁଲାମନବୀ ଆଜାଦ୍ ଏଥିପାଇଁ ୧୦ଟି ସମଭାବାପନ୍ନ ଦଳଙ୍କ ସହ ଆଲୋଚନା କରିଛନ୍ତି। ଏନ୍‌ସିପି, ଶିବସେନା, ସମାଜବାଦୀ ପାର୍ଟି ଓ ତୃଣମୂଳ କଂଗ୍ରେସ ସମେତ ବିଭିନ୍ନ ଦଳ ସହ ଆଜାଦ୍ ଆଲୋଚନା କରିଥିବା ଜଣାପଡ଼ିଛି। ଚଳିତଥର ଏନ୍‌ଡିଏ ସହଜ ସ୍ଥିତିରେ ଥିଲେ ମଧ୍ୟ ବିଜୟ ବ୍ୟବଧାନକୁ ଅଧିକ କରିବା ପାଇଁ ବିଜେଡି, ଟିଆର୍‌ଏସ୍ ଏବଂ ୱାଇଏସ୍‌ଆର କଂଗ୍ରେସ ସହ ଆଲୋଚନା ଜାରି ରଖିଥିବା ଜଣାପଡ଼ିଛି। ଉପାଧ୍ୟକ୍ଷ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ସେପ୍ଟେମ୍ବର ୧୧। ହରିବଂଶ ଗତ ନିର୍ବାଚନରେ ୧୨୫ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ତାଙ୍କ ବିପକ୍ଷରେ କଂଗ୍ରେସ ପ୍ରାର୍ଥୀ ଭାବେ ବି.କେ. ହରିପ୍ରସାଦ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ।



ହରିବଂଶ ନାରାୟଣ ସିଂ

## ମୋଦିଙ୍କୁ ରାହୁଲଙ୍କ ଟାର୍ଗେଟ

**ନୂଆଦିଲ୍ଲୀ,୯।୯:** ଭାରତରେ କରୋନା ମହାମାରୀକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା କେନ୍ଦ୍ର ସରକାରଙ୍କୁ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କଡ଼ା ସମାଲୋଚନା କରିଛନ୍ତି। ବୁଧବାର ଏକ ଭିଡିଓ ଜାରି କରି ରାହୁଲ କହିଛନ୍ତି, ନରେନ୍ଦ୍ର ମୋଦି ସରକାର ହଠାତ୍ ଲକ୍‌ଡାଉନ୍ ଘୋଷଣା କରି ପୂର୍ବରୁ ଅର୍ଥନୀତିର ମେରୁଦଣ୍ଡ ଭାବେ ପରିଗଣିତ ହେଉଥିବା ଅସଙ୍ଗଠିତ କ୍ଷେତ୍ରକୁ ଧ୍ୱଂସ କରିଦେଇଛନ୍ତି। ଏହା ଶ୍ରମିକମାନଙ୍କ ପାଇଁ ମୃତ୍ୟୁଦଣ୍ଡ ସଦୃଶ। ମୋଦି ସରକାର ୨୧ ଦିନରେ କରୋନା ମହାମାରୀକୁ ଶେଷ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କୋଟି କୋଟି ରୋଜଗାର ଓ ଛୋଟ ଉଦ୍ୟୋଗକୁ ଶେଷ କରିଦେଲେ ବୋଲି ରାହୁଲ ଗାନ୍ଧୀ ନିଜ ଟୁଇଟର ହ୍ୟାଣ୍ଡଲରେ ଭିଡିଓରେ ଏହା କହିଛନ୍ତି।

# ଆଜି ବାୟୁସେନାରେ ସାମିଲ ହେବ ରାଫାଲ



ନୂଆଦିଲ୍ଲୀ, ୯।୯(ପି.ଟି.)

ଅତ୍ୟାଧୁନିକ ଲଢୁଆ ବିମାନ ରାଫାଲ୍ ଗୁରୁବାର ବାୟୁସେନାରେ ବିଧିବଦ୍ଧ ଭାବେ ସାମିଲ ହେବ। ଅମ୍ବାଲାସ୍ଥିତ ବାୟୁସେନା ଘାଟିଠାରେ ରାଫାଲ ବିମାନ ଭାରତୀୟ ବାୟୁସେନାର ୧୭ତମ ସ୍କ୍ୱାର୍ଡନ 'ଗୋଲ୍‌ଡେନ ଆରୋ'ର ଅଂଶ ଭାବେ ସାମିଲ ହେବ। ପ୍ରଥମ ପର୍ଯ୍ୟାୟରେ ଗତ ଜୁଲାଇ ୨୭ତାରିଖରେ ୫ଟି ରାଫାଲ ବିମାନ ଫ୍ରାନ୍ସରୁ ଆସି ଅମ୍ବାଲାସ୍ଥିତ ବାୟୁସେନା ଘାଟିରେ ପହଞ୍ଚିଥିଲା। ବାୟୁସେନାରେ ରାଫାଲ ବିମାନର ବିଧିବଦ୍ଧ ସାମିଲ ନିମନ୍ତେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରୀ ଫ୍ଲୋରେନ୍ସ ପାର୍ଲି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ବିପିନ ରାୱତ୍, ବାୟୁସେନା ମୁଖ୍ୟ ଏୟାର ମାର୍ଶାଲ ଆର୍.କେ. ଏସ୍. ଭଦୌରିୟା, ପ୍ରତିରକ୍ଷା ସଚିବ ଡକ୍ଟର ଅଜୟ କୁମାର, ପ୍ରତିରକ୍ଷା ବିଭାଗ ସଚିବ ତଥା ଡିଆର୍‌ଡିଓ ଅଧ୍ୟକ୍ଷ ଜି. ଶତୀଶ ରେଡ୍ଡୀଙ୍କ ସମେତ ପ୍ରତିରକ୍ଷା ମନ୍ତ୍ରଣାଳୟ ତଥା ସଶସ୍ତ୍ର ବଳର ଅନେକ ବରିଷ୍ଠ ଅଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଭାରତୀୟ ବାୟୁସେନାରେ ପ୍ରଥମ ଥର ପାଇଁ ସାମିଲ ହେବାକୁ ଥିବା ବିଶ୍ୱର ଅତ୍ୟାଧୁନିକ ବିମାନ ଭାରତ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା।

# ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାର ଶୁଭାରମ୍ଭ ଆଜି

ନୂଆଦିଲ୍ଲୀ,୯।୯

**ଇ-ଗୋପାଳ ଆପ୍‌ର ହେବ ଲୋକାର୍ପଣ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଡିଜିଟାଲ ମାଧ୍ୟମରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (ପିଏମ୍‌ଏମ୍‌ଏସ୍‌ୱାଇ)ର ଶୁଭାରମ୍ଭ କରିବେ। ଏହି ଅବସରରେ ସେ ଇ-ଗୋପାଳ ଆପର ମଧ୍ୟ ଲୋକାର୍ପଣ କରିବେ। କୃଷକମାନଙ୍କୁ ସିଧା ସଳଖ ସୂଚନା ଦେବାରେ ଏହି ଆପ ପ୍ରମୁଖ ଭୂମିକା ନିର୍ବାହ କରିବ। ଏହାଦ୍ୱାରା ମତ୍ସ୍ୟ ବାଜର ବ୍ୟବସ୍ଥାକୁ ସୁବନ୍ଦୋବସ୍ତ କରାଯିବା ସହ ବ୍ୟାପକ କରାଯାଇପାରିବ। ଆତ୍ମନିର୍ଭର ଭାରତ ଅଭିଯାନର ଅଂଶସ୍ୱରୂପ (ପିଏମ୍‌ଏମ୍‌ଏସ୍‌ୱାଇ) ଦ୍ୱାରା ମତ୍ସ୍ୟ କ୍ଷେତ୍ରରେ ପୁଞ୍ଜି ନିବେଶ ଅଧିକ ତ୍ୱରାନ୍ୱିତ ହୋଇପାରିବ। ଆସନ୍ତା ୫ ବର୍ଷ ମଧ୍ୟରେ ପ୍ରାୟ ୨୦ ହଜାର ୫୦ କୋଟି ଟଙ୍କାର ପୁଞ୍ଜି ନିବେଶ ଲାଗି ଏଥିରେ ଲକ୍ଷ୍ୟ ରଖାଯାଇଛି। ଫଳରେ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଲାଭବାନ ହୋଇପାରିବେ। ଏଥିମଧ୍ୟରୁ ୧୨୩୪୦ କୋଟି ଟଙ୍କା ସାମୁଦ୍ରିକ, ଅନ୍ତର୍ଜାତୀୟ ମତ୍ସ୍ୟ ଓ ମାଛ ଚାଷ ଲାଗି ହିତାଧିକାରୀଙ୍କ ସୁବିଧା ଦିଗରେ ବ୍ୟୟ କରାଯିବାକୁ ଲକ୍ଷ୍ୟ ରହିଥିବାବେଳେ ମତ୍ସ୍ୟଭିତ୍ତିଭୂମି ନିର୍ମାଣ ଲାଗି ୭ହଜାର ୭ଶହ ୧୦ କୋଟି ଟଙ୍କା ବ୍ୟୟ କରାଯିବ। ୨୦୨୪-୨୦୨୫ ସୁଦ୍ଧା ଅତିରିକ୍ତ ୭୦ ଲକ୍ଷ ଟନ ମତ୍ସ୍ୟ ଉତ୍ପାଦନ ବଢାଯାଇପାରିବ। ଫଳରେ ୧ ଲକ୍ଷ କୋଟି ଟଙ୍କାର ମତ୍ସ୍ୟ ରପ୍ତାନୀ କରିବାରେ ଭାରତ ସକ୍ଷମ ହୋଇପାରିବ।



ନରେନ୍ଦ୍ର ମୋଦି

# ଭାଜପାକୁ ସୁବ୍ରମଣ୍ୟମ ସ୍ୱାମୀଙ୍କ ମହଲତ

ନୂଆଦିଲ୍ଲୀ,୯।୯

ଭାଜପାର ରାଜ୍ୟ ସଭା ସଦସ୍ୟ ସୁବ୍ରମଣ୍ୟମ ସ୍ୱାମୀ ନିଜ ଦଳକୁ ମହଲତ ଦେଇଛନ୍ତି। ଭାଜପାର ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଆଇଟି) ସେଲ ମୁଖ୍ୟ ଅମିତ ମାଳବ୍ୟଙ୍କୁ ଗୁରୁବାର ସୁଦ୍ଧା ଦଳରୁ ବହିଷ୍କାର କରା ନ ଗଲେ ସେ ନିଜ କଥା ନିଜେ ବୁଝିବେ ବୋଲି କହିଛନ୍ତି।

ସୁବ୍ରମଣ୍ୟମ ସ୍ୱାମୀ କହିଛନ୍ତି, ଅମିତ ମାଳବ୍ୟ ତାଙ୍କ ବିରୋଧରେ ମିଥ୍ୟା ଟୁଇଟ୍ ବ୍ୟବହାର କରି କ୍ୟାମ୍ପେନ ଚଳାଉଛନ୍ତି। ତେଣୁ ତାଙ୍କୁ ଦଳରୁ ବାହାର କରାଯାଉ। ଏହା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଦିଆଯାଇଥିବା ୫ଟି ଗ୍ରାମର ଏକ 'ବୁଝାମଣା ପ୍ରସ୍ତାବ'। ନଡ୍ଡା ଯଦି ଅମିତ ମାଳବ୍ୟଙ୍କୁ ଦଳରୁ ବହିଷ୍କାର ନ କରନ୍ତି ତେବେ ଭାଜପା ମୋ ଯୁକ୍ତିକୁ ସମର୍ଥନ କରୁନାହିଁ ବୋଲି ବୁଝିବାକୁ ହେବ। ସୁବ୍ରମଣ୍ୟମ ଆହୁରି କହିଛନ୍ତି, ଦଳରେ ଏପରି କୌଣସି ମଞ୍ଚ ନାହିଁ, ଯେଉଁଠି ସେ କ୍ୟାଡରମାନଙ୍କ ମତାମତ ଲୋଡ଼ିପାରିବେ। ତେଣୁ ତାଙ୍କୁ ନିଜ ଯୁକ୍ତିର ଯଥାର୍ଥତା ପ୍ରମାଣିତ କରିବାକୁ ପଡ଼ିବ ବୋଲି ସ୍ୱାମୀ ବୁଧବାର ଟୁଇଟ୍ କରିଛନ୍ତି।



ସୁବ୍ରମଣ୍ୟମ ସ୍ୱାମୀ

**୨୪ ଘଣ୍ଟା ମଧ୍ୟରେ ଅମିତ ମାଳବ୍ୟଙ୍କୁ ବହିଷ୍କାର କର**

ପ୍ରକାଶ ଯେ, ସୁବ୍ରମଣ୍ୟମ ସ୍ୱାମୀ ସୋମବାର ଅମିତଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଅମିତ ତାଙ୍କ ବିରୋଧରେ ଫେକ୍ ଟୁଇଟ୍ ବ୍ୟବହାର କରୁଥିବା ସେ କହିଥିଲେ। ଏହା ପୂର୍ବରୁ ଅର୍ଥନୀତି ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସୁବ୍ରମଣ୍ୟମ ମୋଦି ସରକାରଙ୍କୁ ଟାର୍ଗେଟ କରିଆସିଛନ୍ତି। ନିକଟରେ ଜେଇଇ-ଏନ୍‌ଇଇଟି ପରୀକ୍ଷା ସ୍ଥଗିତ ରଖିବା ଦାବିରେ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ତାକୁ ମଧ୍ୟ ସୁବ୍ରମଣ୍ୟମ ସ୍ୱାମୀ ସମର୍ଥନ କରି ଭାଜପା ସରକାର ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଥିଲେ।

# ୧୩ ସେପ୍ଟେମ୍ବରରେ ନିଟ୍ ପରୀକ୍ଷା

**ନୂଆଦିଲ୍ଲୀ, ୯।୯:** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ନିଟ୍ ପରୀକ୍ଷାକୁ ସ୍ଥଗିତ ରଖିବା ଲାଗି ହୋଇଥିବା ଆବେଦନକୁ ସୁପ୍ରିମ୍‌କୋର୍ଟ ବୁଧବାର ଖାରଜ କରିଦେଇଛନ୍ତି। ନିଟ୍ ପରୀକ୍ଷା ପୂର୍ବ ନିର୍ଦ୍ଧାରିତ ସେପ୍ଟେମ୍ବର ୧୩ରେ ହେବ ବୋଲି କୋର୍ଟ କହିଛନ୍ତି। ଏହାପୂର୍ବରୁ ଅଗଷ୍ଟ ୧୭ରେ ସୁପ୍ରିମ୍ କୋର୍ଟ ଜେଇଇ ଏବଂ ନିଟ୍ ପରୀକ୍ଷା ସ୍ଥଗିତ ରଖିବା ଲାଗି ଅଣ-ଭାଜପା ଶାସିତ ୬ ରାଜ୍ୟ ମନ୍ତ୍ରୀମାନଙ୍କ ପକ୍ଷରୁ କରାଯାଇଥିବା ପୁନର୍ବିଚାର ଆବେଦନକୁ ସେପ୍ଟେମ୍ବର ୪ରେ ଖାରଜ କରିଦେଇଥିଲେ। କୋର୍ଟ କହିଛନ୍ତି, ମେଡିକାଲ ପାଠ୍ୟକ୍ରମରେ ପ୍ରବେଶ ପାଇଁ କରୋନା ସମୟରେ ହେଉଥିବା ନିଟ୍ ପରୀକ୍ଷା ଲାଗି ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ। ଏହାର ଶୁଣାଣି ଆମେ କରିପାରିବୁ ନାହିଁ। ଆମକୁ କ୍ଷମା କରନ୍ତୁ ବୋଲି ଖଣ୍ଡପୀଠ କହିଛନ୍ତି।

# କେନ୍ଦ୍ର ସରକାରଙ୍କ ମତାମତ ଲୋଡ଼ିଲେ ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ, ୯।୯:** କରୋନା ମହାମାରୀ ସଂକ୍ରମଣ ଯୋଗୁ ଦେଶର ଧାର୍ମିକ ସ୍ଥଳ ବନ୍ଦ ରହିଛି। ଧାର୍ମିକସ୍ଥଳ ଖୋଲିବା ନେଇ ଦାଖଲ କରାଯାଇଥିବା ଏକ ଆବେଦନ ଉପରେ ସୁପ୍ରିମ୍‌କୋର୍ଟ କେନ୍ଦ୍ର ସରକାରଙ୍କ ମତାମତ ଲୋଡ଼ିଛନ୍ତି। କୋର୍ଟ ପକ୍ଷରୁ ଏନେଇ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରାଯାଇଛି। ପ୍ରଧାନ ବିଚାରପତି ଏସ୍.ଏ. ବୋବଡେଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଖଣ୍ଡପୀଠରେ ବିଚାରପତି ଏ.ଏସ୍.ବୋପାନ୍ନା ଏବଂ ବି. ରାମସୁବ୍ରମଣ୍ୟମ୍ ମଧ୍ୟ ସାମିଲ ରହିଛନ୍ତି।

**ଧାର୍ମିକ ସ୍ଥଳ ଖୋଲିବା ପ୍ରସଙ୍ଗ**

ଅହମଦାବାଦ ସ୍ଥିତ ଗୀତାର୍ଥ ଗଙ୍ଗା ଟ୍ରଷ୍ଟ ପକ୍ଷରୁ ଆଇନଜୀବୀ ସୁରଜେନ୍ଦୁ ଶଙ୍କର ଦାସଙ୍କ ଦ୍ୱାରା ଧାର୍ମିକସ୍ଥଳ ଖୋଲାଯିବା ନେଇ କରାଯାଇଥିବା ଏକ ଆବେଦନର ବିଚାର କରି କୋର୍ଟ ଏପରି କରିଛନ୍ତି। ଭିଡିଓ କନଫରେନ୍ସ ଦ୍ୱାରା ହୋଇଥିବା ଏହି ପ୍ରସଙ୍ଗରେ କୋର୍ଟ କହିଛନ୍ତି ଯେ, ଆମେ କେବଳ ଧାର୍ମିକସ୍ଥଳ ଖୋଲିବା ସମ୍ଭାବନା ନେଇ ନୋଟିସ୍ ଜାରି କରିଛୁ। ମତାମତ ମିଳିବା ପରେ ପରବର୍ତ୍ତୀ ବିଚାର କରାଯିବ ବୋଲି ୩ ଜଣିଆ ଖଣ୍ଡପୀଠ କହିଛନ୍ତି।

## ଫୁର୍‌ସତ୍

# ଜଜ୍ ହେବା ସ୍ୱପ୍ନ ପୂରଣ ହେଲା

**ମୁମ୍ବାଇ:** ନିଜର କିଲର ମୁଭ ଏବଂ ଜବରଦସ୍ତ ଡ୍ୟାନ୍ସ ପାଇଁ ବେଶ୍ ପରିଚିତ ଅଭିନେତ୍ରୀ ନୋରା ଫତେହୀ। ନୋରା ଫିଲ୍ମ 'ରୋର୍: ଟାଇଗର ଅଫ ଦ ସୁନ୍ଦରବନସ'ରେ ଡେବ୍ୟୁ କରିଥିଲେ। ୧୯୯୨ମସିହାରେ ଏକ କାନାଡିଆନ୍ ଫ୍ୟାମିଲିରେ ନୋରା ଜନ୍ମଗ୍ରହଣ କରିଥିଲେ। ସେ ବଲିଉଡ୍ ସହିତ ଟଲିଉଡ ଏବଂ ମାଲୟାଲମ ଭାଷାରେ ମଧ୍ୟ ଫିଲ୍ମ କରିଛନ୍ତି। ଜଣେ ଭଲ ମଡେଲ ହିସାବରେ ମଧ୍ୟ ନୋରାଙ୍କ ଖ୍ୟାତି ରହିଛି। ତା' ଛଡା ସେ ବେଲି ଡ୍ୟାନ୍ସିଂ ପାଇଁ ମଧ୍ୟ ବେଶ୍ ପରିଚିତ। ଦେଖିବାକୁ କଣ୍ଢେଇ ଭଳି। ସେଥିପାଇଁ ତାଙ୍କ ହଟ୍ ଅନ୍ଦାଜ୍‌ର ଫ୍ୟାନ୍ ଫଲୋଇଙ୍ଗ ମଧ୍ୟ ବେଶ୍ ଅଧିକ। ଏବେ ନୋରା ଅଭିନେତ୍ରୀରୁ ଜଜ୍ ହେବାକୁ ଯାଉଛନ୍ତି। କଥାଟି ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥାଇପାରେ। କିନ୍ତୁ କଥାଟା ଏକ୍‌ଦମ୍ ସତ।

ରିପୋର୍ଟ ମୁତାବକ, ଅଭିନେତା ଅର୍ଜ୍ଜୁନ କପୁରଙ୍କ ପରେ ତାଙ୍କ ଗର୍ଲଫ୍ରେଣ୍ଡ ମଲାଇକା ଅରୋରା ନିକଟରେ କରୋନା ପଜିଟିଭ ଭାବେ ଚିହ୍ନଟ ହୋଇଥିଲେ। ମଲାଇକା ନୃତ୍ୟଭିତ୍ତିକ ରିଆଲିଟି ଶୋ' 'ଇଣ୍ଡିଆଜ ବେଷ୍ଟ ଡ୍ୟାନ୍ସର'ର ଜଜ୍ ରହିଥିବା ବେଳେ ତାଙ୍କ ସ୍ଥାନରେ ଏବେ ଅଭିନେତ୍ରୀ ନୋରା ଫତେହୀଙ୍କୁ ଦେଖିବାକୁ ମିଳିବ। ନୋରା କୋରିଓଗ୍ରାଫର ଗୀତା କପୁର ଏବଂ ଟେରେନ୍ସ ଲୁଇସଙ୍କ ସହ ଜଜ୍ ଭାବେ ଯୋଗ ଦେବେ। ଶୋ'ର ପ୍ରଯୋଜକ ରଞ୍ଜିତ ଠାକୁର ଏହି ଖବରକୁ ସ୍ୱୀକାର କରିଛନ୍ତି। ଆମେ ଭାବୁଥିଲୁ ଏତେ କମ୍ ସମୟରେ କେହି ସ୍ୱତନ୍ତ୍ର ବିଚାରପତି ଭାବେ ଶୋ'ରେ ଯୋଗ ଦେବାକୁ ରାଜି ହେବେ ନାହିଁ। କିନ୍ତୁ ସୌଭାଗ୍ୟକୁ ନୋରା ପୂର୍ବରୁ ଏକ ଏପିସୋଡ୍‌ରେ ସ୍ୱତନ୍ତ୍ର ଅତିଥି ହୋଇ ଆସିଥିବାବେଳେ ସେ ଏଥିପାଇଁ ରାଜି ହୋଇଗଲେ। ସେଥିଲାଗି ତାଙ୍କୁ ଧନ୍ୟବାଦ ଜଣାଉଛି। ମଲାଇକା ସୁସ୍ଥ ହୋଇଯିବା ପରେ ଶୋ'କୁ ଫେରିବେ। ସେପଟେ ରିଆଲିଟି ଶୋ'ର ଜଜ୍ ହେବାକୁ ନେଇ ନୋରା ଉତ୍ସାହିତ ଅଛନ୍ତି। ତେବେ ଜଜ୍ ହେବା ସ୍ୱପ୍ନ ପୂରା ହେଲା ବୋଲି ସେ ନିଜ ଇନ୍‌ଷ୍ଟା ପେଜ୍‌ରେ ଶେୟାର କରି ଫ୍ୟାନ୍‌ମାନଙ୍କୁ ଜଣାଇଛନ୍ତି।



ନୋରା ଫତେହୀ

# ଆତ୍ମହତ୍ୟା ଏକ ସାମାଜିକ ସମସ୍ୟା

୨୦୦୩ ମସିହାଠାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ଅନ୍ତର୍ଜାତୀୟ ଆତ୍ମହତ୍ୟା ନିରୋଧକ ସଂଘର ମିଳିତ ଆନୁକୂଲ୍ୟରେ ପ୍ରତି ବର୍ଷ ସେପ୍ଟେମ୍ବର ୧୦ ତାରିଖରେ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ପାଳନ କରାଯାଇଥାଏ। ଏହି ଦିବସର ପ୍ରମୁଖ ଲକ୍ଷ୍ୟ ହେଲା ଲୋକଙ୍କ ମଧ୍ୟରେ ଆତ୍ମହତ୍ୟା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଓ ଆତ୍ମହତ୍ୟା ସହିତ ଗଭୀର ଭାବେ ଜଡ଼ିତ ମାନସିକ ସମସ୍ୟା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସାମ୍ପ୍ରତିକ ସର୍ବେକ୍ଷଣ ଅନୁସାରେ ସାରା ବିଶ୍ୱରେ ପ୍ରତି ବର୍ଷ ଆଠ ଲକ୍ଷ ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ କରିଥାନ୍ତି। ଅର୍ଥାତ ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରି ମୃତ୍ୟୁବରଣ କରିଥାଏ। ଭାରତବର୍ଷରେ ଆତ୍ମହତ୍ୟାର ସ୍ଥିତି ଆହୁରି ଭୟାନକ। ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋର ରିପୋର୍ଟ ଅନୁସାରେ ଗତବର୍ଷ (୨୦୧୯ ମସିହାରେ) ଏକ ଲକ୍ଷ ଚାଳିଶ ହଜାର ଲୋକ ଭାରତରେ ଆତ୍ମହତ୍ୟା କରି ମୃତ୍ୟୁବରଣ କରିଛନ୍ତି। ପ୍ରତିଦିନ ୩୮୦ ଜଣ ଲୋକ ଆତ୍ମହତ୍ୟା କରୁଛନ୍ତି। ଅର୍ଥାତ ପ୍ରତି ଘଣ୍ଟାରେ ୧୬ ଜଣ ଭାରତୀୟ ଆତ୍ମହତ୍ୟା ଯୋଗୁ ମୃତ୍ୟୁବରଣ କରୁଛନ୍ତି। ସାରା ବିଶ୍ୱରେ ୧୫ ରୁ ୨୯ ବର୍ଷ ବୟସ୍କ ଯୁବତୀ ଓ ଯୁବକଙ୍କ ମଧ୍ୟରେ ମୃତ୍ୟୁର ପ୍ରଥମ କାରଣ ହେଲା ଆତ୍ମହତ୍ୟା। ସାରା ବିଶ୍ୱର ଯୁବତୀ ଓ ଯୁବକମାନଙ୍କ ମଧ୍ୟରୁ ଭାରତୀୟ ଯୁବତୀ ଓ ଯୁବକମାନେ ସର୍ବାଧିକ ସଂଖ୍ୟାରେ ଆତ୍ମହତ୍ୟା କରିଥାନ୍ତି। ଭାରତକୁ ଏବେ ବିଶ୍ୱର ଆତ୍ମହତ୍ୟାର ରାଜଧାନୀ ବୋଲି କୁହାଯାଉଛି।

**ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ**



ଆତ୍ମହତ୍ୟାର ଅନ୍ୟ ଏକ ପ୍ରମୁଖ କାରଣ ହେଲା ବିଭିନ୍ନ ମାନସିକ ସମସ୍ୟା। ଛଅ ମାସ ହେବ କୋଭିଡ୍-୧୯ ମହାମାରୀ ଯୋଗୁ ଆମ ସମସ୍ତଙ୍କର ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଛି। ସମାଜର ସବୁ ବର୍ଗର ଲୋକ କରୋନା ମହାମାରୀ, ଲକ୍‌ଡାଉନ ଦ୍ୱାରା ଅତ୍ୟଧିକ ମାତ୍ରାରେ ମାନସିକ ରୂପେ ଚାପଗ୍ରସ୍ତ ଓ ଚିନ୍ତିତ ହୋଇ ପଡ଼ିଛନ୍ତି। ଫଳରେ ଲୋକମାନଙ୍କ ମଧ୍ୟରେ ଆତ୍ମହତ୍ୟାପ୍ରବଣତା ବହୁ ପରିମାଣରେ ବୃଦ୍ଧି ପାଇଛି। ଯୁବତୀ ଓ ଯୁବକମାନେ ନିଜ ମଧ୍ୟରେ ଆତ୍ମବିଶ୍ୱାସ ଓ ଆତ୍ମସଂଯମତା ବଢାଇବା ଉଚିତ। ଛାତ୍ରୀଛାତ୍ରମାନେ ନିଜର ପାଠପଢ଼ାକୁ ଯୋଜନାବଦ୍ଧ ଭାବରେ କରିବା ଉଚିତ। ଅଭିଭାବକମାନେ ନିଜ ପିଲା ଉପରେ ପରୀକ୍ଷାରେ ଅଧିକ ମାର୍କ ରଖିବା ପାଇଁ ଅତ୍ୟଧିକ ଚାପ ପକାନ୍ତୁ ନାହିଁ। ନିଜ ପିଲାକୁ ଅନ୍ୟ ପିଲାଙ୍କ ସହ ସବୁବେଳେ ତୁଳନା କରନ୍ତୁ ନାହିଁ।

ଚଳିତ ବର୍ଷ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସର ଅଭିବ୍ୟକ୍ତି ହେଉଛି ସମସ୍ତେ ମିଳିତ ହୋଇ ଆତ୍ମହତ୍ୟାକୁ ରୋକିବା। ଜନସଚେତନତା ଓ ଜନଜାଗରଣ ସୃଷ୍ଟି କରିବା ଜରୁରୀ, ଯାହାଦ୍ୱାରା ଆତ୍ମହତ୍ୟାକୁ ସମ୍ପୂର୍ଣ୍ଣ ଭାବେ ପ୍ରତିରୋଧ କରାଯାଇପାରିବ। ଏହାଛଡ଼ା ସ୍ୱାସ୍ଥ୍ୟସେବା, ସମାଜସେବା, ଗଣମାଧ୍ୟମର ବିଭିନ୍ନ ସଂସ୍ଥା ଆତ୍ମହତ୍ୟା ସମ୍ବନ୍ଧରେ ଜନସାଧାରଣଙ୍କୁ ଠିକ୍ ସୂଚନା ଦେବା ଜରୁରୀ। ଏହାଦ୍ୱାରା ଆତ୍ମହତ୍ୟାର ସଂଖ୍ୟାକୁ ବହୁ ପରିମାଣରେ ହ୍ରାସ କରାଯାଇପାରିବ।

**ଡା. ସତ୍ୟକାମ ମହାପାତ୍ର**
ମୋ- ୮୮୯୫୨୯୩୯୯୭

# ସୁପରସ୍ପ୍ରେଡର ମୋଟରସାଇକେଲ ରାଲି

**ୱାଶିଂଟନ:** ଆମେରିକାରେ ହୋଇଥିବା ଏକ ମୋଟର ସାଇକେଲ ରାଲି କରୋନା ସଂକ୍ରମଣର ସୁପର ସ୍ପ୍ରେଡ଼ର ପାଲଟିଥିବା ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସାଉଥ୍ ଡକୋଟା ରାଜ୍ୟରେ ହୋଇଥିବା ଏହି ରାଲି ପରେ ୨ଲକ୍ଷ ୬୦ ହଜାରରୁ ଅଧିକ ଲୋକ କରୋନାରେ ଆକ୍ରାନ୍ତ ହୋଇଥିଲେ। କରୋନା ଆକ୍ରାନ୍ତ ସଂଖ୍ୟା ହଠାତ୍ ବଢ଼ିବାରୁ ସାନଡ଼ିଆଗୋ ଷ୍ଟେଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏନେଇ ଏକ ସର୍ଭେ କରାଯାଇଥିଲା। ପରେ ୬୩ ପୃଷ୍ଠାର ସର୍ଭେ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ଏହି ସର୍ଭେ ରିପୋର୍ଟକୁ ସାଉଥ୍ ଡକୋଟା ଗଭର୍ନର କ୍ରିଷ୍ଟି ନୋଏମ୍ ମନଗଢ଼ା ବୋଲି କହିଛନ୍ତି। ଏଥିରେ କୌଣସି ସତ୍ୟତା ନ ଥିବା ସେ ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ଗବେଷକ ଦଳ ଆମେରିକାର ଅନ୍ୟ ରାଜ୍ୟରେ ହୋଇଥିବା ପ୍ରଦର୍ଶନ ଏବଂ ରାଲିକୁ ନେଇ ସର୍ଭେ କରିଥିଲେ। ଜୁନ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଆୟୋଜିତ ହୋଇଥିବା ରାଜନୈତିକ ରାଲିର ମଧ୍ୟ ସର୍ଭେ ହୋଇଥିଲା। ସର୍ଭେରେ ମୋବାଇଲ୍ ଡାଟାର ମଧ୍ୟ ଉପଯୋଗ କରାଯାଇଥିଲା। ଅଗଷ୍ଟ ୭ରୁ ୧୬ ମଧ୍ୟରେ ହୋଇଥିବା ଏହି ମୋଟର ସାଇକେଲ ରାଲିରେ ୪ ଲକ୍ଷରୁ ଅଧିକ ଲୋକ ଯୋଗଦେଇଥିଲେ। ରାଲି ଯୋଗୁ ସ୍ଥାନୀୟ ସରକାରଙ୍କର ଆର୍ଥିକ ଫାଇଦା ହୋଇଥିବା ସର୍ଭେ କରିଥିବା ଏଣ୍ଡ୍ରୁ ଫ୍ରିଡସନ କହିଛନ୍ତି। ରାଲି ଯୋଗୁ ଆକ୍ରାନ୍ତଙ୍କ ଚିକିତ୍ସା ଖର୍ଚ୍ଚ ଏବେ ୧୨.୨ ବିଲିୟନ୍ ଡଲାରରେ ପହଞ୍ଚିଥିବା ରିପୋର୍ଟରେ ପ୍ରକାଶ ପାଇଛି।

**୨ ଲକ୍ଷ ୬୦ ହଜାର କରୋନା ଆକ୍ରାନ୍ତ**



# କାହିଁକି ହାତ ଯୋଡ଼ିଥିଲେ ସଚିନ

**ମୁମ୍ବାଇ:** ଏକଦା କ୍ରିକେଟର ଭଗବାନ କୁହାଯାଉଥିବା ସଚିନ ରମେଶ ତେନ୍ଦୁଲକରଙ୍କୁ ଶୀର୍ଷସ୍ତରରେ ପହଞ୍ଚିବା ପାଇଁ ଅନେକ ସଂଘର୍ଷ କରିବାକୁ ପଡିଥିଲା। ନିଜ ସମୟରେ କ୍ରିକେଟ୍ ଦୁନିଆରେ ରାଜ୍ କରୁଥିବା ସଚିନ ପୂର୍ବରୁ ମିଡଲଅର୍ଡର ବ୍ୟାଟ୍ସମ୍ୟାନ୍ ଥିଲେ। ଏଥିରେ ତାଙ୍କୁ ଏତେଟା ସଫଳତା ମିଳି ନ ଥିଲା। ସେ ଓପନିଂ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। କିନ୍ତୁ ତାଙ୍କୁ ଦିଆଯାଉ ନ ଥିଲା। ବାଧ୍ୟ ହୋଇ ସେ ଚୟନକର୍ତ୍ତାଙ୍କ ନିକଟରେ ହାତଯୋଡି କହିଥିଲେ, ଦୟାକରି ମୋତେ ଇନିଂସ ଓପନିଂ କରିବାକୁ ଦିଆଯାଉ। ମୋତେ ଥରୁଟିଏ ଏହି ସୁଯୋଗ ଦିଆଯାଉ, ଯଦି ମୁଁ ଏଥିରେ ବିଫଳ ହେବି ତେବେ ଆଗ ଭଳି ମିଡଲଅର୍ଡର ବ୍ୟାଟିଂ କରିବି। ଶେଷରେ ୧୯୯୪ରେ ସେ ଭାରତୀୟ ଦଳ ପାଇଁ ପ୍ରଥମେ ଓପନିଂ କରିବାର ସୁଯୋଗ ମିଳିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ଉକ୍ତ ମ୍ୟାଚରେ ସେ ୪୯ଟି ବଲରୁ ୮୨ ରନ୍ କରିଥିଲେ।



ଧରିତ୍ରୀ
DHARITRI
ଗୁରୁବାର, ୧୦ ସେପ୍ଟେମ୍ବର, ୨୦୨୦

**କରୋନାରେ ଜଣେ ମୃତ, ୧୮ ଆକ୍ରାନ୍ତ**

**ଡୁଙ୍ଗୁରିପାଲି(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ୍‌ରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ଚାଲିଥିବା ବେଳେ ବୁଧବାର ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକ ସୁନାପାଲି ପଞ୍ଚାୟତ ଅଞ୍ଚଳର ୫୩ ବର୍ଷ ବୟସ୍କ ପୁରୁଷ ବୋଲି ସୂଚନା ମିଳିଛି। ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ପରୀକ୍ଷା ପରେ ସେ କରୋନା ସଂକ୍ରମିତ ଥିବା ଜଣା ପଡ଼ିଥିଲା। ତେବେ ଅବସ୍ଥା ଗୁରୁତର ଥିବାରୁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ରାମପୁର ତହସିଲଦାର ଯୁଗଳ କିଶୋର ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି କୋଭିଡ୍-୧୯ ନିୟମ ଅନୁଯାୟୀ ଗ୍ରାମ ଶ୍ମଶାନରେ ମୃତକଙ୍କ ଶବଦାହ କରାଇଥିଲେ।



# ୨୪ ଘଣ୍ଟାରେ ୩୭୪୮ ଆକ୍ରାନ୍ତ, ୧୧ ମୃତ

ଭୁବନେଶ୍ୱର,୯।୯(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ କମିବାରେ ନାଁ ଧରୁନି। ଶେଷ ୨୪ ଘଣ୍ଟାରେ ଆଉ ୩୭୪୮ଜଣ ଆକ୍ରାନ୍ତ ହୋଇଥିବାବେଳେ କ୍ୱାରାଣ୍ଟାଇନରୁ ୨୨୧୦ ଓ ସ୍ଥାନୀୟ ଅଞ୍ଚଳରୁ ୧୫୩୮ଜଣ ରହିଛନ୍ତି। ଫଳରେ ସଂକ୍ରମଣ ୧ଲକ୍ଷ ୩୫ହଜାର ୧୩୦କୁ ବୃଦ୍ଧି ପାଇଛି। ସେହିଭଳି ଆଉ ୧୧ଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ଫଳରେ ମୃତ୍ୟୁ ସଂଖ୍ୟା ୫୮୦ ଛୁଇଁଛି।

ତେବେ ସଂକ୍ରମଣରେ ଖୋର୍ଦ୍ଧା ଜିଲା କିଛିଦିନ ହେବ ଶୀର୍ଷରେ ରହି ଆସିଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗର ତଥ୍ୟ ଅନୁସାରେ, ଖୋର୍ଦ୍ଧାରୁ ପୁଣି ରାଜ୍ୟର ସର୍ବାଧିକ ୬୧୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଭୁବନେଶ୍ୱର ପାଇଁ ଏହି ଜିଲାର କୋଭିଡ୍ ଚିତ୍ର ଦିନକୁ ଦିନ ବିଗିଡିବାରେ ଲାଗିଛି। ସେହିଭଳି କଟକ ଜିଲାରୁ ଦ୍ୱିତୀୟ ସର୍ବାଧିକ ୩୯୨ଜଣ ନୂଆ ପଜିଟିଭ୍ ବାହାରିଥିବାବେଳେ ପୁରୀରୁ ତୃତୀୟ ସର୍ବାଧିକ ୩୮୭, ବଲାଙ୍ଗୀର ୧୬୩, ସୁନ୍ଦରଗଡ଼ ୧୫୭, ଯାଜପୁର ୧୪୦, ସୁବର୍ଣ୍ଣପୁର ୧୨୪, ନବରଙ୍ଗପୁର ୧୨୧, କେନ୍ଦ୍ରାପଡ଼ା ୧୧୬, ନୂଆପଡ଼ା ୧୦୭ ଓ ବାଲେଶ୍ୱରରୁ ୧୦୩ଜଣ ଚିହ୍ନଟ ହୋଇଛନ୍ତି। ଏଥିସହ ଅନ୍ୟସବୁ ଜିଲାରେ ଶହେ ତଳକୁ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ମୟୂରଭଞ୍ଜରୁ ସବୁଠୁ କମ୍ ୩ ରିପୋର୍ଟ ପଜିଟିଭ୍ ଆସିଛି।

- ଆକ୍ରାନ୍ତ ସଂଖ୍ୟା ୧,୩୫,୧୩୦କୁ ବୃଦ୍ଧି
- କରୋନାଜନିତ ମୃତ୍ୟୁ ୫୮୦ ଛୁଇଁଲା

ଅନ୍ୟପକ୍ଷରେ ୧୧ ମୃତକଙ୍କ ମଧ୍ୟରୁ ଗଞ୍ଜାମରୁ ସର୍ବାଧିକ ୪ ରହିଥିବାବେଳେ ଖୋର୍ଦ୍ଧା ଜିଲାରୁ ୩ (ଭୁବନେଶ୍ୱରର ୨ଜଣ) ଆଖି ବୁଜିଛନ୍ତି। ବଲାଙ୍ଗୀର, କନ୍ଧମାଳ, କେନ୍ଦୁଝର ଓ ପୁରୀରୁ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ବୟସ ୪୬ରୁ ୭୨ବର୍ଷ ମଧ୍ୟରେ ହୋଇଥିବାବେଳେ ୩ଜଣ ମହିଳା ରହିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଛି।

## କରୋନା ସଂକ୍ରମଣ ସ୍ଥିତି

ବୁଧବାର ରାତି ୯ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୭୮,୩୨,୭୮୯ | ୯,୦୩,୪୭୩ | ୧,୯୯,୧୦,୪୧୭ |
| ଭାରତ | ୪୪,୧୭,୫୫୦ | ୭୪,୩୬୭ | ୩୪,୩୩,୬୦୪ |
| ଓଡ଼ିଶା | ୧,୩୫,୧୩୦ | ୫୮୦(+୫୩) | ୧,୦୫,୨୯୫ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଆରପାରିରେ ସାରଦା ପ୍ରସନ୍ନ ନାୟକ

**ଭୁବନେଶ୍ୱର,୯।୯(ବ୍ୟୁରୋ):** ଓଡ଼ିଆ ଚଳଚ୍ଚିତ୍ର ଜଗତର ବହୁମୁଖୀ ପ୍ରତିଭା ତଥା ଅଲରାଉଣ୍ଡର ଭାବେ ପରିଚିତ ସାରଦା ପ୍ରସନ୍ନ ନାୟକଙ୍କ ବୁଧବାର ସନ୍ଧ୍ୟାର ପରଲୋକ ଘଟିଛି। ତାଙ୍କୁ ୯୩ ବର୍ଷ ହୋଇଥିଲା। ସୋମବାର ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଏକାଧାରରେ ଜଣେ ସଫଳ ନାଟ୍ୟ ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ, ଗୀତିକାର, ସଂଳାପକାର, ଲେଖକ, ଅଭିନେତା, ପ୍ରଯୋଜକ, ନାଟ୍ୟକାର ଭାବେ ଭିନ୍ନ ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ବିୟୋଗରେ ଆଜି ଏକ ଯୁଗର ଅବସାନ ଘଟିଥିବା ବରିଷ୍ଠ କଳାକାର ଓ ସିନେ ବ୍ୟକ୍ତିତ୍ୱମାନେ କହିଛନ୍ତି।



ସାରଦା ପ୍ରସନ୍ନ ନାୟକ

୧୯୨୬ ଡିସେମ୍ବର ୧୩ରେ କଟକ ବୟାଳିଶ ମୌଜାରେ ଜନ୍ମଗ୍ରହଣ କରିଥିବା ସାରଦା ୧୯୫୧ରୁ ନାଟକ ସଂଳାପ ରଚନା, ନିର୍ଦ୍ଦେଶନା ଓ ସଙ୍ଗୀତ ନିର୍ଦ୍ଦେଶନା ଦେବା ଆରମ୍ଭ କରିଥିଲେ। ୧୯୫୬ରେ ଭକ୍ତକବି ଜୟଦେବ ଚଳଚ୍ଚିତ୍ରରୁ ସହନିର୍ଦ୍ଦେଶକଭାବେ ନିଜ ଚଳଚ୍ଚିତ୍ର ଜୀବନ ଆରମ୍ଭ କରିଥିଲେ। ୧୯୬୨ରେ 'ଲକ୍ଷ୍ମୀ' ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେବା ସହ ଏଥିରେ ଗୀତିକାର ଓ ସଂଳାପକାର ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ବଙ୍ଗଳା ନିର୍ଦ୍ଦେଶକ ଭାବେ ଛଦ୍ମନାମ 'ସିଦ୍ଧାର୍ଥ' ବ୍ୟବହାର କରି ସେ ଏହି ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ଏହି ଚଳଚ୍ଚିତ୍ର ପାଇଁ ସେ ୧୯୬୩ରେ ରାଷ୍ଟ୍ରପତି ପୁରସ୍କାର ପାଇଥିବାବେଳେ ନିଜେ ଲେଖିଥିବା ଗୀତ 'ଆରତ ସୁରେ ବାରେ କରେ ମିନତିରେ' ବେଶ୍ ଲୋକପ୍ରିୟ ହୋଇଥିଲା। ମହମ୍ମଦ ସିକନ୍ଦର ଆଲାମ ଗାଇଥିବା ଓ ସଂଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ କଣ୍ଠରେ ଏହି ଗୀତ ସେତେବେଳେ ଚହଳ ସୃଷ୍ଟି କରିଥିଲା। 'ଲକ୍ଷ୍ମୀ'ର ସଫଳତା ପରେ ସେ ୧୯୬୬ରେ 'କା', ୧୯୬୮ରେ 'ସ୍ତ୍ରୀ' ଓ ୧୯୭୧ରେ 'ସଂସାର' ଓ ୧୯୮୮ରେ 'ତମସା ତୀରେ' ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ଚଳଚ୍ଚିତ୍ର ବ୍ୟତୀତ ସେ ରେଡ଼ିଓ ଓ ଦୂରଦର୍ଶନରେ ମଧ୍ୟ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଥିଲେ। ତାଙ୍କ ନିର୍ଦ୍ଦେଶିତ ନାଟକଗୁଡିକ ମଧ୍ୟରେ ଶଙ୍ଖାଳି, ସୁନାମାଟି ଓ ପରିଶୋଧ ଅନ୍ୟତମ। ନାଟକରେ ତାଙ୍କ ଅଭିନୟରେ ଅଭିଭୂତ ହୋଇ ଆସାମର ପୂର୍ବତନ ରାଜ୍ୟପାଳ ଲୋକନାଥ ମିଶ୍ର ତାଙ୍କୁ ଚଳଚ୍ଚିତ୍ର କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। ୨୦୧୩ରେ ୨୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ସେ ସମ୍ମାନଜନକ 'ଜୟଦେବ ପୁରସ୍କାର' ପାଇଥିଲେ।

## ବଜ୍ରପାତ ନେଲା ୩ ଜୀବନ

**ଅନୁଗୋଳ ଅଫିସ/ମୁନିଗୁଡା, ୯।୯(ଡି.ଏନ୍.ଏ.):** ଅନୁଗୋଳ ଜିଲା ନାଲ୍‌କୋ ଥାନା ସିପିପି ପ୍ଲାଣ୍ଟ ନିକଟ ଟାଙ୍କି ହଟିଂଠାରେ ବଜ୍ରପାତରେ ବୁଧବାର ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟାଙ୍କି ହଟିଂର ଦଶରଥ ମୁର୍ମୁ ଓ ରାମଚନ୍ଦ୍ର କିସ୍କୁ। ଦୁହେଁ ଅପରାହ୍ନରେ ଶୌଚ ପାଇଁ ଯାଇଥିବାବେଳେ ବର୍ଷା ହୋଇଥିଲା। ଏକ ଗଛ ତଳେ ଆଶ୍ରୟ ନେଇଥିବାବେଳେ ବଜ୍ରପାତ ହେବାରୁ ଉଭୟେ ସେଠାରେ ଟଳି ପଡିଥିଲେ। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ନାଲ୍‌କୋ ପୋଲିସ ଏ ନେଇ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ଡୁରୁକିଲିମା ଗ୍ରାମର କମଳାକାନ୍ତ ବାଗଙ୍କ ବଜ୍ରପାତରେ ମୃତ୍ୟୁ ଘଟିଥିବାବେଳେ ଦଣ୍ଡାଶି ଟାକ୍ରି ଗୁରୁତର ହୋଇଛନ୍ତି। ଉଭୟେ ଏକ ଗଛମୂଳରେ ଛିଡା ହୋଇଥିବାବେଳେ ବଜ୍ରପାତ ହୋଇଥିଲା। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର କମଳାକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଦଣ୍ଡାଶିଙ୍କୁ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।





ସ୍ତ୍ରୀ ବର୍ଷା ପ୍ରିୟଦର୍ଶନୀଙ୍କୁ ନିର୍ଯାତନା ଦେଇଥିବା କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବୁଧବାର ଭୁବନେଶ୍ୱରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ସିନେମାଟୋଗ୍ରାଫର ଗାଗାରିନ୍ ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର, ୯।୯(ବ୍ୟୁରୋ)

ଓଡ଼ିଶା ଜନ୍ମିତ ବିଶିଷ୍ଟ ସିନେମାଟୋଗ୍ରାଫର ଗାଗାରିନ ମିଶ୍ରଙ୍କ ବୁଧବାର ପରଲୋକ ଘଟିଛି। ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୬୭ ବର୍ଷ ହୋଇଥିଲା। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି। ସେ 'ଫୁଲଚନ୍ଦନ', 'ନଈ ସେପାରି କନକ ଗୋରୀ' ଭଳି ବହୁ ସୁପରହିଟ ଓଡ଼ିଆ ଫିଲ୍ମରେ କାମ କରି ନିଜ ଛାପ ଛାଡ଼ିଯାଇଛନ୍ତି। ୨୦୧୨ରେ ଚଳଚ୍ଚିତ୍ର 'ନଈ ସେପାରି କନକ ଗୋରୀ' ପାଇଁ ତାଙ୍କୁ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। କେବଳ ଓଡ଼ିଆ ଚଳଚ୍ଚିତ୍ର ନୁହେଁ, 'ବେତାବ', 'ଚାନ୍ଦନୀ', 'ତେଜାବ', 'ରାମ ଅବତାର', 'ୱଜୁଦ', 'ପ୍ୟାର୍ କି ଜିତ୍' ଭଳି ବହୁ ହିନ୍ଦୀ ଫିଲ୍ମରେ ସେ ମଧ୍ୟ କାମ କରିଥିଲେ। ଗତ ଅଗଷ୍ଟରେ ଗାଗାରିନ୍‌ଙ୍କ ସାନ ଭାଇ ତଥା ଜଣାଶୁଣା ଫିଲ୍ମ ଏଡିଟର ଦେବେନ ମିଶ୍ରଙ୍କର ମଧ୍ୟ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା।



ଗାଗାରିନ୍ ମିଶ୍ର

## ନବରଙ୍ଗପୁର ବିଧାୟକ, ତାଙ୍କ ସ୍ତ୍ରୀ କରୋନା ଆକ୍ରାନ୍ତ



**ନବରଙ୍ଗପୁର,୯।୯(ବି.ପ୍ର.):** କରୋନା କବଳରେ ରାଜ୍ୟରେ ଆଉ ଜଣେ ବିଧାୟକ। ସେ ହେଲେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଓ ତାଙ୍କ ସ୍ତ୍ରୀ କୌଶଲ୍ୟା। କିଛି ଦିନ ହେବ ବିଧାୟକଙ୍କ ଦେହ ଅସୁସ୍ଥ ହେବାରୁ ବୁଧବାରେ ସେ ଓ ତାଙ୍କ ସ୍ତ୍ରୀ କରୋନା ପରୀକ୍ଷା କରାଇଥିଲେ। ସେମାନଙ୍କ ରିପୋର୍ଟ ପଜିଟିଭ ଆସିଥିବା ବିଧାୟକ ପ୍ରଧାନୀ ସୂଚନା ଦେଇଛନ୍ତି। ଉଭୟ ସୁସ୍ଥ ରହିଥିବାବେଳେ ହୋମ ଆଇସୋଲେଶନରେ ରହିଥିବା କହିଛନ୍ତି। ୩-୪ ଦିନ ଭିତରେ ବିଧାୟକ ଓ ତାଙ୍କ ସ୍ତ୍ରୀଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତେ ନିଜର କରୋନା ପରୀକ୍ଷା କରିବାକୁ ସେ ଅନୁରୋଧ କରିଛନ୍ତି। ପ୍ରକାଶ ଯେ, କିଛିଦିନ ତଳେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି କରୋନା ରେ ଆକ୍ରାନ୍ତ ହୋଇଥିଲେ।

# ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୯।୯(ବ୍ୟୁରୋ)

**୧୩ରେ ଲଘୁଚାପ**

**ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ**

ଆସନ୍ତା ୧୩ ତାରିଖରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର, ଆନ୍ଧ୍ର ଏବଂ ଦକ୍ଷିଣ ଓଡ଼ିଶା ଉପକୂଳରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେପ୍ଟେମ୍ବର ୧୨ ତାରିଖରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ୧୩ ତାରିଖରେ ଏହା ଲଘୁଚାପ ରୂପ ନେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଲଘୁଚାପ ପ୍ରଭାବରେ ୧୨ ତାରିଖ ରାତ୍ରିରୁ ବର୍ଷା ଆରମ୍ଭ ହେବ। ୧୪ ତାରିଖ ଯାଏ ବର୍ଷା ଲାଗି ରହିବ। ଦକ୍ଷିଣ ଓଡ଼ିଶାର ବିଶେଷକରି ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡା, ସୁନ୍ଦରଗଡ, କନ୍ଧମାଳ, ପୁରୀ, କେନ୍ଦୁଝର ଆଦି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ଉପକୂଳ ଓଡ଼ିଶାରେ ଆକାଶ ମେଘାଚ୍ଛନ୍ନ ରହିବା ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ସମ୍ଭାବ୍ୟ ଲଘୁଚାପ ବର୍ଷାକୁ ଦେଖି ଜିଲାପାଳମାନଙ୍କୁ ସତର୍କ ରହିବା ଲାଗି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷା ଉପରେ ନଜର ରଖିବା ସହ ଆଗୁଆ ପ୍ରସ୍ତୁତି କରିବାକୁ କୁହାଯାଇଛି।

ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ସମ୍ବଲପୁର, ସୋନପୁର, ବରଗଡ଼, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ କେନ୍ଦୁଝର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ କେନ୍ଦ୍ରାପଡା, କନ୍ଧମାଳ, ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡି ସହ ପ୍ରବଳ ବର୍ଷା ହେବ ବୋଲି ସତର୍କ ସୂଚନା ଜାରି କରାଯାଇଛି।

# ପାରାଦୀପରେ ଆପାତ୍‌କାଳୀନ ରେସପନ୍ସ ସେଣ୍ଟର ଉଦ୍‌ଘାଟିତ



ଉଦ୍‌ଘାଟନୀ ଅବସରରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଅନ୍ୟମାନେ।

**ପାରାଦୀପ, ୯।୯ (ସ୍ୱ.ପ୍ର.):** ପାରାଦୀପ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ସନ୍ଧ୍ୟାରେ ରାଜ୍ୟର ପ୍ରଥମ ଆପାତ୍‌କାଳୀନ ରେସପନ୍ସ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଜଗତସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହାକୁ ଉଦଘାଟନ କରିଛନ୍ତି। ରାସାୟନିକ ଦୁର୍ଘଟଣା ସମୟରେ ଏହି ସେଣ୍ଟର ସହାୟତା କରିବ ବୋଲି ଜିଲାପାଳ କହିଛନ୍ତି। ସୂଚନାଥାଉ କି,

**ରାଜ୍ୟରେ ପ୍ରଥମ**

ରାଜ୍ୟରେ ୩୫ଟି ରାସାୟନିକ ଦୁର୍ଘଟଣା ପ୍ରବଣ କାରଖାନା ରହିଛି। ସେଥିରୁ ୮ଟି ଅତ୍ୟଧିକ ଦୁର୍ଘଟଣା ପ୍ରବଣ କାରଖାନା ପାରାଦୀପଠାରେ ଅଛି। ଏହାବାଦ୍ ୨୦ ବରଫ ଫ୍ୟାକ୍ଟ୍ରି, ୩ ଟି ଚିଙ୍ଗୁଡ଼ି ପ୍ରୋସେସିଂ ଫ୍ୟାକ୍ଟ୍ରି ରହିଛି। ଏସବୁରେ ଆମୋନିଆଁ ଗ୍ୟାସ ବ୍ୟବହାର କରାଯାଏ। ତେଣୁ ସମ୍ଭାବ୍ୟ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଏହି ସେଣ୍ଟର ଉଦ୍‌ଘାଟନ କରାଯାଇଥିବା କୁହାଯାଇଛି। ଏହି ସେଣ୍ଟର ପାଇଁ ଆନୁଷଙ୍ଗିକ ସୁବିଧା ଓ ଭିତ୍ତିଭୂମିକୁ ଇଫକୋ, ପିପିଏଲ ଓ ପାରାଦୀପ ତୈଳ ବିଶୋଧନାଗାର କର୍ତ୍ତୃପକ୍ଷ ଯୋଗାଇ ଦେଇଛନ୍ତି। ଉଦ୍‌ଘାଟନୀ ବେଳେ ଏଡିଏମ୍ କାହ୍ନୁଚରଣ ଧୀର, କାରଖାନା ବାଷ୍ପିତ ବିଭାଗ ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇ ଓ ଶିଳ୍ପସଂସ୍ଥାର ମୁଖ୍ୟମାନେ ଉପସ୍ଥିତ ଥିଲେ।

## କଟକଣା ସହ ଆରମ୍ଭ ହେବ ଡିଏଲ୍, ଏଲ୍ଏଲ୍ ଟେଷ୍ଟିଂ

**ଭୁବନେଶ୍ୱର ୯।୯(ବ୍ୟୁରୋ):** କରୋନା କଟକଣା ଯୋଗୁ ଦୀର୍ଘଦିନ ଧରି ଡିଏଲ ଓ ଏଲଏଲ ପାଇଁ ବନ୍ଦ ହୋଇଯାଇଥିବା ଡ୍ରାଇଭିଂ ଟେଷ୍ଟ ପୁଣିଥରେ ଆରମ୍ଭ ହେବ। ଆସନ୍ତା ଦୁଇରୁ ୩ ଦିନ ମଧ୍ୟରେ ଡିଏଲ ଓ ଲର୍ଣ୍ଣିଂ ଲାଇସେନ୍ସ ପାଇଁ ଟେଷ୍ଟ ଆରମ୍ଭ ହେବ ବୋଲି ଜଣାପଡିଛି। କରୋନା କଟକଣା ମାନି ଦୈନିକ ୨୦ଜଣଙ୍କ ଟେଷ୍ଟ କରାଯିବ। ଏନେଇ ପରିବହନ କମିଶନରଙ୍କୁ ପରିବହନ ବିଭାଗ ଚିଠି ଲେଖିଥିବା ମନ୍ତ୍ରୀ ପଦ୍ମନାଭ ବେହେରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କରୋନା ମହାମାରୀ ଯୋଗୁ ଲକଡାଉନ, ଶଟ୍‌ଡାଉନ୍ କଟକଣା ଲାଗୁ ହେବାରୁ ଡିଏଲ ଓ ଏଲଏଲ ପାଇଁ ଡ୍ରାଇଭିଂ ଟେଷ୍ଟ ବନ୍ଦ ହୋଇଯାଇଥିଲା। ଏବେ ସବୁକିଛି ଧିରେଧିରେ ସ୍ୱାଭାବିକ ହେବାକୁ ଲାଗିଥିବା ବେଳେ ଡିଏଲ ଓ ଏଲଏଲ ପାଇଁ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟାକୁ ସ୍ୱାଭାବିକ କରିବା ପାଇଁ ଚେଷ୍ଟା କରାଯାଉଛି।

# ୧୨ରୁ ପ୍ରବାସୀ ଶ୍ରମିକଙ୍କ ଲାଗି ଚାଲିବ ୩ ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର ୯।୯(ବ୍ୟୁରୋ)

**ରେଳ ମନ୍ତ୍ରଣାଳୟର ଘୋଷଣା**

**ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର**

ଓଡ଼ିଶାରୁ ଅହମଦାବାଦ ଏବଂ ସୁରଟ ସମେତ ୩ଟି ସ୍ଥାନକୁ ସ୍ପେଶାଲ୍ ଟ୍ରେନ୍ ଚାଲିବ। ବୁଧବାର ରେଳ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ଘୋଷଣା କରାଯାଇଛି। କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୧୨ରୁ ଓଡ଼ିଶାରୁ ତିନି ଯୋଡା ସ୍ପେଶାଲ ଟ୍ରେନ୍ ପୁରୀରୁ ଅହମ୍ମଦାବାଦ, ପୁରୀରୁ ଗାନ୍ଧିଧାମ ଏବଂ ପୁରୀରୁ ଓଖାକୁ ରେଳସେବା ଆରମ୍ଭ ହେବ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା କରାଯାଇଛି। ଏହି ସୁବିଧା ବିଭିନ୍ନ ରାଜ୍ୟରେ କାମ କରୁଥିବା ଓଡିଆଙ୍କୁ କର୍ମକ୍ଷେତ୍ରକୁ ପୁଣିଥରେ ଫେରିବାରେ ସାହାଯ୍ୟ କରିବ ଓ ସେମାନେ ନିରାପଦରେ ଯାତ୍ରା କରିପାରିବେ। ଓଡିଶାର ଆବଶ୍ୟକତାକୁ ପ୍ରାଥମିକତା ଦେଉଥିବାରୁ ଏବଂ ଟ୍ରେନ୍ ଚଳାଚଳ ପାଇଁ ଅନୁରୋଧକୁ ରକ୍ଷା କରିଥିବାରୁ ଧର୍ମେନ୍ଦ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ସେପ୍ଟେମ୍ବର ୭ ତାରିଖରେ ଧର୍ମେନ୍ଦ୍ର ଓଡିଶାରୁ ଗୁଜୁରାଟ, କର୍ଣ୍ଣାଟକ ଏବଂ ମହାରାଷ୍ଟ୍ର ଭଳି ରାଜ୍ୟକୁ ପୁଣିଥରେ 'ଶ୍ରମିକ ସ୍ପେଶାଲ ଟ୍ରେନ୍' ଚାଲୁ କରିବା ପାଇଁ କେନ୍ଦ୍ର ରେଳମନ୍ତ୍ରୀ ପିୟୁଷ ଗୋଏଲଙ୍କୁ ଚିଠି ଲେଖିଥିଲେ। ମୌସୁମୀ ପରିସ୍ଥିତିରେ ସଡକ ପଥ ଦେଇ ଦୂର ବାଟ ଯାତ୍ରା କରିବା ଶ୍ରମିକମାନଙ୍କ ପାଇଁ ନିରାପଦ ନୁହେଁ। ଶ୍ରମିକ ସ୍ପେଶାଲ ଟ୍ରେନ ଚଳାଇବାକୁ ଧର୍ମେନ୍ଦ୍ର ଅନୁରୋଧ କରିଥିଲେ।

ଭାଇରାଲ ସଂକ୍ରମଣ ଓ ଋତୁକାଳୀନ ରୋଗ ଭଳି ଅନେକ ରୋଗରୁ ସୁରକ୍ଷାରେ ଲାଭଦାୟକ
JOLLY
CLINICALLY TESTED
ତୁଳସୀ 51 ଡ୍ରପ୍‌ସ
ଲାବ୍ ପ୍ରମାଣିତ ଇମ୍ୟୁନିଟି ବର୍ଦ୍ଧକ
କୌଣସି ସାଧାରଣ କେମିକାଲଯୁକ୍ତ ତୁଳସୀ ଡ୍ରପ୍‌ସ ନୁହେଁ, ବାଛନ୍ତୁ କେବଳ ଲାବ୍ ପ୍ରମାଣିତ ଏବଂ ବର୍ଷ ବର୍ଷ ଧରି ପରୀକ୍ଷିତ





କେବଳ Jolly Tulsi 51 Drops ହିଁ କାହିଁକି
- ଇମ୍ୟୁନିଟି ବଢ଼ାଇବା ପାଇଁ Clinically Tested ପରିଣାମ
- ବର୍ଷ ବର୍ଷର ପୁରୁଣା ଓ ବିଶ୍ୱସନୀୟ ଉତ୍ପାଦ
- ଇମ୍ୟୁନିଟି ବଢ଼ାଇବା ସହିତ Body ମଧ୍ୟ Detox କରନ୍ତୁ
- ତୁଳସୀର ସହସ୍ରାଧିକ ଅନ୍ୟାନ୍ୟ ଲାଭ ଆୟୁର୍ବେଦରେ ବର୍ଣ୍ଣିତ
- କୋଟି କୋଟି ସନ୍ତୁଷ୍ଟ ଗ୍ରାହକ

ପାଞ୍ଚ ପ୍ରକାର ତୁଳସୀରୁ ଅତ୍ୟନ୍ତ ବିଶେଷ ବିଧିରେ ପ୍ରସ୍ତୁତ ଅର୍କ
ଦୈନିକ କେବଳ 5 ବୁନ୍ଦା ପିଅନ୍ତୁ, ସୁସ୍ଥ ନୀରୋଗ ଜିଅନ୍ତୁ
ଶ୍ୱାସରୋଗ, କାଶ, ସ୍ନାୟୁରୋଗ, ବଦହଜମି, ପେଟ ଗ୍ୟାସ୍, ପେଟରେ ଜ୍ୱାଳା, କୋଷ୍ଠକାଠିନ୍ୟ, କ୍ଲାନ୍ତିରେ ପ୍ରଭାବୀ
ଧ୍ୟାନ ଦିଅନ୍ତୁ: ବିଗତ କିଛି ମାସ ଧରି ବଜାରକୁ ଏକା ସଦୃଶ ନାମ ଥିବା ଅନେକ ତୁଳସୀ ଡ୍ରପ୍‌ସ ଆସିଯାଇଛି ଯାହାର ପରିଣାମର କୌଣସି ପ୍ରାମାଣିକତା ନାହିଁ। ଯେବେ ପ୍ରଶ୍ନ ପରିବାରର ସ୍ୱାସ୍ଥ୍ୟର ହୋଇଥାଏ ତେବେ ନୂଆ ନୂଆ ପ୍ରୟୋଗ କରନ୍ତୁ ନାହିଁ ଏବଂ ବାଛନ୍ତୁ ବର୍ଷ ବର୍ଷର ପୁରୁଣା, କୋଟି କୋଟି ଲୋକଙ୍କ ଦ୍ୱାରା ପରୀକ୍ଷିତ ଏବଂ Clinical Study ରେ ପ୍ରମାଣିତ "ଜୋଲି ତୁଳସୀ 51 ଡ୍ରପ୍‌ସ"
Odisha : S.S» Jeevan Dhara Enterprises, Bbsr - 90400 34013 ☎ 0161-520-1588

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଶ୍ରୀୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦିନ ଦିନକର ସୁଆଗ କଥା**
**ଝୁରି ମରିବାକୁ କଲା ବିଧାତା।**

ଖୁବ୍ ଅଳ୍ପ ସମୟ ଭିତରେ ବ୍ୟକ୍ତି ଏତେ ଭଲ କାମ କରିଥାଏ ଯେ, ସେ ମୃତ୍ୟୁବରଣ କଲେ ତା' କଥା ଭାବିବାକୁ ସମସ୍ତେ ବାଧ ହୁଅନ୍ତି । ତାଙ୍କ ଗୁଣଗ୍ରାମ ଏତେ ମୁଗ୍ଧକର ହୋଇଥାଏ ଯେ, ସେ ମରିଗଲା ପରେ ବି ଆତ୍ମୀୟସ୍ୱଜନ ଆଖିରୁ ଲୁହ ଗଡ଼ାଇବା ସହ ବାହୁନିଥାନ୍ତି। ବିଧାତା ଭଲ ଲୋକଙ୍କୁ ବେଶି ଦିନ ରଖନ୍ତି ନାହିଁ ବୋଲି ଲୋକେ କୁହନ୍ତି। ସେମାନେ ଅଳ୍ପ ଦିନ ମଧ୍ୟରେ ବେଶି ଭଲ କାମ କରି, ଭଲ ଗୁଣ ଦେଖେଇ ବାହୁଡ଼ି ଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଖ ମୋ ପୁଅର ବଳିଷ୍ଠ ପଣ**
**ଭାଙ୍ଗି ଆଣିଅଛି ଚାକୁଣ୍ଡା ବଣ।**

ଚାକୁଣ୍ଡା ଡାଳ ଖୁବ୍ ମସ୍‌କା, ସହଜରେ ଭାଙ୍ଗିଯାଏ। ତାକୁ ଭାଙ୍ଗିବାରେ କି କାଟିବାରେ ବେଶି ଶାରୀରିକ ଶ୍ରମ ଲୋଡ଼ା ପଡ଼ି ନ ଥାଏ। ତେଣୁ ଏଥିରେ ବଳ ବା ସାମର୍ଥ୍ୟକୁ ନେଇ ଗର୍ବ କରିବା ନିରର୍ଥକ। ନିଜର ତୁଚ୍ଛା ଶକ୍ତି ସାମର୍ଥ୍ୟକୁ ନେଇ ଅନ୍ୟ ଆଗରେ ଅଯଥା ବାହାଦୁରି ଦେଖେଇ ହେଉଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

# ସାରଦାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୯।୯ (ବ୍ୟୁରୋ)

ବର୍ଷିୟାନ ଚଳଚ୍ଚିତ୍ର ନିର୍ଦ୍ଦେଶକ, ଗୀତିକାର ତଥା ନାଟ୍ୟକାର ସାରଦା ପ୍ରସନ୍ନ ନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ତାଙ୍କ ବିୟୋଗ ଓଡ଼ିଆ ସିନେମା ଜଗତରେ ଗୋଟିଏ ଯୁଗର ଅବସାନ ଘଟାଇଛି। 'ଲକ୍ଷ୍ମୀ', 'କା', 'ସ୍ତ୍ରୀ', 'ସଂସାର' ପରି ଚଳଚ୍ଚିତ୍ର ନିର୍ମାଣ କରି ସେ ଅଭୁଲା ଛାପ ଛାଡ଼ିଯାଇଛନ୍ତି। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଶୋକବ୍ୟକ୍ତ କରି କହିଛନ୍ତି, ଓଡ଼ିଆ ସିନେ ଜଗତ ଜଣେ ଶ୍ରେଷ୍ଠ ନିର୍ଦ୍ଦେଶକଙ୍କୁ ହରାଇଲା। ତାଙ୍କ ବିୟୋଗରେ ମୁଁ ଦୁଃଖିତ ଓ ମର୍ମାହତ ବୋଲି ଧର୍ମେନ୍ଦ୍ର ଟୁଇଟରରେ ଉଲ୍ଲେଖ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# କରୋନା ମାଡ଼ରେ ପର୍ଯ୍ୟଟନ ଶିଳ୍ପ ବେହାଲ

- **କ୍ଷତି ପରିମାଣ ୫ ଲକ୍ଷ କୋଟି ଛୁଇଁପାରେ**
- **ସିଆଇଆଇ, ହୋଟେଲିଭେଟ୍ ସର୍ଭେ**

ନୂଆଦିଲ୍ଲୀ, ୯।୯

କରୋନା ଯୋଗୁ ସାରା ବିଶ୍ୱ ବଜାର କ୍ଷତିଗ୍ରସ୍ତ ହୋଇଛି। ଭାରତ ବଜାରରେ କୋଭିଡ୍-୧୯କୁ ନିୟନ୍ତ୍ରଣ କରିବା ଲାଗି ସରକାର ଲଗାଇଥିବା କଟକଣା ଯୋଗୁ ଜିଡିପି ଗଭୀର ଭାବେ ପ୍ରଭାବିତ ହୋଇଛି। କରୋନା ମାଡ଼ରେ ଦେଶର ଟ୍ରାଭେଲ ଏବଂ ଟୁରିଜମ ସମେତ ଅନ୍ୟ ଆନୁଷଙ୍ଗିକ କ୍ଷେତ୍ରର ସ୍ଥିତି ବେହାଲ ହୋଇ ପଡିଛି। ବର୍ତ୍ତମାନ କଟକଣା କୋହଳ ହୋଇଥିଲେ ମଧ୍ୟ ସ୍ଥିତି ନିୟନ୍ତ୍ରଣକୁ ଆସି ପାରିନାହିଁ। ଟ୍ରାଭେଲ୍ ଏବଂ ଟୁରିଜମ ଶିଳ୍ପ ସମେତ ଏହାର ସମଗ୍ର ଭାଲ୍ୟୁ ଚେନ୍‌ର କ୍ଷତି ପ୍ରାୟ ୫ ଲକ୍ଷ କୋଟି ଟଙ୍କା(୬୫.୫୭ ବିଲିୟନ ଡଲାର)ରୁ ଛୁଇଁପାରେ। ଶିଳ୍ପ ସଂଘ କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରିଜ (ସିଆଇଆଇ) ଏବଂ ହସ୍ପିଟାଲିଟି କନ୍‌ସଲଟିଂ ଫାର୍ମ ହୋଟେଲିଭେଟ୍ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଏହା ଜଣାପଡିଛି। ସଙ୍ଗଠିତ ପର୍ଯ୍ୟଟନ ଶିଳ୍ପ ୨୫ ବିଲିୟନ ଡଲାର କ୍ଷତି ସହିବା ନେଇ ଏହି ରିପୋର୍ଟରେ ଆକଳନ କରାଯାଇଛି। ଏହି ଶିଳ୍ପ ବର୍ତ୍ତମାନ ସଙ୍କଟ ସ୍ଥିତି ଦେଇ ଗତି କରୁଛି। ସରକାର ଶୀଘ୍ର ସମସ୍ୟାର ସମାଧାନ ଲାଗି ପଦକ୍ଷେପ ନେବାକୁ ଏଥିରେ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଭାରତୀୟ ପର୍ଯ୍ୟଟନ ଶିଳ୍ପକୁ ଏହା ସବୁଠାରୁ ବଡ ଝଟକା ବୋଲି ଆକଳନ କରାଯାଇଛି। ମାନ୍ଦାବସ୍ଥା ସହ କଷ୍ଟରେ ଚାଲୁଥିବା ପର୍ଯ୍ୟଟନ ଶିଳ୍ପ ଉପରେ କରୋନା ଶଟ୍‌ଡାଉନର ମାଡ ପଡିଛି। ଆସନ୍ତା ବର୍ଷ ପ୍ରାରମ୍ଭ ପର୍ଯ୍ୟନ୍ତ ହୋଟେଲଗୁଡିକ ୩୦% କ୍ଷମତା ସହ ଚାଲିବାର ଏକ ଟ୍ରେଣ୍ଡ ବର୍ତ୍ତମାନ ଦେଖାଯାଇଛି। ହୋଟେଲଗୁଡିକ ୮୦ରୁ ୮୫% ରାଜସ୍ୱ କ୍ଷତି ସହୁଥିବା ରିପୋର୍ଟରେ ପ୍ରକାଶ ପାଇଛି।ଚଳିତ ବର୍ଷ ଜାନୁୟାରୀରେ ହୋଟେଲ ଶିଳ୍ପ ୮୦% କ୍ଷମତାରେ ଚାଲିଥିବା ବେଳେ ଫେବୃୟାରୀରେ ୭୦%, ମାର୍ଚ୍ଚରେ ୪୫% ଏବଂ ଏପ୍ରିଲରେ ଏହା ୭%କୁ ଖସି ଆସିଥିଲା। ସେହିଭଳି ମେ, ଜୁନ, ଜୁଲାଇ ଏବଂ ଅଗଷ୍ଟରେ ହୋଟେଲଗୁଡିକରେ କାର୍ଯ୍ୟ କ୍ଷମତା ଯଥାକ୍ରମେ ୧୦%, ୧୨%, ୧୫% ଏବଂ ୨୨% ରହିଛି। ସେପ୍ଟେମ୍ବରରେ ଏହା ୨୫%, ଅକ୍ଟୋବରରେ ୨୮%, ନଭେମ୍ବରରେ ୩୦% ଏବଂ ଡିସେମ୍ବରରେ ୩୫% ପର୍ଯ୍ୟନ୍ତ ବଢିପାରେ ବୋଲି ଆକଳନ କରାଯାଇଛି। ଉଭୟ ବ୍ରାଣ୍ଡ ଏବଂ ଅଣବ୍ରାଣ୍ଡ ବର୍ଗର ହୋଟେଲଗୁଡିକ ପ୍ରାୟ ୧.୪୨ ଲକ୍ଷ କୋଟି କ୍ଷତି ସହିବେ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ସେହିଭଳି ଟ୍ରାଭେଲ ଏଜେଣ୍ଟ ଏବଂ ଟୁର୍ ଅପରେଟରମାନେ ପ୍ରାୟ ୩୫,୦୭୦ କୋଟି ଟଙ୍କା କ୍ଷତି ସହିପାରନ୍ତି। କେବଳ ଅନ୍‌ଲାଇନ ଟ୍ରାଭେଲ ସେବା ଯୋଗାଣ କରୁଥିବା ପ୍ରମୁଖ କମ୍ପାନୀଗୁଡିକର ରାଜସ୍ୱରେ ପ୍ରାୟ ୧୦-୧୫% ବୃଦ୍ଧି ହୋଇପାରେ ବୋଲି ରିପୋର୍ଟରେ ଆକଳନ କରାଯାଇଛି।

# ୨ ଓଡ଼ିଆଙ୍କୁ ସିବିଏସ୍‌ଇ ଶିକ୍ଷକ ପୁରସ୍କାର

ନୂଆଦିଲ୍ଲୀ,୯।୯- ସିବିଏସଇ ଦ୍ୱାରା ପରିଚାଳିତ ବିଦ୍ୟାଳୟ ଗୁଡିକର ୩୮ ଜଣ ଶିକ୍ଷକଙ୍କୁ ସିବିଏସଇ ଶିକ୍ଷକ ପୁରସ୍କାର ବୁଧବାର ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରେ ୨ ଜଣ ଓଡିଆ ଶିକ୍ଷକ ଅଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ଗୋଷାଣିନୂଆଗାଁ ସଦାନନ୍ଦବିହାର ଡିଏଭି ପବ୍ଲିକ ସ୍କୁଲର ସାମାଜିକ ବିଜ୍ଞାନ ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ପାଣିଗ୍ରାହୀ ଏବଂ ଜଗତସିଂହପୁର ଜିଲା ପାରାଦୀପସ୍ଥିତ ପାରାଦୀପ ରିଫାଇନାରୀ ସ୍କୁଲର ଅଧ୍ୟକ୍ଷ ଡି.ପାନ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରୀ ଆଲ ନିଶଙ୍କ ଭିଡିଓ କନଫରେନ୍ସିଂ ଜରିଆରେ ଏହି ପୁରସ୍କାର ପ୍ରଦାନ କରିଛନ୍ତି।

ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଶିକ୍ଷକମାନେ ଶିକ୍ଷାର ମୂଳଦୁଆ ସ୍ଥାପନ କରିଥାନ୍ତି। ନୂଆ ଶିକ୍ଷାନୀତି ୨୦୨୦ରେ ଶିକ୍ଷକମାନଙ୍କୁ ଶିକ୍ଷା ବ୍ୟବସ୍ଥାର କେନ୍ଦ୍ରରେ ରଖାଯାଇଛି। ପ୍ରତ୍ୟେକ ପୁରସ୍କାର ବିଜେତାଙ୍କୁ ଏକ ପ୍ରମାଣ ପତ୍ର, ଉତ୍ତରୀୟ ଏବଂ ୫୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି। ୨୦୧୮ ପରଠାରୁ ଅନଲାଇନ ପକ୍ରିୟାରେ ସିବିଏସଇ ପକ୍ଷରୁ ପୁରସ୍କାର ବିଜେତାଙ୍କ ଚୟନ କରାଯାଇ ଆସୁଛି।

# କମ୍ପ୍ଲେନ୍ କମିଟିରେ ହାଜର ହେଲେ ପୀଡ଼ିତା, ଉପଜିଲାପାଳ

**ଉପଜିଲାପାଳ ଅଫିସରେ ମହିଳାଙ୍କୁ ଅସଦାଚରଣ ଘଟଣା**
- **ସତ୍ୟାସତ୍ୟ ଉନ୍ମୋଚନ ହେବ: ପୀଡିତା**
- **ଷଡଯନ୍ତ୍ରର ଶିକାର ହୋଇଛି : ନିଲମ୍ବିତ ଉପଜିଲାପାଳ**
- **ଫାଇନାଲ ରିପୋର୍ଟ ସରକାରଙ୍କୁ ପଠାଯିବ: କମିଟି ଅଧକ୍ଷା**

ବଲାଙ୍ଗୀର ଅଫିସ, ୯।୯

ବଲାଙ୍ଗୀର ଉପଜିଲାପାଳଙ୍କ ଅଫିସ ଭିତରେ ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ ଘଟଣାକୁ ନେଇ ଅନୁଷ୍ଠିତ ଜିଲାସ୍ତରୀୟ ଲୋକାଲ କମ୍ପ୍ଲେନ୍ କମିଟି ବୈଠକରେ ବୁଧବାର ଉଭୟ ପୀଡିତା ଓ ନିଲମ୍ବିତ ଉପଜିଲାପାଳ ହାଜର ହୋଇଥିଲେ। ଉଭୟ ପୀଡିତା ଓ ନିଲମ୍ବିତ ଉପଜିଲାପାଳଙ୍କୁ କମିଟି ବୈଠକରେ ହାଜର ହେବାକୁ ପୂର୍ବରୁ ନୋଟିସ କରାଯାଇଥିଲା। କମିଟି ଅଧକ୍ଷା ଶାନ୍ତିଲତା ବହିଦାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୀଡିତା ମହିଳା ଓ ନିଲମ୍ବିତ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ହାଜର ହୋଇ ନିଜର ପକ୍ଷ ରଖିଥିଲେ । ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ପ୍ରତିକ୍ରିୟାରେ ନିଲମ୍ବିତ ଉପଜିଲାପାଳ ମିଶ୍ର ତାଙ୍କ ବିରୁଦ୍ଧରେ ଷଡଯନ୍ତ୍ର ହୋଇଛି ବୋଲି କହିଥିଲେ । ତାଙ୍କ ଚାକିରି କାଳ ଭିତରେ ବଲାଙ୍ଗୀର ସହରର ଜବରଦଖଲ ଉଚ୍ଛେଦ କରାଯାଇଛି । ଆଗକୁ ଆହୁରି ଉଚ୍ଛେଦ କରିବାର ଥିଲା । ଏଥିରେ ଅନେକ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି ଓ ତାଙ୍କ ବିରୁଦ୍ଧରେ ଷଡଯନ୍ତ୍ର କରାଯାଇଛି ବୋଲି ସେ କହିଥିଲେ। କମିଟି ସମ୍ମୁଖରେ ବୁଧବାର ସେ ତାଙ୍କର ପକ୍ଷ ରଖିଛନ୍ତି ବୋଲି ସେ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ପୀଡିତା ମହିଳା କର୍ମଚାରୀ ଜଣକ କମିଟି ସମ୍ମୁଖରେ ତାଙ୍କ ପକ୍ଷ ରଖିଥିଲେ। ତାଙ୍କୁ ଅସଦାଚରଣ ଘଟଣାର ସତ୍ୟାସତ୍ୟ ଆଗକୁ ଉନ୍ମୋଚନ ହେବ ବୋଲି ସେ କହିଥିଲେ । କମିଟି ଉଭୟ ପୀଡିତା ଓ ନିଲମ୍ବିତ ଉପଜିଲାପାଳ ମିଶ୍ରଙ୍କ ପକ୍ଷ ଶୁଣିଛି । ଯାହା ପଚରାଯିବା କଥା ପଚରାଯାଇଛି । ଏସମ୍ପର୍କରେ ଗଣମାଧ୍ୟମକୁ କୁହାଯାଇ ପାରିବନାହିଁ ଓ ଖୁବ୍ ଶୀଘ୍ର କମିଟିର ଫାଇନାଲ ରିପୋର୍ଟ ସରକାରଙ୍କୁ ପଠାଯିବ ବୋଲି କମିଟି ଅଧକ୍ଷା ବହିଦାର ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୧୪ ତାରିଖରେ ବଲାଙ୍ଗୀର ଉପଜିଲାପାଳଙ୍କ ଅଫିସ ଚ୍ୟାମ୍ବରରେ ସେହି ଅଫିସରେ କାମ କରୁଥିବା ଜଣେ ମହିଳା କର୍ମଚାରୀଙ୍କୁ ଉପଜିଲାପାଳ ମିଶ୍ର ଅସଦାଚରଣ କରିଥିବା ନେଇ ସମ୍ପୃକ୍ତ ମହିଳା ଜଣକ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ସମ୍ପୃକ୍ତ ମହିଳା କର୍ମଚାରୀଙ୍କୁ ସେହି ଅଫିସରୁ ଅନ୍ୟ ଏକ ଅଫିସକୁ ବଦଳି କରାଯାଇଥିଲା । ଏହି ଅଭିଯୋଗ ଉପରେ ତଦନ୍ତ କରିବାକୁ ଜିଲାସ୍ତରୀୟ ଲୋକାଲ କମ୍ପ୍ଲେନ୍ କମିଟିକୁ ଜିଲାପାଳ ସୁପାରିଶ କରିଥିଲେ। ପ୍ରଥମେ କମିଟି ସଦସ୍ୟମାନେ ପୀଡିତାଙ୍କ ବୟାନ ରେକର୍ଡ କରି ପ୍ରାରମ୍ଭିକ ରିପୋର୍ଟ ସରକାରଙ୍କୁ ପଠାଇଥିଲେ । ମହିଳା ଅସଦାଚରଣ ଘଟଣାକୁ ନେଇ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଗତ ୪ ତାରିଖରେ ଉପଜିଲାପାଳ ମିଶ୍ରଙ୍କୁ ସରକାର ନିଲମ୍ବିତ କରିଥିଲେ।

# ଭାଙ୍ଗିଲା ଯୁକ୍ତ ୨ କଲେଜର ଗଭର୍ନିଂ ବଡି

ଭୁବନେଶ୍ୱର ୯।୯(ବ୍ୟୁରୋ): ରାଜ୍ୟରେ ଥିବା ସମସ୍ତ ବେସରକାରୀ ଅନୁଦାନପ୍ରାପ୍ତ ଯୁକ୍ତ ୨ କଲେଜର ଗଭର୍ନିଂ ବଡିକୁ ବୁଧବାର ଭାଙ୍ଗି ଦିଆଯାଇଛି। ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। ଗଭର୍ନିଂ ବଡିର ସଭାପତି ଭାବେ ଉପଜିଲାପାଳ ଏବଂ ଏଡିଏମ ଦାୟିତ୍ୱରେ ରହିବେ। ଜିଲା ମୁଖ୍ୟାଳୟରେ ଥିବା ବେସରକାରୀ ଅନୁଦାନପ୍ରାପ୍ତ କଲେଜର ସଭାପତି ଭାବେ ଏଡିଏମ ମାନେ ଦାୟିତ୍ୱରେ ରହିବେ। ସେହିପରି ମୁଖ୍ୟାଳୟ ବାହାରେ ରହିଥିବା କଲେଜର ସଭାପତି ଦାୟିତ୍ୱରେ ଉପଜିଲାପାଳ ରହିବେ। ଯେଉଁ ଜିଲାଗୁଡିକରେ ଜଣେରୁ ଅଧିକ ଏଡିଏମ ରହିଥିବେ ସେହି ସ୍ଥାନରେ ଜିଲାପାଳ ଜଣଙ୍କୁ ବାଛିବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ସାମାନ୍ୟ ବିଳମ୍ବିତ ସମୟରେ ଚେଷ୍ଟା କରୁଥିବା କାମଟିରେ ସଫଳତା ପାଇପାରିବେ। ପରିବାର,ଯାନବାହନ, ପରିବହନ ଏବଂ ବାଣିଜ୍ୟ,ଶିଳ୍ପ କ୍ଷେତ୍ରରେ ମଧ୍ୟ ଶିଥିଳତା ଦେଖାଦେବ। ବିଗତ ଦିନର ସମସ୍ୟାଗୁଡିକର ସମାଧାନ ସକାଶେ ବିଭିନ୍ନ ପ୍ରକାର ଚିନ୍ତା ମନକୁ ଆନ୍ଦୋଳିତ କରିବ।

**ବୃଷ**

ଆଦୌ ଆଶା କରି ନ ଥିବା କୌଣସି ଜିନିଷ କିମ୍ବା ଖବର ପାଇ ଖୁସି ହୋଇଯିବେ। ଭାବପ୍ରବଣତାବଶତଃ ଅନ୍ୟମନସ୍କହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ତଥାପି ରୋଜଗାରଠାରୁ ଖର୍ଚ୍ଚ ବଳିଯିବ।

**ମିଥୁନ**

ଗତକାଲିର କଳିତକରାଳ ବିଷୟର ପର୍ଯ୍ୟାଲୋଚନା କରି ଅନ୍ୟମନସ୍କ ରହିବେ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିପାରନ୍ତି । ପୁନର୍ବସୁ ନକ୍ଷତ୍ରର ଦୀର୍ଘଦିନର ଆଶା ଫଳବତୀ ହେବାରେ କୌଣସି ଅସୁବିଧା ରହିବ ନାହିଁ। ବିବାଦୀୟ ପରିସ୍ଥିତି କିମ୍ବା ମାଲି ମକଦ୍ଦମାରେ ସଫଳତା ପାଇନପାରନ୍ତି।

**କର୍କଟ**

କାର୍ଯ୍ୟ ସାଧନରେ ନିଜ ଲୋକମାନଙ୍କ ତରଫରୁ ସହଯୋଗ ପାଇବେନି। ଯାନବାହନ,ବ୍ୟବସାୟ ଓ ବାଣିଜ୍ୟରୁ ଲାଭବାନ ହେବେ। ନିର୍ମାଣାଧୀନ ଗୃହ,ରାସ୍ତାକାମ ହଠାତ୍ କିଛିଦିନ ସକାଶେ ଅଟକି ରହିଯାଇପାରେ। ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଅପରାଜିତ ରହିବେ ଓ ଆଇନ ଅଦାଲତର ରାୟ ସପକ୍ଷରେ ଯିବ।

**ସିଂହ**

କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକ ଆଜିହିଁ ଶେଷ କରିବାକୁ ମନସ୍ଥ କରିବେ। ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ମନ ଏକ ପ୍ରକାର ହାଲୁକା ହୋଇଯିବ। କୌଣସି ଗୃହ ବିଷୟରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବାର ଆଶା ରହିଛି ।

**କନ୍ୟା**

ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କର୍ମକ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ କିନ୍ତୁ କୌଣସି ଉପାୟ ପାଇବେ ନାହିଁ। ପାଖପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ ।

**ତୁଳା**

କାମଗୁଡ଼ିକ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାରେ ସମ୍ପନ୍ନ ହେବ ଆପଣଙ୍କ ପାଇଁ ହୋଇ ନ ପାରେ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ କିନ୍ତୁ ଏଥିପାଇଁ ଆପଣଙ୍କୁ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ । ପ୍ରତ୍ୟେକ ପରିସ୍ଥିତିକୁ ହାଲୁକା ଭାବେ ଗ୍ରହଣ କରି ଅସୁବିଧାର ସମ୍ମୁଖୀନ ହେବେ।

**ବିଛା**

ଆଜି ଦିନସାରା ଟେନ୍‌ସନ ଲାଗି ରହିବା କାରଣରୁ ମାନସିକ ସ୍ଥିତି ଠିକ୍ ରହିବନାହିଁ। ଜ୍ୟେଷ୍ଠା ନକ୍ଷତ୍ର ଭୁଲ୍ ରାସ୍ତାରେ ପାଦଦେଇ ଅସୁବିଧାରେ ପଡ଼ିପାରନ୍ତି। କାରବାର ବୃଦ୍ଧି ହେତୁ ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ସାମୟିକ ଆତ୍ମତୃପ୍ତି ଲାଭ କରିବେ । ସତ୍‌ସଙ୍ଗ କିମ୍ବା ଆଧାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ।

**ଧନୁ**

ପାରିବାରିକ କଳହ, ଟଙ୍କା ପଇସାର ଦେଣନେଣ, କଚେରି ମାମଲା ଟେନ୍‌ସନର କାରଣ ହୋଇପାରେ। ସଭାସମିତିରେ ଆପଣଙ୍କ ପ୍ରସ୍ତାବ ବନ୍ଧୁମାନଙ୍କ ମନକୁ ବେଶ୍ ପାଇବାରୁ ପ୍ରଶଂସିତ ହେବେ । ପ୍ରକାଶନ,ଏଜେନ୍ସିପ୍, ଗଣମାଧ୍ୟମ,ବେତାର,ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି ।

**ମକର**

ଯେତେ ପ୍ରକାର ଭଲ କାମ କଲେ ମଧ୍ୟ ଶତ୍ରୁତା,ଈର୍ଷାପରାୟଣ,ଅସୁସ୍ଥତା,ଓ ଅଭାବବୋଧ ଯୋଗୁ ମନ ଭାରାକ୍ରାନ୍ତ ରହିବ। ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜି ବାହାର କରିବାକୁ ମନସ୍ଥ କରିପାରନ୍ତି। ପାରିବାରିକ ସମସ୍ୟା ଭିତରେ ପିଲାଙ୍କ ସମସ୍ୟା ବିଷୟ ଚିନ୍ତାକରି ଅନ୍ୟମନସ୍କ ରହିବେ।

**କୁମ୍ଭ**

ଆଜି ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି। ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବାର ସୂଚନା ରହିଛି। ପରିବାରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନାକୁ ଏଡିହେବ ନାହିଁ ।

**ମୀନ**

ଆଜି ପରିବାର କଥା ନେଇ ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଲୋଚନା କରିପାରନ୍ତି। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ । ବନ୍ଧୁ ମିଳନରୁ ଆନନ୍ଦିତ ହେବେ ଓ ମାଙ୍ଗଳିକ କାମରେ ବ୍ୟସ୍ତ ରହିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ ।

ଆଜି ଆଶ୍ୱିନ କୃଷ୍ଣପକ୍ଷର ମୂଳାଷ୍ଟମୀ ଗୁରୁବାର,ଦ୍ୱିତୀବାହନ ଓଷା,ପୁଅ ଜିଉନ୍ତିଆ,ଚାତୁର୍ମାସ୍ୟା ଗୁରୁବାର ବ୍ରତ, ନଭେମ୍ବର ୧୦ ତାରିଖ,ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ,ରାଶିନକ୍ଷତ୍ର-ଦିବା ଘ.୦୧।୩୮ମି.ପର୍ଯ୍ୟନ୍ତ ରୋହିଣୀ/ବୃଷ,ବିଛା ରାଶିର ଘାତଚନ୍ଦ୍ର, ଅଷ୍ଟମୀରଶ୍ରାଦ୍ଧ,ସକାଳ ଘ୦୫।୩୬ ଗତେ ଘ.୦୭।୦୧ ମଧ୍ୟେ, ଘ.୧୦।୩୦ ଗତେ ଘ.୧୨।୫୬ ମଧ୍ୟେ ମାହେନ୍ଦ୍ରବେଳା। ରାତ୍ରି ଘ.୦୨।୨୮ ଗତେ ଘ.୦୩।୧୫ ମଧ୍ୟେ ଅମୃତବେଳା। ଦିବା ଘ.୦୧।୧୫ମି ଗତେ ଘ.୦୨।୪୬ ମଧ୍ୟେ ରାହୁକାଳ।


# classifieds

**Everyday**
0674-2580101, 2549302




**SALE**

ଭୁବନେଶ୍ୱର ନିକଟସ୍ଥ ପିତାପଲ୍ଲୀଛକରେ NH16କୁ ଲାଗି 30ft mainroad ଓ 25ft subroad ଥାଇ BDA ଅନ୍ତର୍ଭୁକ୍ତ ସ୍ଥିତିବାନ ପ୍ଲଟ୍ Electricity, ପାଚେରିସହ ମିଳୁଅଛି। 9090963952. D-69141

Bhubaneswar Engineering College (BEC), Backside Govt. ରାସ୍ତାକୁ ଲାଗି ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8338932027. D-69150




Rejuvenate and full Ayurvedic body massage by smart therapist. 9348123330. D-69706

Newly open full body massage SPA in Bhubaneswar. Contact: 7205058838. D-69741

Newly open spa centre smart therapist body massage,Bamikhal, 7205187702. D-59960

Open new SPA station 3rd floor, Big Bazar, Nayapalli. 7655024727, 8118079281. D-69536

Newly open spa centre smart therapist body massage, Rasulgarh: 7846814019. D-59959

Herbal full body massage by smart / expert therapist. Contact: 8338067247. D-69737

Swarna SPA newly open positively health benefits with expert therapist. 7873794731. D-69736

Get refreshment body massage by expert therapist contact for. 9556978408. D-69738

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଛି କି ମୁଁ ସୁଚିସ୍ମିତା ମାନସିଂ, ଗ୍ରାମ: ସୁଜନପୁର, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ, ସୁକାନ୍ତ କୁମାର ସ୍ୱାଇଁ, ଗ୍ରାମ: ରେଙ୍ଗଲ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀଙ୍କୁ ବିବାହ କରିଅଛି। ତେଣୁ ମୋର ନାମ ସୁଚିସ୍ମିତା ମାନସିଂ ପରିବର୍ତ୍ତେ ସୁଚିସ୍ମିତା ସ୍ୱାଇଁ ଭାବେ ସମସ୍ତ ସରକାରୀ ଓ ବେସରକାରୀ ସ୍ତରରେ ବ୍ୟବହାର କରାଯିବ। D-18185

By an affidavit before the Notary Public, Jharsuguda I Prashant Kumar Ojha declare that Prashant Ojha, S/o.- Sansari Ojha, C/o.- Nanda Kishore Sahu, Dalki, near Jagannath Mandir, Dalki, Jharsuguda - 768201, Odisha, Prashant Kumar Ojha, S/o.- Sansari Ojha, Dalki, Jharsuguda - 768202 and Prasanta Kumar Ojha, S/o.- Sansari Ojha, Dalki, Jharsuguda - 768201. All the above names relates to one and same person. D-69809


## ପ୍ରଥମ ପୃଷ୍ଠାରୁ...

### ଭୋଟ ଦେଇପାରିବେ ...

ଅଧୀକ୍ଷକଙ୍କ ସହ ଉପନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଛନ୍ତି। କୋଭିଡ୍ ସଂକ୍ରମଣକୁ ଦେଖି ନିର୍ବାଚନ ସମୟରେ ଜଣେ ଅଭିଜ୍ଞ ଡାକ୍ତରଙ୍କୁ ଜିଲା ଓ ନିର୍ବାଚନମଣ୍ଡଳୀ ସ୍ତରରେ ନୋଡ଼ାଲ ସ୍ୱାସ୍ଥ୍ୟାଧିକାରୀ ଭାବେ ନିଯୁକ୍ତି ପ୍ରଦାନ କରାଯିବ। ନିର୍ବାଚନ ସମୟରେ ସାମାଜିକ ଦୂରତ୍ୱ ବଜାୟ ରଖି ଗୋଟିଏ ବୁଥିରେ ସର୍ବାଧିକ ୧ ହଜାର ମତଦାତା ଭୋଟ ଦେଇପାରିବେ। ଜିଲା ନିର୍ବାଚନ ଅଧିକାରୀ ସମ୍ପୃକ୍ତ ରାଜନୈତିକ ଦଳର କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରି ଅତିରିକ୍ତ ବୁଥ୍ ଗଠନ ଉପରେ ଗୁରୁତ୍ୱ ଦେବେ । କୋଭିଡ୍-୧୯ ମହାମାରୀ ପରିପ୍ରେକ୍ଷୀରେ ସୁରୁଖୁରୁରେ ଉପନିର୍ବାଚନ ପରିଚାଳନା କରିବା ସମସ୍ତଙ୍କ ପାଇଁ ଚ୍ୟାଲେଞ୍ଜ ହେବ। ନିର୍ବାଚନ ସମୟରେ କୋଭିଡ୍-୧୯ ନିୟମକୁ କଡ଼ାକଡ଼ି ପାଳନ ସହ ସାମାଜିକ ଦୂରତ୍ୱ, ଥର୍ମାଲ୍ ସ୍କ୍ରିନିଂ, ମାସ୍କ ପିନ୍ଧିବା, ଗ୍ଲୋବସ୍ ପରିଧାନ, ସାନିଟାଇଜର ବ୍ୟବହାର, ଉଭୟ ଭୋଟର ଓ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ଲାଗି ବ୍ୟାପକ ସଚେତନତା ସୃଷ୍ଟି ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ନିର୍ବାଚନ କାର୍ଯ୍ୟ ପରିଚାଳାନା ନିମନ୍ତେ ନିୟୋଜିତ କର୍ମଚାରୀଙ୍କୁ ତାଲିମ, ଯାନବାହନ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ଷ୍ଟ୍ରଙ୍ଗରୁମ୍ ଓ ଭୋଟ ଗଣତି କେନ୍ଦ୍ର ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବୈଠକରେ ଆଲୋଚନା ହୋଇଛି। ବିଗତ ଦିନରେ ହେଉଥିବା ଉପନିର୍ବାଚନ ଭଳି ଏଥର ହୋଇପାରିବ ନାହିଁ। କରୋନା ମହାମାରୀ ପରେ ପରିସ୍ଥିତି ବଦଳି ଯାଇଛି। ଏହା ସତ୍ତ୍ୱେ ଆସନ୍ତା ଉପନିର୍ବାଚନରେ ସମସ୍ତଙ୍କୁ ମଧ୍ୟ ଭୋଟ ଦେବାର ସୁଯୋଗ ମିଳିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଦେଶରେ ଖାଲି ପଡିଥିବା ୬୪ଟି ବିଧାନସଭା ଏବଂ ଗୋଟିଏ ଲୋକସଭା ନିର୍ବାଚନ ମଣ୍ଡଳୀର ଉପନିର୍ବାଚନ ବିହାର ବିଧାନସଭା ନିର୍ବାଚନ ସହ ଅନୁଷ୍ଠିତ ହେବ। ଭାରତ ନିର୍ବାଚନ କମିଶନ ଏ ନେଇ ବିଜ୍ଞପ୍ତି ପ୍ରକାଶ କରି ସାରିଛନ୍ତି। କରୋନା ମହାମାରୀ ସଂକ୍ରମଣକୁ ଦେଖି କଟକଣା ମଧ୍ୟରେ ନିର୍ବାଚନ କରିବାକୁ କମିଶନ ନିଷ୍ପତ୍ତି ନେଇଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ଜାରି କରାଯାଇଥିବା ଗାଇଡଲାଇନକୁ କଡ଼ାକଡି ପାଳନ କରାଯିବ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତ ଏବଂ ତିର୍ତ୍ତୋଲ ବିଧାୟକ ବିଷ୍ଣୁଚରଣ ସେଠୀଙ୍କ ଦେହାନ୍ତ ପରେ ଖାଲି ପଡିଥିବା ଏହି ଦୁଇ ଆସନ ଲାଗି ଉପନିର୍ବାଚନ ହେବ।

### ଉଦ୍ଧବଙ୍କୁ ଜବାବ ...

ସଞ୍ଜୟ ରାଉତଙ୍କ ବିରୋଧରେ ବିଭିନ୍ନ ପ୍ରକାର ଟିପ୍ପଣୀ ଦେଇ ଆସିଛନ୍ତି ସେ। ଗତ ସପ୍ତାହରେ କଙ୍ଗନା କହିଥିଲେ, ତାଙ୍କୁ ବର୍ତ୍ତମାନର ମହାରାଷ୍ଟ୍ର ସରକାର ପାଇଁ ଡର ଲାଗୁଛି। ଏପରି କି ସେ ବମ୍ବେକୁ ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ) ସହ ତୁଳନା କରିଥିଲେ। ଯେଉଁ ମନ୍ତବ୍ୟକୁ ନେଇ ବମ୍ବେରେ ଏକ ପ୍ରକାର ଝଡ଼ ସୃଷ୍ଟି ହୋଇଥିଲା। ଏହାର ପ୍ରତିବାଦରେ ଶିବସେନା ନେତା ସଞ୍ଜୟ ରାଉତ କହିଥିଲେ, ଯଦି କଙ୍ଗନାଙ୍କୁ ଡର ଲାଗୁଛି ତେବେ ସେ ବମ୍ବେ ନ ଆସନ୍ତୁ। ଯାହାକୁ ନେଇ କଙ୍ଗନା ମଧ୍ୟ ଟୁଇଟ୍ କରି କହିଥିଲେ, ମହାରାଷ୍ଟ୍ର କାହା ବାପା ସମ୍ପତ୍ତି ନୁହେଁ। ଯିଏ ମରାଠୀର ଗୌରବକୁ ପ୍ରତିଷ୍ଠିତ କରିପାରିଛି ମହାରାଷ୍ଟ୍ର ତା'ର ଅଟେ। ଆଉ ମୁଁ ଗର୍ବର ସହ କହିବାକୁ ଚାହେଁ ଯେ, ମୁଁ ମରାଠୀ। ଯାହାର ଯାହା କରିବାର ଅଛି କରିକି ଦେଖାଅ ବୋଲି କଙ୍ଗନା କହିଥିଲେ। ଏପରି କି ସେ ଖୋଲା ଚ୍ୟାଲେଞ୍ଜ ଦେଇ କହିଥିଲେ ଯେ, ସେପ୍ଟେମ୍ବର ୯ରେ ବମ୍ବେ ଆସିବେ। ଆଉ ଏଥିପାଇଁ ସେ କେନ୍ଦ୍ର ନିକଟରେ ଆବେଦନ ମଧ୍ୟ କରିଥିଲେ। ସୂଚନାଯୋଗ୍ୟ କିଛି ଦିନ ତଳେ ତାଙ୍କୁ ୱାଇପ୍ଲସ ସୁରକ୍ଷା ପ୍ରଦାନ କରାଯାଇଛି।

### ନୋବେଲ ଶାନ୍ତି ପୁରସ୍କାର ...

ତେବେ ଟ୍ରମ୍ପଙ୍କ ନାମକୁ ନେଇ ପୁରସ୍କାର ପ୍ରଦାନକାରୀ ସଂସ୍ଥା ନରୱେଜିଆନ୍ ନୋବେଲ କମିଟି ମନ୍ତବ୍ୟ ଦେବାକୁ ମନା କରିଦେଇଛି। ସୂଚନାଯୋଗ୍ୟ, ଗତବର୍ଷ ଟ୍ରମ୍ପ କହିଥିଲେ, ଯୁଦ୍ଧ ପ୍ରଭାବିତ ଉତ୍ତର କୋରିଆ ଓ ସିରିଆରେ ଶାନ୍ତି ପ୍ରତିଷ୍ଠା ଯୋଗୁ ସେ ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଯୋଗ୍ୟ। ତେବେ ସମ୍ଭବତଃ ତାଙ୍କୁ କେବେହେଲେ ଏହି ପୁରସ୍କାର ମିଳି ନ ପାରେ। ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ୨୦୦୯ରେ ନୋବେଲ ପୁରସ୍କାର ପାଇଥିଲେ। ଚଳିତବର୍ଷ ଅକ୍ଟୋବର ୯ରେ ନୋବେଲ ଶାନ୍ତି ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯିବ। ଅକ୍ଟୋବର ୩ରେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ ଟ୍ରମ୍ପଙ୍କ ନାମ ସୁପାରିସ କରାଯାଇଛି। ଏହା ତାଙ୍କୁ ନିର୍ବାଚନରେ ବିଜୟୀ ହେବା ପାଇଁ ସହାୟକ ହେବ ବୋଲି କୁହାଯାଉଛି।

### ଆଇଏଏସ୍ ଅଫିସର ...

ସିନ୍ଦେଙ୍କୁ ଗଞ୍ଜାମ ପିଡି ଡିଆରଡିଏ, ଗୁଣପୁର ଉପଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋଣ୍ଡାରଙ୍କୁ ବ୍ରହ୍ମପୁର ମହାନଗର ନିଗମ କମିଶନର, ଗଞ୍ଜାମ କୋଭିଡ୍-୧୯ ପରିଚାଳନା ଓଏସ୍‌ଡି କୀର୍ତ୍ତି ବାସନ ଭି.ଙ୍କୁ ବ୍ରହ୍ମପୁର ଉପଜିଲାପାଳ ଏବଂ ଗଜପତି ଜିଲା କୋଭିଡ୍-୧୯ ପରିଚାଳନା ଦାୟିତ୍ୱରେ ଥିବା ଓଏସ୍‌ଡି ଜେ. ସୋନଲଙ୍କୁ ଗୁଣପୁର ଉପଜିଲାପାଳ ଭାବେ ବଦଳି କରାଯାଇଛି।

ଧରିତ୍ରୀ
DHARITRI
ଗୁରୁବାର, ୧୦ ସେପ୍ଟେମ୍ବର, ୨୦୨୦



## ନାବାଳକଙ୍କୁ ଉଦ୍ଧାର କଲା ଚାଇଲ୍ଡ୍‌ଲାଇନ୍

**ସଜନାଗଡ଼ (ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ବରହମ୍ପୁର ଥାନା ଅଧୀନରେ ମାନସିକ ଭାରସାମ୍ୟ ହରାଇଥିବା ଜଣେ ନାବାଳକଙ୍କୁ ଚାଇଲ୍ଡ୍‌ଲାଇନ ଉଦ୍ଧାର କରିଛି। ନାବାଳକଙ୍କ ଘର ଦଶପଲ୍ଲାରେ କହୁଥିବା ବେଳେ ତାଙ୍କ ବୟସ ଆନୁମାନିକ ୧୬ବର୍ଷ ହେବ। ଖଇରା ଚାଇଲ୍ଡ୍‌ଲାଇନ ସଦସ୍ୟ ପଞ୍ଚାନନ ତ୍ରିପାଠୀ, ଜ୍ୟୋତି ପ୍ରକାଶ କର ଉଭୟ ଉଦ୍ଧାର କରି ବାଲେଶ୍ୱର ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛନ୍ତି।

# ସଂକ୍ଷେପରେ

## ଦେଢ଼ ହଜାର ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

**ଅନୁଗୋଳ ଅଫିସ, ୯।୯:** ଅନୁଗୋଳ ଜିଲାରୁ ବୁଧବାର ୧୦୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫୦୩ରେ ପହଞ୍ଚିଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଆଠମଲ୍ଲିକ ବ୍ଲକରୁ ୩୨, ବଅଁରପାଳରୁ ୨୭, ତାଳଚେର ବ୍ଲକରୁ ୧୫, ଛେଣ୍ଡିପଦାରୁ ୯, ଅନୁଗୋଳ ପୌରାଞ୍ଚଳରୁ ୮, କଣିହାଁରୁ ୭, ତାଳଚେର ପୌରାଞ୍ଚଳରୁ ୩, ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳରୁ ୩ ଓ ପାଲଲହଡ଼ାରୁ ୨, ଅନୁଗୋଳ ବ୍ଲକରୁ ୩ ଜଣ ରହିଛନ୍ତି। ଲକ୍ଷଣଯୁକ୍ତଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବାବେଳେ ଲକ୍ଷଣବିହୀନଙ୍କୁ ଘରେ ଆଇସୋଲେଶନରେ ରହିବାର ବ୍ୟବସ୍ଥା କରାଯାଉଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସୁସ୍ଥ ହୋଇଥିବା ଆଉ ୪ ଜଣଙ୍କୁ ମିଶାଇ ଜିଲାରେ ମୋଟ ସୁସ୍ଥଙ୍କ ସଂଖ୍ୟା ୫୪୯ରେ ପହଞ୍ଚିଛି।

## ପୋଷ୍ଟ ଅଫିସ୍‌ରେ କରୋନା

**ଆଠମଲ୍ଲିକ, ୯।୯(ଡି.ଏନ.ଏ.):** ଅନୁଗୋଳ ଜିଲା ଆଠମଲ୍ଲିକ ସବ୍ ପୋଷ୍ଟଅଫିସ୍‌ର ୨ ଜଣ କର୍ମଚାରୀ ବୁଧବାର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଜଣାପଡିବା ପରେ କାର୍ଯ୍ୟାଳୟକୁ ୨ ଦିନ ବନ୍ଦ ରଖାଯିବାକୁ ସବ୍‌ପୋଷ୍ଟ ମାଷ୍ଟର ଘୋଷଣା କରିଛନ୍ତି। ସେହିପରି ଆଠମଲ୍ଲିକ ଏନ୍ଏସି, ପୋଲିସ, କେନ୍ଦୁପତ୍ର ଡିଭିଜନର କର୍ମଚାରୀ ମଧ୍ୟ କରୋନା ପଜିଟିଭ୍ ବାହାରିଥିବା ଜଣାପଡିଛି।

## ୫୪ ଜଣଙ୍କ ସ୍ୱାବ୍ ସଂଗ୍ରହ

**ବଇଣ୍ଡା, ୯।୯(ଡି.ଏନ.ଏ.):** କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ବୁଧବାର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାବ୍ ସଂଗ୍ରହ କରାଯାଇଛି। ଏଥିରେ ୪୩ ଜଣଙ୍କ ସ୍ୱାବ୍ ନିଆଯାଇଛି। ସେହିପରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୧ ଜଣଙ୍କ ସ୍ୱାବ୍ ପରୀକ୍ଷା ପାଇଁ ସଂଗ୍ରହ କରାଯାଇଛି। ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସରୋଜ କୁମାର ନନ୍ଦ, ଆୟୁଷ ଡା. ପ୍ରିୟବ୍ରତ ଦାସ, ନିହାରିକା ନାୟକ, ସେବତୀ ସାହୁ, ସରୋଜ ସାହୁ ପ୍ରମୁଖ ସ୍ୱାବ୍ ସଂଗ୍ରହ କରିଥିଲେ।

## ବଜ୍ରପାତରେ ୧୩ ଗୋରୁ ମୃତ

**କଣିହାଁ, ୯।୯(ଡି.ଏନ.ଏ.):** କଣିହାଁ ବ୍ଲକ ଅଞ୍ଚଳରେ ବୁଧବାର ଅପରାହ୍ନରେ ବଜ୍ରପାତ ଯୋଗୁ ରେଙ୍ଗାଳି ଥାନା ସୁଲେଇପାଳ ଗ୍ରାମରେ ଚରୁଥିବା ୧୩ ଗୋରୁଙ୍କ ମୃତ୍ୟୁ ଘଟିଛି। ପଞ୍ଚାୟତ ସାମଲ, ପ୍ରମୋଦ ବିଶି, ସୁଧାକର ସାମଲ, ଜଗବନ୍ଧୁ ସାମଲ, ପଞ୍ଚାନନ ସାମଲ, ଈଶ୍ୱର ବିଶି, ବିପିନ ସାମଲ, ବିଜନ ରାଉତ, ଶରତ ଚନ୍ଦ୍ର ଗଡନାୟକଙ୍କ ୧୩ ଗାଈ ବଳଦଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ସେମାନଙ୍କୁ କ୍ଷତିପୂରଣ ଯୋଗାଯିବାକୁ ଭାଜପା ନେତା ସୌଭାଗ୍ୟ ରାଉତ ଦାବି କରିଛନ୍ତି। କଣିହାଁ ପ୍ରାଣୀ ଚିକିତ୍ସାଧିକାରୀ ଡା. କମଳ ଲୋଚନ ଦାସ କହିଛନ୍ତି, ୧୩ଟି ଗାଈ, ବଳଦ ମରିଛନ୍ତି। ତଦନ୍ତ ପରେ କ୍ଷତିପୂରଣ ପ୍ରଦାନ କରାଯିବ।

## ପଞ୍ଚାୟତ ମହିଳା ପ୍ରତିନିଧିଙ୍କୁ ତାଲିମ

**ଢେଙ୍କାନାଳ ଅଫିସ,୯।୯:** ଜଳ ସୁପରିଚାଳନା, ସଂରକ୍ଷଣ ଉପରେ ଢେଙ୍କାନାଳ ପିପାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିସରରେ ମହିଳା ପଞ୍ଚାୟତ ପ୍ରତିନିଧିମାନଙ୍କୁ ନେଇ ଦୁଇଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଳ ବ୍ୟବହାର ଓ ସଂରକ୍ଷଣ ଦିଗରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶିବିରରେ ମତପ୍ରକାଶ ପାଇଥିଲା। ଏଥିସହ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦି ହଙ୍ଗର ପ୍ରୋଜେକ୍ଟ ସହାୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରକଳ୍ପ ସଂଯୋଜକ ରୁଦ୍ର ନାରାୟଣ ମିଶ୍ର, ମମତାମୟୀ ପଣ୍ଡା ପରିଚାଳନା କରିଥିଲେ।

## ଅବକାରୀ ଚଢ଼ାଉ, ଜଣେ ଗିରଫ

**ଅନୁଗୋଳ ଅଫିସ, ୯।୯:** ଅନୁଗୋଳ ଜିଲା ଅବକାରୀ ବିଭାଗର ସଦର ଓ ମୋବାଇଲ ସ୍କ୍ୱାଡ ପକ୍ଷରୁ ବୁଧବାର ବନ୍ତଳା ଥାନା ହମାମୀରା ଓ ତଳଗଡ଼ ଗ୍ରାମରେ ଚଢ଼ାଉ କରାଯାଇଛି। ଏଥିରେ ହମାମୀରାର ସରୋଜ ମହାନ୍ତି(୪୦) ଗିରଫ ହୋଇଛନ୍ତି। ତଳଗଡ଼ରେ ୮ଶହ କେଜି ପୋଚ, ୭୦ ଲିଟର ଦେଶୀ ମଦ ସହ ସରୋଜଙ୍କ ଘରୁ ୪୫୦ ଲିଟର ପୋଚ ଜବତ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଅବକାରୀ ସଦର ଇନ୍ସପେକ୍ଟର ଦିଲୀପ କୁମାର ବେହେରା, ମୋବାଇଲ ସ୍କ୍ୱାଡର କରୁଣା ଶଙ୍କର ତିୱାରୀଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା।

# ସଚେତନତା ଅଭାବରୁ ବଢ଼ୁଛି ଅପପୁଷ୍ଟି

**ମୟୂରଭଞ୍ଜ ଜିଲା**

**ବାରିପଦା ଅଫିସ, ୯।୯**

ସଚେତନତାର ଅଭାବ ଓ ପାରିପାର୍ଶ୍ୱିକ ପରିସ୍ଥିତି ଯୋଗୁ ମୟୂରଭଞ୍ଜ ଜିଲାରେ ବହୁ ଶିଶୁ ଓ ମା' ଅପପୁଷ୍ଟି ରୋଗର ଶିକାର ହେଉଛନ୍ତି । ବିଭାଗର ପ୍ରଚେଷ୍ଟା ସତ୍ତ୍ୱେ ଜୀବନଜୀବିକାକୁ ନେଇ ବହୁ ପରିବାର ସରକାରୀ ସାହାଯ୍ୟଠାରୁ ଦୂରେଇ ଯାଇ ପ୍ରମାଦ ଗଣୁଛନ୍ତି। ଏଭଳି ଘଟଣା ପ୍ରତି ବ୍ଲକରେ ଦେଖିବାକୁ ମିଳୁଥିବା ବେଳେ ଜିଲାର ଅପହଞ୍ଚ ଇଲାକାର ଅନେକ ଶିଶୁ ପୁଷ୍ଟିହୀନତାର ଶିକାର ହୋଇ ମଧ୍ୟ ଡାକ୍ତରଖାନାରେ ପହଞ୍ଚି ପାରୁନାହାନ୍ତି। ଫଳରେ ସରକାରୀ ଯୋଜନାର ସଫଳ ରୂପାୟନରେ ବିଳମ୍ବ ଘଟୁଛି ।

ମୟୂରଭଞ୍ଜ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀନରେ ରହିଛି ପୁଷ୍ଟି ବିକାଶ କେନ୍ଦ୍ର। ୨୦୦୯ରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ଖୋଲାଯାଇଥିବା ଏହି କେନ୍ଦ୍ରରେ ରହିଛି ୧୦ଟି ବେଡ୍। ଅପପୁଷ୍ଟିର ଶିକାର ହୋଇଥିବା ଶୂନରୁ ୫ବର୍ଷ ବୟସ୍କ ପିଲାଙ୍କୁ ଏଠାରେ ଚିକିତ୍ସା କରାଯାଇଥାଏ। ସରକାରଙ୍କ ପକ୍ଷରୁ ଶିଶୁର ଓଜନ ବୃଦ୍ଧି ହେବା ପର୍ଯ୍ୟନ୍ତ ସମସ୍ତ ଚିକିତ୍ସା ଓ ଔଷଧ ଖର୍ଚ୍ଚ ବହନ କରାଯାଉଥିବା ବେଳେ ସେବାକାରୀ ଭାବେ ରହୁଥିବା ବ୍ୟକ୍ତିଙ୍କୁ ମଧ୍ୟ ନିଃଶୁଳ୍କ ସେବା ଯୋଗାଇ ଦିଆଯାଇଥାଏ। ସେହିପରି ଯିବା ଆସିବା ଖର୍ଚ୍ଚଠାରୁ ଆରମ୍ଭ କରି ସେବାକାରୀଙ୍କ ଦୈନିକ ରୋଜଗାର ଭରଣା ବାବଦରେ ଏକ ଶହ ଟଙ୍କା, ନିତ୍ୟବ୍ୟବହାର୍ଯ୍ୟ ଜିନିଷ ପର୍ଯ୍ୟନ୍ତ ଶିଶୁ ଓ ସେବାକାରୀଙ୍କୁ ଦିଆଯାଇଥାଏ। ୧ବର୍ଷ ତଳର ଶିଶୁଙ୍କୁ ସମ୍ପୂର୍ଣ୍ଣା ଯୋଜନାରେ ୫ଶହ ଟଙ୍କା ପ୍ରଦାନ କରାଯାଇଥାଏ। ରିପୋର୍ଟରୁ ଜଣାଯାଏ, ୨୦୧୪-୧୫ରେ ୨୧୮ଜଣ, ୧୫-୧୬ରେ ୧୭୨, ୧୬-୧୭ରେ ୨୦୫,୧୭-୧୮ରେ ୧୧୭, ୧୮-୧୯ରେ ୧୬୬ ଓ ୨୦୧୯-୨୦ରେ ୧୫୫ଜଣ ଶିଶୁ ପୁଷ୍ଟିହୀନତାର ଶିକାର ହୋଇ ଏହି ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି । ୮୦ପ୍ରତିଶତ ରୋଗୀ ପୁଷ୍ଟି ବିକାଶ କେନ୍ଦ୍ରରୁ ଭଲ ହୋଇ ଫେରୁଥିବା ବେଳେ ଗତ ୪ମାସ ମଧ୍ୟରେ ମାତ୍ର ୧୭ଜଣ ଶିଶୁ ପୃଷ୍ଟି ବିକାଶ କେନ୍ଦ୍ରରେ ଚିକତ୍ସିତ ହୋଇଛନ୍ତି । ଅଗଷ୍ଟ ମାସରେ ମାତ୍ର ୪ଜଣ ଶିଶୁ ଚିକିତ୍ସାଧିନ ଥିବା ବେଳେ ବେତନଟୀ ବ୍ଲକ ସାରିଆ ଗ୍ରାମର କରମି ମୁର୍ମୁଙ୍କ ଦେଢ ବର୍ଷର ଶିଶୁ ପୁତ୍ରଙ୍କ ବୟସ ବୃଦ୍ଧି ପାଉଥିବା ବେଳେ ଶରୀର ଓଜନ ବୃଦ୍ଧି ପାଉନାହିଁ। ଏପରିକି ତାଙ୍କ ପ୍ରଥମ ସନ୍ତାନଙ୍କ ଅବସ୍ଥା ମଧ୍ୟ ଅନୁରୂପ। ପୁଷ୍ଟିହୀନତା ଯୋଗୁ ଉଭୟ ଶିଶୁ ଓ ମା' ଏହି ରୋଗର ଶିକାର ହୋଇଛନ୍ତି । ସେହିଭଳି କୁଳିଅଣା ଗ୍ରାମର ସେବତୀ ମାଝୀ ଓ ରାସଗୋବିନ୍ଦପୁର ଗ୍ରାମର ଫୁଲମଣି ଟୁଡୁଙ୍କ ଶିଶୁ ମଧ୍ୟ ପୁଷ୍ଟିହୀନତା ରୋଗର ଶିକାର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ଶିମିଳିପାଳ ସଂଲଗ୍ନ ଅଞ୍ଚଳରେ ବହୁ ଶିଶୁ ଏହି ରୋଗରେ ପୀଡିତ ହେଉଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ପ୍ରଚେଷ୍ଟା ଫେଲ୍ ମାରୁଛି।

ଏ ସଂକ୍ରାନ୍ତରେ ପୁଷ୍ଟିକର ପରାମର୍ଶଦାତା ସୋନାଲୀ ସାହୁଙ୍କୁ ପଚାରିବାରୁ ଅଙ୍ଗନୱାଡି କର୍ମୀମାନେ ଘର ଘର ବୁଲି ପୁଷ୍ଟିହୀନ ଶିଶୁଙ୍କୁ ବାରିପଦା ଡାକ୍ତରଖାନା ପଠାଇବାକୁ ଚେଷ୍ଟା କରୁଛନ୍ତି । ମାତ୍ର ଧାନ ରୋଇବା ଓ କାଟିବା ସମୟରେ ପରିବାର ଲୋକେ ଏଥିପ୍ରତି ଅଣଦେଖା କରି ଶିଶୁଙ୍କ ଚିକିତ୍ସା କରିବାକୁ ଆସୁନାହାନ୍ତି । ସେହିପରି କରୋନା ମହାମାରୀ କାରଣରୁ ଡାକ୍ତରଖାନାକୁ ରୋଗୀ ଆସିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ବୋଲି ସେ କହିଥିଲେ। ତେବେ ଆଦିବାସୀ ବହୁଳ ଜିଲାରେ ସଚେତନତା ଅଭାବରୁ ଅପପୁଷ୍ଟି ରୋଗ ବଢୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ଇପିଏଫ୍ ପେନ୍‌ସନ ପାଉନାହାନ୍ତି ଅବସରପ୍ରାପ୍ତ କର୍ମଚାରୀ



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଅବସରପ୍ରାପ୍ତ କର୍ମଚାରୀ ।

**ଜିଲାପାଳଙ୍କୁ ଦାବିପତ୍ର**

**ବାଲେଶ୍ୱର ଅଫିସ, ୯।୯**

ବାଲେଶ୍ୱର ଜିଲା ପୂର୍ତ୍ତବିଭାଗ କାର୍ଯ୍ୟାଳୟର କେତେଜଣ କର୍ମଚାରୀ ଅବସର ଗ୍ରହଣ କରିବାର ଦୀର୍ଘଦିନ ପରେ ମଧ୍ୟ ସେମାନଙ୍କର ଇପିଏଫ୍ ଏବଂ ପେନସନ୍‌ରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି। ଏନେଇ ସେମାନେ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ମାଧ୍ୟମରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପୂର୍ତ୍ତ ବିଭାଗର ଡିଏଲ୍‌ଆର୍ ବିଭିନ୍ନ ପଦବୀରେ ରହି କାର୍ଯ୍ୟ କରିଆସୁଥିବା ବେଳେ ଗତ ୨୦୧୩ରେ ପୂର୍ଣ୍ଣ ପରିଡ଼ା, ୨୦୧୪ରେ ଭୋଳାନାଥ ଦାସ ଓ ଅନ୍ନପୂର୍ଣ୍ଣା ମହାଳିକ, ୨୦୧୫ରେ ଅନିରୁଦ୍ଧ ବାରିକ, ୨୦୧୮ରେ ସୁଧାଂଶୁବାଳା ମହାପାତ୍ର ଓ ସାବିତ୍ରୀ ବେୱା ଅବସର ଗ୍ରହଣ କରିଥିଲେ। ଏଯାବତ୍ ସେମାନେ ଇପିଏଫ୍ ପେନସନ୍‌ରୁ ବଞ୍ଚିତ ରହିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କଠାରୁ ବିଭାଗୀୟ ମୁଖ୍ୟ ସଚିବଙ୍କ ପର୍ଯ୍ୟନ୍ତ ଲିଖିତ ଆବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ରାଜ୍ୟ ଇପିଏଫ୍ କମିଶନର ଓ କେନ୍ଦ୍ରୀୟ ମାନବାଧିକାର କମିଶନଙ୍କୁ ବାଲେଶ୍ୱର ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ଜରିଆରେ ଇପିଏଫ୍ ପେନସନରୁ ବଞ୍ଚିତ ଥିବା ମଧ୍ୟ ସ୍ମାରକପତ୍ର ଦେଇଛନ୍ତି। ରାଜ୍ୟ ଇପିଏଫ୍ କମିଶନର ନିର୍ଦ୍ଦେଶ ସତ୍ତ୍ୱେ ବାଲେଶ୍ୱର ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ଅବସର ଗ୍ରହଣ କରିଥିବା କର୍ମଚାରୀମାନଙ୍କର କେୱାଇସି, ଡିଏସ୍‌ସି, ମାସିକ/ବାର୍ଷିକ ରିଟର୍ନ ଆଦି ରାଜ୍ୟ ଇପିଏଫ୍ କମିଶନରଙ୍କଠାରେ ଦାଖଲ କରୁ ନ ଥିବା ଯୋଗୁ ଅବସରପ୍ରାପ୍ତ କର୍ମଚାରୀମାନେ ପେନସନ ପାଉ ନ ଥିବା ଅଭିଯୋଗ କରିଛନ୍ତି। ମାତ୍ର ପୂର୍ତ୍ତବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିଭିନ୍ନ ଆଳ ଦେଖାଇ କର୍ମଚାରୀମାନଙ୍କ ଜୀବନ ସହ ଖେଳୁଥିବା ଉକ୍ତ ଅବସରପ୍ରାପ୍ତ କର୍ମଚାରୀମାନେ ଅଭିଯୋଗ ଆଣିଛନ୍ତି । ଅନ୍ୟପକ୍ଷରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆମରଣ ଅନଶନ ଚେତାବନୀ ମଧ୍ୟ ଦେଇଛନ୍ତି।

# ଅଫ୍‌ଲାଇନ୍ ପରୀକ୍ଷାକୁ ବିରୋଧ




ଅଫ୍‌ଲାଇନ୍ ପରୀକ୍ଷାକୁ ବିରୋଧ କରୁଛନ୍ତି ବିଏଡ୍ ଛାତ୍ରୀଛାତ୍ର।

**କୁଳପତିଙ୍କୁ ଦାବିପତ୍ର ଦେଲେ ବିଏଡ୍ ଛାତ୍ରୀଛାତ୍ର**

**ବାଲେଶ୍ୱର ଅଫିସ, ୯।୯**

ବାଲେଶ୍ୱର ଜିଲା ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ(ବିଏଡ୍)ର ଛାତ୍ରୀଛାତ୍ର ଅଫ୍‌ଲାଇନ୍‌ରେ ଫାଇନାଲ୍ ପରୀକ୍ଷାକୁ ବୁଧବାର ବିରୋଧ କରି ଅନ୍‌ଲାଇନ୍ ପରୀକ୍ଷା ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ମହାମାରୀ କରୋନା ଯୋଗୁ ଦେଶର ସମସ୍ତ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବିଏଡ୍ ପରୀକ୍ଷାକୁ ଅନଲାଇନ୍ ଦ୍ୱାରା କରାଯାଉଥିବା ବେଳେ ବାଲେଶ୍ୱର ବିଏଡ୍ ପରୀକ୍ଷାକୁ ଅଫ୍‌ଲାଇନ୍‌ରେ କରିବାକୁ ନୋଟିସ୍ ଜାରି ହୋଇଛି। ନୋଟିସ୍ ଅନୁସାରେ ଆସନ୍ତା ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ପରୀକ୍ଷା ରହିଛି। ଅଭିଯୋଗ ଅନୁଯାୟୀ ବିଏଡ୍ କଲେଜରେ ବାଲେଶ୍ୱର ବ୍ୟତୀତ ଭଦ୍ରକ, ଅନୁଗୁଳ, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଭୁବନେଶ୍ୱରର ପିଲାମାନେ ପଢୁଛନ୍ତି। ମହାବିଦ୍ୟାଳୟରେ ଦୁଇଜଣ କରୋନା ଆକ୍ରାନ୍ତ ହୋଇଛନ୍ତି। ଜଣେ ମୃତ ଓ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଫଳରେ ମହବିଦ୍ୟାଳୟ ଅଦ୍ୟାବଧି ଶଟ୍‌ଡାଉନ୍ ରହିଛି। ବର୍ତ୍ତମାନ ହଷ୍ଟେଲ ମଧ୍ୟ ବନ୍ଦ ରହିଛି। ପରୀକ୍ଷା ସମୟରେ ଦୂରଦୂରାନ୍ତରୁ ଛାତ୍ରୀଛାତ୍ର ଆସି ରହିବା ଏବଂ ଖାଇବାରେ ବହୁ ପ୍ରତିବନ୍ଧକ ସୃଷ୍ଟି ହେବ। ଏଭଳି ପରିସ୍ଥିତିରେ ଅଫ୍‌ଲାଇନ୍ ପରୀକ୍ଷା ବଦଳରେ ଅନଲାଇନ୍‌ରେ ପରୀକ୍ଷା ପାଇଁ ଛାତ୍ରୀଛାତ୍ର ଦାବି କରିଛନ୍ତି। ମହାବିଦ୍ୟାଳୟ ଛାତ୍ର ସଙ୍ଗଠନର ସଭାପତି ଚିତ୍ତରଞ୍ଜନ ବେହେରା, ସମ୍ପାଦକ କ୍ରୀଷ୍ଣନନ୍ଦ ଦାସ, ଚନ୍ଦନ ଦାସ, ସନ୍ତୋଷ କୁମାର ଅଗସ୍ତି, କାଦର ଖାନ୍, ଶିବାନୀ ପ୍ରଧାନ, ପଞ୍ଚାମୀ ଗିରି ପ୍ରମୁଖ କୁଳପତି ଡ. ମଧୁମିତା ଦାସଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରିଥିଲେ।

## ବଦଳିଲେ ଅନୁଗୋଳ ଜିଲାପାଳ

**ଅନୁଗୋଳ ଅଫିସ, ୮।୯**

ରାଜ୍ୟରେ ୧୨ ଜଣ ପ୍ରଥମ ଶ୍ରେଣୀ ଅଧିକାରୀଙ୍କ ଅଦଳ ବଦଳ କରାଯାଇଛି। ଏନେଇ ବୁଧବାର ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତି ଅନୁଯାୟୀ ଅନୁଗୋଳ ଜିଲାପାଳ ଭାବେ କାର୍ଯ୍ୟ କରୁଥିବା ମନୋଜ କୁମାର ମହାନ୍ତିଙ୍କୁ ବଦଳି କରାଯାଇଛି। ତାଙ୍କୁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଅନୁଗୋଳର ନୂତନ ଜିଲାପାଳ ଭାବେ ୨୦୧୪ ବ୍ୟାଚର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସିଦ୍ଧାର୍ଥ ଗଞ୍ଜାମ ଜିଲାର ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ସୂଚନାଯୋଗ୍ୟ, ଅନୁଗୋଳ ଜିଲାପାଳ ଭାବେ ମହାନ୍ତି ୨୦୧୯ ଫେବୃୟାରୀ ୧୧ ତାରିଖରେ କାର୍ଯ୍ୟରେ ଯୋଗ ଦେଇଥିଲେ।



ସିଦ୍ଧାର୍ଥ ଶଙ୍କର ସ୍ୱାଇଁ

# ବିଦ୍ୟୁତ୍ ବିଭାଗ ଠିକା କର୍ମଚାରୀଙ୍କ ବିକ୍ଷୋଭ




ଠିକା କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ବାରିପଦା ଅଫିସ,୯।୯**

ମୟୂରଭଞ୍ଜ ଜିଲା ବାରିପଦା ସର୍କଲ ଅଧୀନରେ କାର୍ଯ୍ୟ କରୁଥିବା ବିଦ୍ୟୁତ୍ ବିଭାଗ ଠିକା କର୍ମଚାରୀମାନେ ବୁଧବାର ଅଧୀକ୍ଷଣଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହିତ ଧାରଣା ଦେଇଥିଲେ। ୪୧ ଠିକା କର୍ମଚାରୀଙ୍କୁ ପୁନଃ ଥଇଥାନ କରିବା ପାଇଁ ଏହି କର୍ମଚାରୀମାନେ ଜିଦ୍‌ରେ ଅଟଳ ରହିଥିଲେ। ଅଧୀକ୍ଷଣଯନ୍ତ୍ରୀ ଠିକା କର୍ମଚାରୀଙ୍କୁ ପୁନର୍ବାର କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଚିଠି ନଂ. ୧୮୫୪ରେ ଲିଖିତ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସୂଚନା ଅନୁଯାୟୀ, ଆଦ୍ୟ ଉର୍ଜା ପ୍ରାଇଭେଟ ସଂସ୍ଥାରେ ଗତ ଅକ୍ଟୋବର ୨୦୧୯ରୁ ଉକ୍ତ କର୍ମଚାରୀମାନେ କାର୍ଯ୍ୟ କରିଆସୁଛନ୍ତି। ସଂସ୍ଥା ପକ୍ଷରୁ ଉଚିତ ସମୟରେ ଦରମା ପ୍ରଦାନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗରୁ ସେମାନଙ୍କୁ ବଞ୍ଚିତ କରାଯାଉଥିଲା। କର୍ମଚାରୀମାନେ ଗତ ଜୁନ ୨୨ରେ ଅଧିକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ଏକ କମିଟି ଗଠନ କରାଯାଇଥିଲା। କମିଟି ରିପୋର୍ଟକୁ ଭିତ୍ତିକରି କାର୍ଯ୍ୟରତ ୪୧ ଠିକା କର୍ମଚାରୀଙ୍କୁ ଚାକିରିରୁ ବାହାର କରି ଦିଆଯାଇଥିଲା । ଫଳରେ କର୍ମଚାରୀମାନେ କରୋନା ପରିସ୍ଥିତି ସମୟରେ ବିଦ୍ୟୁତ୍ ବିଭାଗର ସମସ୍ତ କାର୍ଯ୍ୟକୁ ସମ୍ପାଦନ କରି ଜରୁରୀକାଳୀନ ସେବା ଯୋଗାଇ ଦେଇଆସୁଥିଲେ। ଠିକା ସଂସ୍ଥାର ଏପରି ମନୋଭାବ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ କର୍ମଚାରୀମାନେ ବିଦ୍ୟୁତ୍ ବିଭାଗର ଅଧୀକ୍ଷଣଯନ୍ତ୍ରୀ କ୍ଷୀରୋଦ ଚନ୍ଦ୍ର ବେହେରା ଓ ଜିଲା ଶ୍ରମ ଅଧିକାରିଣୀ ମୋନାଲିସା ନାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। । ଉକ୍ତ କର୍ମଚାରୀଙ୍କୁ ପୁଣି ଥରେ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଉଦଳା, ରାଇରଙ୍ଗପୁର ଓ ବାରିପଦା ନିର୍ବାହୀଯନ୍ତ୍ରୀଙ୍କୁ ଚିଠି ଯୋଗେ ଜଣାଇବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ହାତୀ, ଭାଲୁ ଆକ୍ରମଣରେ ୨ ମୃତ

**ରାସୋଳ/ଭୁବନ,୯।୯(ଡି.ଏନ.ଏ)**

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ ରାସୋଳ ସେକ୍ସନ ବାଲିକିଆରି ଗ୍ରାମର ସଞ୍ଜୟ ରାଉତଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ଧାନ ବିଲରେ ପଶିଥିବା ହାତୀପଲଙ୍କୁ ଘଉଡାଇବାକୁ ସେ ଗ୍ରାମବାସୀଙ୍କ ସହ ଜମିକୁ ଯାଇଥିଲେ। ସେଠାରେ ଏକ ହାତୀ ତାଙ୍କୁ ଦଳିଦେଇଥିଲା । ଗ୍ରାମବାସୀ ସଞ୍ଜୟଙ୍କୁ ପ୍ରଥମେ ହିନ୍ଦୋଳ ଓ ପରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ତାଙ୍କର ମୃତ୍ୟୁ ଘଟିଥିଲା। ରାସୋଳ ପୋଲିସ ନଂ. ୨୩/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ହିନ୍ଦୋଳ ରେଞ୍ଜର ହରମୋହନ ନାୟକ, ରାସୋଳ ଫରେଷ୍ଟର ସୁଦର୍ଶନ ଦେହୁରୀ ମୃତକଙ୍କ ସ୍ତ୍ରୀଙ୍କୁ ୪୦ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। କାଗଜପତ୍ର ଦାଖଲ କରିବା ପରେ ଅବଶିଷ୍ଟ ସହାୟତା ମିଳିବ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ଭୁବନ ଥାନା ସୁରପ୍ରତାପପୁର ଗ୍ରାମର ଚାଷୀ ନରହରି ମହାନ୍ତି(୫୯)ଙ୍କ ମଙ୍ଗଳବାର ସନ୍ଧ୍ୟାରେ ଏକ ଭାଲୁ ଆକ୍ରମଣରେ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ନରହରି ବିଲରେ ପାଣି ମଡାଇବାକୁ ଯାଇ ରାତି ପର୍ଯ୍ୟନ୍ତ ଫେରି ନ ଥିଲେ। ଖୋଜାଖୋଜି ପରେ ବିଲ ନିକଟରେ ତାଙ୍କ କ୍ଷତବିକ୍ଷତ ଶରୀର ପଡିଥିବା ପରିବାର ଲୋକେ ଦେଖିଥିଲେ। ଭୁବନ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ନଂ.୧୮/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସରକାରୀ ସହାୟତା ଯୋଗାଇଦିଆଯିବ ବୋଲି ରେଞ୍ଜର ଅନିତା ସେଠି କହିଛନ୍ତି।

## ପ୍ଲାଜ୍‌ମା ଦାନକଲେ ଭଦ୍ରକରୁ ୪

**ପଦ୍ମପୁର, ୯।୯(ଡି.ଏନ.ଏ.)**

ବାସୁଦେବପୁର ବ୍ଲକର ୨ଜଣ ଏବଂ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟରୁ ୨କର୍ମଚାରୀ ପ୍ଲାଜମା ଦାନ ପାଇଁ କଟକ ଶ୍ରୀରାମ ଭଞ୍ଜ ମେଡିକାଲକୁ ଯାଇଥିବା ସୂଚନା ମିଳିଛି। ବାସୁଦେବପୁର ପ୍ରଶାସନ ତରଫରୁ ସେମାନଙ୍କୁ କାଉନସେଲିଂ କରାଯାଇ ପ୍ଲାଜମା ଦାନ ପାଇଁ ପ୍ରୋତ୍ସାହିତ କରାଯାଇଥିବା ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ମହିଳାଙ୍କଠାରୁ ଚେନ୍ ଲୁଟ୍

**ବଅଁରପାଳ, ୯।୯(ଡି.ଏନ.ଏ.):** ନାଲ୍‌କୋ ଥାନା ସିପିପି ଛକ ନିକଟରୁ ବୁଧବାର ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନା ଚେନ୍ ଲୁଟ୍ କରିଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ବଅଁରପାଳ ଗୋବର୍ଦ୍ଧନ ନଗରର ସୁବ୍ରତ ସାହୁ ସ୍ତ୍ରୀଙ୍କୁ ବାଇକ୍‌ରେ ନେଇ ବଅଁରପାଳରୁ ଅନୁଗୋଳ ଯାଉଥିବାବେଳେ ୨ ଦୁର୍ବୃତ୍ତ ତାଙ୍କ ପିଛା କରିଥିଲେ। ସିପିପିଠାରେ ଅଭିଯୁକ୍ତମାନେ ସୁବ୍ରତଙ୍କ ସ୍ତ୍ରୀ ପିନ୍ଧିଥିବା ପ୍ରାୟ ୩ ଭରି ଓଜନର ଚେନ୍ ଛିଣ୍ଡାଇ ନେଇ ପଳାଇଥିଲେ। ଅଭିଯୋଗ ପରେ ତଦନ୍ତ ଚାଲିଥିବା ପୋଲିସ କହିଛି।

## ଫେରାର ଅଭିଯୁକ୍ତ ଗିରଫ

**କଣିହାଁ,୯।୯(ଡି.ଏନ.ଏ.):** ସମଲ ଥାନା ପୋଲିସ ବୁଧବାର ଫେରାର ଅଭିଯୁକ୍ତ ଶରଧାପୁର ଗ୍ରାମର ରଣଜିତ ବେହେରା (୪୦)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ଅଗଷ୍ଟରେ ରଣଜିତ ସେହି ଗ୍ରାମର ପ୍ରଭାତ ବେହେରାଙ୍କୁ ପନିକିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ସମଲ ପୋଲିସ ନଂ. ୧୬୪/୨୦ରେ ମାମଲା ରୁଜୁ କରିଥିଲା।

# ଜମି ବିବାଦରୁ ମୁକ୍ତହେଲା ମାଟିଆସାହି ପୋଲ

**ତିହିଡ଼ି, ୯।୯(ସ୍ୱ.ପ୍ର.)**



ମାଟିଆସାହି ପୋଲ ମାପ କରାଯାଉଛି।

ଭଦ୍ରକ ଜିଲା ତିହିଡ଼ି ବ୍ଲକ ସୟା ଓ ବାହାବଳପୁର ପଞ୍ଚାୟତ ଅନ୍ତର୍ଭୁକ୍ତ ମନ୍ତେଇ ନଦୀ ଉପରେ ନିର୍ମାଣାଧୀନ ନୂତନ ମାଟିଆସାହି ପୋଲ ଜମି ବିବାଦ ପାଇଁ ବନ୍ଦ ହୋଇ ରହିଥିଲା। ତିହିଡ଼ି ଓ ବାସୁଦେବପୁର ବ୍ଲକ ମଧ୍ୟରେ ସଂଯୋଗ କରୁଥିବା ଏହି ପୋଲ ଉପରେ ପ୍ରତିଦିନ ଶହ ଶହ ଲୋକ ଯାତାୟାତ କରିଥାନ୍ତି। ଆଗରୁ ଏହି ପୋଲ କାଠପୋଲ ଥିବା ବେଳେ ସରକାର ଏହାକୁ କଂକ୍ରିଟ ପୋଲ କରିବା ପାଇଁ ଟେଣ୍ଡର କରିବା ସହିତ ମୁଖ୍ୟମନ୍ତ୍ରୀ ଏହାକୁ ୧୧।୨।୨୦୧୩ ରିଖରେ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ପୋଲ ଏବଂ ଏହାର ଆପ୍ରୋଚ ରୋଡ୍‌ରେ ସ୍ଥାନୀୟ ମହେଶ୍ୱର ପରିଡା, ବାଇଧର ପରିଡ଼ା ଓଗେରଙ୍କର ୭୭ଡିସିମିଲ ବ୍ୟକ୍ତିଗତ ଜମି ରହିଯାଇଥିଲା। ସରକାର ସେମାନଙ୍କୁ ସମପରିମାଣର ଜମି ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲେ। ୨୦୧୭ରେ ସେମାନଙ୍କୁ ମାତ୍ର ୬୫ ଡିସିମିଲ ଜମି ପ୍ରଦାନ କରିଥିଲେ। ବଳକା ୧୨ଡିସିମିଲ ଜମି ସରକାର କ୍ଷତିଗ୍ରସ୍ତ ପରିବାରଙ୍କୁ ପ୍ରଦାନ କରି ନ ଥିବାରୁ ଏହାକୁ ନେଇ ବିବାଦ ଦେଖାଯାଇଥିଲା। ସମ୍ପୃକ୍ତ ପରିବାରର ଲୋକମାନେ ପୋଲର ନିର୍ମାଣ କାର୍ଯ୍ୟ ୨୦୧୮ରୁ ସରିଥିଲେ ମଧ୍ୟ ଏହାର ଆପ୍ରୋଚ୍ ରୋଡକୁ କରାଇ ଦେଇ ନ ଥିଲେ। ତିହିଡ଼ି ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା, ଅତିରିକ୍ତ ତହସିଲଦାର, ରାଜସ୍ୱ ଅଧିକାରୀ ଓ ଅମିନଙ୍କୁ ନେଇ ବାହାବଳପୁର ସରପଞ୍ଚ ବିପିନ ବେହେରା, ସ୍ଥାନୀୟ ନେତା ସୁରେନ୍ଦ୍ର ନାୟକ କ୍ଷତିଗ୍ରସ୍ତ ପରିବାରର ଲୋକ ଓ ଗ୍ରାମଲୋକଙ୍କ ଉପସ୍ଥିତିରେ ଏହାର ମାପଚୁପ କରିବା ସହିତ ୧୨ ଡିସିମିଲି ସରକାରୀ ଜମି ସମ୍ପୃକ୍ତ ପରିବାରକୁ ପ୍ରଦାନ ପୂର୍ବକ ଚିହ୍ନଟ କରି ଏହାର ସ୍ଥାୟୀ ସମାଧାନ କରିଛନ୍ତି। ଫଳରେ ତିହିଡ଼ି ଓ ବାସୁଦେବପୁର ମଧ୍ୟରେ ବହୁ ପ୍ରତୀକ୍ଷିତ ସଂଯୋଗର ବାଟ ଫିଟିଯାଇଛି। ତହସିଲଦାର କହିଛନ୍ତି ଯେ ଜମି ବିବାଦର ସ୍ଥାୟୀ ସମାଧାନ ହେଲା ଓ ସେହି ପୋଲର ଠିକାଦାର ହରିହର ଲେଙ୍କାଙ୍କୁ ତୁରନ୍ତ ଏହାର ଆପ୍ରୋଚ୍ ରୋଡ୍ କାର୍ଯ୍ୟ ଗୁରୁବାରଠାରୁ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଇଛି। ଏଥିପାଇଁ ସ୍ଥାନୀୟ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି।

ପ୍ରତି ମୁହୂର୍ତ୍ତରେ ଭଗବାନଙ୍କ ଉପସ୍ଥିତି ଭିତରେ ବଞ୍ଚି ରହ। ପ୍ରତି ମୁହୂର୍ତ୍ତରେ ଏହି କ ଦିମ ଅଚେତନା ଭିତରୁ ମୁକ୍ତି ପାଇ ଏକ ଗତିଶୀଳ ଚେତନା ଭିତରକୁ ପ୍ରବେଶ କରିବାକୁ ଚାହୁଁ ଥାଅ– ତା'ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା– ଏବଂ ସବୁଠାରୁ ବଡ କଥା ମଧ ହେଲା –ତୁମର ଚରମ ନିଷ୍ଠାପରତା। –ଶ୍ରୀମା

# ପ୍ରାଣୀଙ୍କ ପ୍ରତି ଦୟା

ମାନେକା ଗାନ୍ଧୀ

ମୋ ମା'ଙ୍କୁ ଜଣେ ଖୁସିବାସିଆ ତଥା ଯତ୍ନଶୀଳ ମହିଳା ଭାବେ ବନ୍ଧୁବାନ୍ଧବ ଓ ପରିବାର ଲୋକେ ମନେ ରଖିଛନ୍ତି। ସେ କ୍ୟାନ୍ସରରେ ପୀଡ଼ିତ ହୋଇ ଜୀବନର ଶେଷ ପାଞ୍ଚମାସ ଶଯ୍ୟାଶାୟୀ ହୋଇ ରହିଥିଲେ। ସେ କେତେ ଅସୁସ୍ଥ ଥିଲେ ତାହା ତାଙ୍କ ପାଇଁ ବଡ କଥା ନ ଥିଲା, ବରଂ ଗୁରୁତ୍ୱପୂର୍ଣ୍ଣ ଥିଲା ପକ୍ଷୀମାନଙ୍କୁ ଦୈନିକ ଖାଇବାକୁ ଦେବା। ପ୍ରତିଦିନ ସକାଳୁ ସେ ପକ୍ଷୀମାନଙ୍କ ପାଇଁ ବାଲ୍‌କୋନିରେ ବାଜରା ବୁଣି ଦେଉଥିଲେ। ରୋଗଶଯ୍ୟାରେ ଶୋଇ ରହି ପକ୍ଷୀମାନଙ୍କ ଖାଇବା ଦୃଶ୍ୟ ଦେଖିବା ତାଙ୍କ ଜୀବନର ସବୁଠୁ ସୁଖଦ ମୁହୂର୍ତ୍ତ ଥିଲା ବୋଲି ସେ କହୁଥିଲେ। ବାଜରା ବୁଣି ଦେବା ପରେ ପ୍ରଥମେ ପାରାମାନେ ଚଟାଣରେ ନିଜ ନିଜ ଭିତରେ ଖାଇବା ବଦଳରେ ବେଶି ଝଗଡ଼ା କରୁଥିଲେ। ବେକରେ ଗୋଲାପି ରିଂ ଚିହ୍ନ ଥିବା ଶୁଆମାନେ ଆସି ଖାଉଥିଲେ। ପରେ ଭୟାଳୁ ସ୍ୱଭାବର ଛୋଟ ଛୋଟ ଘରଚଟିଆ ଲୁଚିଛପି ବଜରାକୁ ଖୁମ୍ପି ଖାଇଦେଇ ଆଶ୍ଚର୍ଯ୍ୟଜନକ ଭାବେ ଅଦୃଶ୍ୟ ହୋଇଯାଉଥିଲେ। ମୁଁ ଯେତେବେଳେ ମହାରାଣୀ ବାଗରେ ଘରଟିଏ କଲି ସେତେବେଳେ ଘର କାନ୍ଥକୁ ଲାଗି ଗୋଟିଏ ଟ୍ୟାପ୍ ଲଗାଇଥିଲି। ଯିଏ ସେହିବାଟ ଦେଇ ଯାଉଥିଲେ ସେମାନେ ସ୍ୱଚ୍ଛ ପାଣି ପିଉଥିଲେ ଏବଂ ପ୍ରାଣୀମାନଙ୍କ ପାଇଁ ସେଠାରେ ସବୁବେଳେ ଗୋଟିଏ ପାତ୍ରରେ ପାଣି ମଧ ଭର୍ତ୍ତି କରି ରଖୁଥିଲି। କିଛି ବର୍ଷ ତଳେ ମୁଁ ରାତ୍ରୀଭୋଜନ ଲାଗି ବାହାରକୁ ଯିବା ସମୟରେ ଜଣେ ଲୋକଙ୍କୁ ତାଙ୍କ ହ୍ୱିଲ ଚେୟାରରେ ସବୁଜିନିଷ ଟାଙ୍ଗିଥିବା ଦେଖିଲି। ମୁଁ ତାଙ୍କୁ କିଛି ଟଙ୍କା ଦେବା ଲାଗି ସେଠାରେ ଅଟକିଲି। ସେ ତାହା ଗ୍ରହଣ କଲେ ଓ କହିଲେ– ମୁଁ ବାସ୍ତବରେ ଅଧିକ ଟଙ୍କା ଆବଶ୍ୟକ କରୁନି, ଯଦି ସମ୍ଭବ ହୁଏ ପ୍ରତିଦିନ ମୋତେ ତୁମେ ପାଣି ଦେଇ ପାରିବ କି? ଏହାପରେ ସେ ସବୁଦିନ ସକାଳେ ପାଣି ନେବାକୁ ଆସନ୍ତି ଏବଂ ଏହି କାର୍ଯ୍ୟଟି କରିବାକୁ ସେ ମୋତେ ସୁଯୋଗ ଦେଇଥିବାରୁ ମୁଁ ତାଙ୍କ ପ୍ରତି କୃତଜ୍ଞ।

ଏହି ଲକ୍‌ଡାଉନ ସମୟରେ ଫିଡର (ପ୍ରାଣୀମାନଙ୍କୁ ଖାଇବାକୁ ଦେଉଥିବା ଲୋକ)ମାନେ ନିଜକୁ ବିପଦରେ ପକାଇ, ଭୋକିଲା ରହି ରାତିରେ ରାସ୍ତାରେ ବୁଲୁଥିବା ପ୍ରାଣୀମାନଙ୍କୁ ଖୁଆଇବାରେ ଲାଗିଥିଲେ। ଫିଡରମାନଙ୍କ ମଧ୍ୟରୁ ଅନେକ ସେମାନଙ୍କ ଚାକିରି ବି ହରାଇଛନ୍ତି। ଅନେକ ନିର୍ଯାତିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ବିଭିନ୍ନ ସାମାଜିକ ସଂଗଠନଗୁଡିକ ଦୁର୍ବ୍ୟବହାର କରୁଥିଲେ। ମୁଁ ଏହି ସାହସୀ ଫିଡରମାନଙ୍କୁ ଲକ୍ଷେ ଥର ନମସ୍କାର କରୁଛି। ସେମାନେ ହିଁ ଭାରତର ମେରୁଦଣ୍ଡ। ସେମାନଙ୍କ ଦୟା ଭାବ ଯୋଗୁ ଭାରତ ବିଶ୍ୱ ବିଦିତ। ଭାବୁଛନ୍ତି କି ଅନ୍ୟ କେଉଁ ଦେଶରେ ଏଭଳି ଘଟିଛି? ନା, କେବେ ନୁହେଁ। ଆମଠାରେ ଏଭଳି ମହତ ଗୁଣ ଥିବାରୁ ଆମେ ଗର୍ବ କରିବା ତଥା ଆନନ୍ଦିତ ହେବା ଉଚିତ। ଦୟା କ'ଣ? ଦୟା ବା କରୁଣା ହେଉଛି ଏକ ଅସାଧାରଣ ସାମର୍ଥ୍ୟ ବା କ୍ଷମତା ଯାହା ଅନ୍ୟର ଯନ୍ତ୍ରଣାକୁ ଜାଣିପାରେ ବା ଅନୁଭବ କରିପାରେ। ଦୟା କହିଲେ ଜଣଙ୍କ ଦୁଃଖ ଜାଣି ତାହାକୁ ଲାଘବ କରିବାକୁ ବୁଝାଏ। ପ୍ରାଣୀମାନଙ୍କ କ୍ଷେତ୍ରରେ ଏଭଳି ଦୁଃଖ ଓ ଯନ୍ତ୍ରଣା ବହୁତ ବେଶି ଏବଂ ଆମେ ଏହାକୁ ଜାଣିପାରୁନାହୁଁ। କାହିଁକି ପ୍ରାଣୀମାନଙ୍କୁ ଅଣଦେଖା କରାଯାଉଛି। ଯେଉଁମାନେ ସେମାନଙ୍କୁ ଭଲ ପାଉନାହାନ୍ତି କିମ୍ବା ସେମାନଙ୍କଠାରୁ ପ୍ରାଣୀମାନେ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଭାବୁଛନ୍ତି ସେମାନେ ଦୟା ପ୍ରଦର୍ଶନ କରିବା ଭାରି କଠିନ।

ଗଣିତ, ଇତିହାସ କିମ୍ବା ଫ୍ରେଞ୍ଚ ଶିକ୍ଷା କଲାଭଳି ଆମକୁ ଦୟା ବା କରୁଣା ଶିଖିବାକୁ ପଡିବ ଓ ତାହାକୁ ବିକଶିତ କରିବାକୁ ହେବ। ବୌଦ୍ଧ ସନ୍ୟାସୀ ଏବଂ ଲେଖକ ମାଥ୍ୟୁ ରାଚାର୍ଡ କହନ୍ତି,ଆମ ମନ ବଗିଚା ସଦୃଶ। ମନକୁ ଚାଷ ନ କରି ଛାଡିଦେଲେ ତାହା ପାଗ ଓ ବାୟୁମଣ୍ଡଳରେ ଯାହା କିଛି ମଞ୍ଜି ଥିବ ତାହା ଦ୍ୱାରା ପ୍ରଭାବିତ ହେବ । କିଛି ବଢି ଓ ଆଉ କିଛି ନଷ୍ଟ ହୋଇଯିବ ଏବଂ ଶେଷରେ ଆମେ ହୁଏତ ଫଳାଫଳକୁ ପସନ୍ଦ କରି ନ ପାରୁ। କିନ୍ତୁ ଆମକୁ ଦୟାଳୁ ଦୃଷ୍ଟି,ଦୟାଳୁ ଭାବନା,ଦୟାଳୁ ଅନୁଭବ ଏବଂ ଦୟାଳୁ ବ୍ୟବହାର ଶିକ୍ଷା କରି ଲଗାତର ମନରେ ଦୟା ବିକଶିତ କରିବାକୁ ପଡିବ। ଅନ୍ୟର ଯନ୍ତ୍ରଣା ଜାଣିବା ଲାଗି ଆମ ମନ ଓ ହୃଦୟ ଖୋଲା ରଖିବା ଦରକାର ଏବଂ ଏହାଦ୍ୱାରା ହିଁ ଆମେ ସେହି ଯନ୍ତ୍ରଣାକୁ ଦୂର କରିପାରିବା। ଏହି ବାଟରେ ଆମେ ଯାହା ହେବାକୁ ଚାହୁଁଛେ ତାହା ହିଁ ହୋଇପାରିବା। ଅନ୍ୟ ଅର୍ଥରେ ଆମେ ଚାହୁଁଥିବା ବଗିଚା ରୂପୀ ମନଟିଏ ପାଇପାରିବା। ବହୁ ସମୟରେ ମନରେ ଦୁର୍ବଳତା ଯୋଗୁ ଦୟା ବା କରୁଣାରେ ଦ୍ୱନ୍ଦ୍ୱ ଉପୁଜେ। ଦୟା ବାସ୍ତବରେ ସାହସର ଚରମ ଅବସ୍ଥା। ଏହା ସେହି ସାହସ ଯାହା ଆମକୁ ଗଭୀର ଦୁଃଖ ଓ ଯନ୍ତ୍ରଣା ନିକଟରେ ପହଞ୍ଚିବାକୁ ଅନୁମତି ଦେଇଥାଏ। ଦୟାର ଅର୍ଥ ହେଉଛି କେବଳ ସବୁ ଜିନିଷକୁ ନିରୀକ୍ଷଣ କରିବା। ପ୍ରତ୍ୟେକ ଜିନିଷକୁ ଗଭୀର ଭାବେ ବାରମ୍ବାର ଦେଖିବା ଦ୍ୱାରା ହିଁ ଜଣଙ୍କର ଦୟାଳୁ ଭାବନା ବୃଦ୍ଧି ପାଇଥାଏ। ଦୈନନ୍ଦିନ ଜୀବନରେ କିଛି ସରଳ ବାଟରେ ତୁମେ ମଧ ଦୟା ଭାବ ଅଭ୍ୟାସ କରିପାରିବ।

–ତୁମେ ଯଦି ଖରାଦିନେ ଅତ୍ୟଧିକ ଗରମ ଅନୁଭବ କରୁଥିବ ଓ ତୁମକୁ ଶୋଷ ଲାଗୁଥିବ ସେତେବେଳେ ତୁମେ ଜାଣିବାକୁ ଚେଷ୍ଟା କର ଯେ,ଅନ୍ୟମାନେ ବି ତୁମ ଭଳି ସହଜରେ ପାଣି ପାଇ ପାରୁନଥିବେ। ତେଣୁ ଏକ ସଫା ପାତ୍ରରେ କିଛି ପାଣି ନେଇ ତୁମେ ବାଲ୍‌କୋନି, ବଗିଚା କିମ୍ବା ଅଗଣାରେ ଚଢେଇଙ୍କ ପାଇଁ ଏବଂ ଗେଟ୍ ବାହାରେ ଗୋଟିଏ ପାତ୍ରରେ କୁକୁର ବିଲେଇଙ୍କ ପାଇଁ ରଖିଦିଅ।

–ସବୁବେଳେ ନିଜ ପାଖରେ କିମ୍ବା ଗାଡି ଭିତରେ କିଛି ବିସ୍କୁଟ ପ୍ୟାକେଟ ରଖ, ଯେପରି ରାସ୍ତାରେ କେହି ଭୋକିଲା କିମ୍ବା ଗୃହହୀନଙ୍କୁ ଦେଖିଲେ ତୁମେ ସାଙ୍ଗେ ସାଙ୍ଗେ ଖାଇବାକୁ ଦେଇପାରିବ।

–ପଶୁମାନଙ୍କ ପ୍ରତି ହିଂସା ଆଚରଣ କରୁଥିବା କୌଣସି ଜିନିଷ ବ୍ୟବହାର କରନ୍ତୁ ନାହିଁ, ଯେପରିକି ପଶୁମାନଙ୍କଠାରୁ ଆସୁଥିବା ସାମ୍ପୋ,ଗାଈ ଚମଡ଼ାରୁ ତିଆରି ହେଉଥିବା ଜିନିଷ, ପଶୁମାନଙ୍କ ଲୋମରେ ତିଆରି ହେଉଥିବା ବ୍ରଶ୍,ପକ୍ଷୀଙ୍କ ପରରେ ତିଆରି ତକିଆ ଓ ଗଦି ତଥା ମାଛ, ମାଂସ ଓ ଅନ୍ୟ ଡାଏରୀ ଉତ୍ପାଦକୁ ବ୍ୟବହାର କରିବା ଉଚିତ ନୁହେଁ।

– ମାଙ୍କଡ ଓ ଅନ୍ୟ ଜୀବମାନେ ଫଳ ଖାଇ ବଞ୍ଚନ୍ତି। ଏଣୁ ବାଡିବଗିଚାରେ ସେମାନଙ୍କ ପାଇଁ କିଛି ଫଳ ଗଛ ଲଗାନ୍ତୁ।

–ରୋଷେଇ ଘରେ ଅସରପାକୁ ମାରିବା ପାଇଁ କୀଟନାଶକ ବ୍ୟବହାର କରିବା ବଦଳରେ ରୋଷେଇ ଘରକୁ ସଫା ରଖିବା ଉଚିତ। କାରଣ କୀଟନାଶକ ବ୍ୟବହାର କରିବା ଦ୍ୱାରା ବହୁ ପ୍ରକାର ଛୋଟ ଜୀବଙ୍କ ମୃତ୍ୟୁ ଘଟିଥାଏ।

–ବଳକା ଖାଦ୍ୟକୁ ଫିଙ୍ଗିଦେବା ବଦଳରେ ରାସ୍ତାକଡରେ ବୁଲୁଥିବା କୌଣସି ପ୍ରାଣୀଙ୍କୁ ଖାଇବାକୁ ଦିଅନ୍ତୁ

–ରାସ୍ତାରେ ବୁଲୁଥିବା କୌଣସି ଜୀବ ବା ପ୍ରାଣୀ ଆଶ୍ରୟସ୍ଥଳୀରେ ରହୁଥିବା କୌଣସି ଜୀବଙ୍କୁ ଆଣି ପୋଷା ଭାବେ ପାଳନ୍ତୁ।

–ଭାରବାହୀ ବଳଦ, ଘୋଡା ଗଧ, ଓଟ ଓ ହାତୀମାନଙ୍କ କଥା ଚିନ୍ତା କର। ସେମାନେ ଅତ୍ୟଧିକ ଭାର ବହି ଚାଲୁଥିବାବେଳେ ତାଙ୍କୁ ଖାଇବାକୁ ଓ ପିଇବାକୁ ଦିଅନ୍ତୁ।

– ପ୍ରାଣୀମାନଙ୍କ ପ୍ରତି ହେଉଥିବା ନିର୍ଯାତନା ବା ହିଂସାକୁ ଦେଖି ପଛାଇ ଯାଅନାହିଁ। ଏହାକୁ ସାମ୍ନା କର ଓ ତୁରନ୍ତ ରୋକିବାକୁ ପଦକ୍ଷେପ ନିଅ। ପ୍ରାଣୀମାନଙ୍କ ପ୍ରତି ଘଟୁଥିବା ନିର୍ଯାତନାକୁ ରୋକିବାକୁ ପ୍ରୟାସ କରିବା ଉଚିତ। ମନେରଖ ଦେଶରେ କେହି ଜଣେ ହେଲେ ବି ହିଂସା ଆଚରଣକୁ ସମର୍ଥନ କରିବେ ନାହିଁ। ତେଣୁ ଦୁଃଖ ଓ ସମସ୍ୟା ଜର୍ଜରିତ ବିଶ୍ୱକୁ ସୁଧାରିବା ଲାଗି ଦୟାର ସୁଦୂରପ୍ରସାରୀ ଓ ଅଦ୍ଭୁତ ପ୍ରଭାବ ରହିଛି। ଶେଷରେ ଏତିକି କୁହାଯାଇପାରେ ଯେ ସମସ୍ତଙ୍କ ପ୍ରତି ଦୟାଳୁ ହୁଅ।

Email: gandhim@nic.in

## ଏଇ ଭାରତରେ

ଝିଅ କି ପୁଅ ହେବ ତାହା ଜାଣିବା ଲାଗି ଅନ୍ଧବିଶ୍ୱାସର ସାହାରା ନେଉଛନ୍ତି ଝାଡ଼ଖଣ୍ଡର ବେଡ଼ୋ ବ୍ଲକର ଖୁଖରା ଗାଁ। ଏହି ଗାଁରେ ଏକ ପାହାଡ଼ ଅଛି। ଏହା ଉପରେ ଲୋକମାନଙ୍କ ଗଭୀର ବିଶ୍ୱାସ ମଧ ରହିଛି। ଏହି ପାହାଡ଼ରେ ଚାନ୍ଦ ଆକୃତିର ଏକ ଚିହ୍ନ ଶୋଭାପାଉଛି। ଏହି ପାହାଡ଼କୁ ସ୍ଥାନୀୟ ଅଞ୍ଚଳରେ ଚାନ୍ଦ ପାହାଡ଼ ମଧ କୁହାଯାଏ। ଏହି ପାହାଡ଼ରେ ଥିବା ଚାନ୍ଦର ଆକୃତିରୁ ମାତୃଗର୍ଭରେ ବଢୁଥିବା ପିଲାର ଆକୃତି ବି ଜାଣିହୁଏ ବୋଲି ଦୃଢ଼ତାର ସହ କହନ୍ତି ଗ୍ରାମବାସୀ। ଗାଁର ଗର୍ଭବତୀ ମହିଳାମାନେ ପାହାଡ଼ ପାଖକୁ ଯାଆନ୍ତି। ଦୂରରୁ ସେହି ପାହାଡ଼ରେ ଥିବା ଚାନ୍ଦକୁ ସେମାନେ ପଥର ଫିଙ୍ଗନ୍ତି। ଯଦି ଚାନ୍ଦ ଭିତରେ ସେମାନେ ଫିଙ୍ଗିଥିବା ପଥର ବାଜେ ତେବେ ପୁଅ ହେବ ବୋଲି ସେମାନେ ବିଚାର କରନ୍ତି ଓ ବାହାରେ ବାଜିଲେ ଝିଅ ହେବ ବୋଲି ଧରିନିଅନ୍ତି। ୪୦୦ ବର୍ଷରୁ ଚାଲି ଆସଥିବା ଏହି ଅନ୍ଧବିଶ୍ୱାସ ଭିତ୍ତିକ ପରମ୍ପରାକୁ ଗାଁ ଲୋକେ ଛାଡ଼ି ପାରିନାହାନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୦ ସେପ୍ଟେମ୍ବର ୧୯୯୫**

- ଅପହୃତ ଜାହାଜର ୧୨ ଜଣ ଯାତ୍ରୀଙ୍କୁ ତାମିଲ ଗେରିଲାମାନେ ମୁକ୍ତ କରିଦେଇଛନ୍ତି।
- କଶ୍ମୀର ସମ୍ପର୍କରେ ତୁର୍କମେନିସ୍ତାନର ସମର୍ଥନ ହଟାଇବା ପାଇଁ ପାକିସ୍ତାନ ରାଷ୍ଟ୍ରପତି ଫାରୁକ ମହମ୍ମଦ ଲେଘାରୀଙ୍କର ଉଦ୍ୟମ ବିଫଳ ହୋଇଛି।
- ଭାରତ ହେଭି ଇଲେକ୍‌ଟ୍ରିକାଲ ଲିମିଟେଡ୍‌ର କର୍ପୋରେଟ ରିସର୍ଚ୍ଚ ଓ ଡେଭଲପ୍‌ମେଣ୍ଟ ପକ୍ଷରୁ ଦେଶର ପ୍ରଥମ ସୁପର କଣ୍ଡକ୍ଟିଂ ଜେନେରେଟର ନିର୍ମାଣ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | | | | | 5 | | | 2 | 0 | | | 8 | |
| | | B | | C | | | | | | | | | | |
| | | 7 | A | | | 9 | | 2 | | 8 | E | C | | 4 |
| | | | | E | | 3 | B | | 7 | A | | | | 6 |
| | | | 3 | 9 | | | | | 6 | 1 | | | | |
| | | 6 | | | | | 7 | 9 | | | 4 | 8 | | |
| 1 | A | 0 | | 4 | | | C | | | | | | | |
| | 2 | C | | | E | | 8 | | | | | | | |
| 7 | | E | | | 1 | B | | | | | | 9 | | |
| 3 | | 8 | | | B | 2 | A | | | 6 | 0 | | | C |
| | 4 | | 6 | B | | | | | 3 | 5 | | 0 | 7 | 9 |
| 8 | | | | 7 | | 6 | | | A | 4 | | 5 | B | |
| E | | | | | C | | 9 | D | | | | 2 | A | |
| | | | | 1 | 5 | | 4 | | E | | | | | 8 |
| A | | | E | 2 | | | 1 | | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 9 | C | 8 | 5 | 7 | A | 3 | 4 | D | B | 1 | 2 | E | 6 |
| E | 4 | D | A | 0 | 3 | C | 8 | 9 | 5 | 2 | 6 | 7 | B | 1 |
| 5 | 7 | B | E | 2 | 4 | D | 1 | 6 | 3 | 8 | 9 | 0 | C | A |
| A | 1 | 6 | D | C | B | 5 | 0 | 2 | 4 | E | 7 | 9 | 3 | 8 |
| 2 | 3 | 8 | 1 | 6 | 9 | 7 | E | B | A | C | 0 | 4 | D | 5 |
| B | 2 | 9 | C | D | 5 | E | 6 | 0 | 7 | 1 | 4 | A | 8 | 3 |
| 6 | E | 7 | 9 | 1 | A | 8 | B | D | 0 | 3 | C | 5 | 4 | 2 |
| 4 | D | A | 3 | 8 | E | 1 | 9 | 5 | B | 6 | 2 | C | 7 | 0 |
| 1 | 0 | 5 | B | 7 | 2 | 4 | C | 3 | 8 | D | A | E | 6 | 9 |
| C | 8 | 3 | 6 | 4 | 0 | 2 | A | 7 | E | 9 | 5 | B | 1 | D |
| 9 | A | 4 | 7 | B | 6 | 3 | 2 | 1 | C | 5 | 8 | D | 0 | E |
| D | 5 | E | 4 | A | C | 9 | 7 | 8 | 6 | 0 | 3 | 1 | 2 | B |
| 7 | 6 | 2 | 0 | 9 | 8 | B | D | A | 1 | 4 | E | 3 | 5 | C |
| 3 | B | 0 | 2 | E | 1 | 6 | 5 | C | 9 | 7 | D | 8 | A | 4 |
| 8 | C | 1 | 5 | 3 | D | 0 | 4 | E | 2 | A | B | 6 | 9 | 7 |

ଗତକାଲିର ଉତ୍ତର

# ଚୁକ୍ତିଭିତ୍ତିକ ଚାଷରେ ଉଠା ଜଳସେଚନ

ଇଂ. ଶକ୍ତି ପ୍ରସାଦ ଦାସ

ନିକଟରେ କେନ୍ଦ୍ର ସରକାରଙ୍କ କୃଷି ଉତ୍ପାଦନ କିଣାବିକା ପାଇଁ ଆଣିଥିବା ତିନୋଟି ପ୍ରମୁଖ ଆଇନ ଭାରତର କୃଷି କ୍ଷେତ୍ରରେ କ୍ଷୁଦ୍ର ଚାଷୀମାନଙ୍କୁ ପ୍ରଭାବିତ କରିବାକୁ ଯାଉଛି। ମୂଲ୍ୟ ନିଶ୍ଚିତତା ଓ କୃଷି ସେବା ଅଧାଦେଶ, ୨୦୨୦ ଅନ୍ତର୍ଗତ କୃଷକ(ସଶକ୍ତୀକରଣ ଓ ସୁରକ୍ଷା) ଚୁକ୍ତିନାମା ଦେଶରେ ଚୁକ୍ତିଭିତ୍ତିକ ଚାଷକୁ ସହାୟକ ହେବ ବୋଲି ଆଶା କରାଯାଉଛି। ଉପରୋକ୍ତ ଅଧାଦେଶକୁ ଅନୁସରଣ କରି ରାଜ୍ୟ ସରକାର ଓଡ଼ିଶା କୃଷି ଉତ୍ପାଦନ ଓ ପଶୁପାଳନ ଚୁକ୍ତିଭିତ୍ତିକ ଚାଷ ଏବଂ ସେବା (ପ୍ରୋତ୍ସାହନ ଓ ସୁବିଧା) ଅଧାଦେଶ, ୨୦୨୦ ଆଣିଛନ୍ତି।

ଓଡ଼ିଶାର କୃଷିରେ ଆଜି ସବୁଠାରୁ ବଡ ସମସ୍ୟା ହେଉଛି ଛୋଟ ଛୋଟ ଭୂ–ଧାରକ। ଉପଲବ୍ଧ କୃଷି ଜନଗଣନା(୨୦୧୫–୧୬) ଅନୁଯାୟୀ ଓଡ଼ିଶାରେ ଚାଷୀ ପ୍ରତି ହାରାହାରି ଜମିର ପରିମାଣ ୦.୯୫ ହେକ୍ଟର ଥିଲାବେଳେ ଦେଶର ଏହି ହାର ୧.୦୮ ହେକ୍ଟର ଥିଲା। ସେହିପରି ଓଡିଶାରେ ଦୁଇ ହେକ୍ଟରରୁ କମ ଜମି ଥିବା ଭୂ–ଧାରକଙ୍କ ପ୍ରତିଶତ ୯୨.୯୭ ଥିବାବେଳେ ଦେଶର ଏହି ପ୍ରତିଶତ ୮୬.୦୭ ଥିଲା। ଛୋଟ ଚାଷୀର ସ୍ୱଳ୍ପ ପୁଞ୍ଜି ତାକୁ ଫସଲ, ମଞ୍ଜି, ଜଳ ଓ ସାର ଇତ୍ୟାଦି ସହିତ ପରୀକ୍ଷା–ନିରୀକ୍ଷା କରି ଆୟ ବୃଦ୍ଧି କରିବାକୁ ଉତ୍ସାହିତ କରୁଛି।

ଅମଳ ପରବର୍ତ୍ତୀ ମୂଲ୍ୟଯୁକ୍ତ ଉତ୍ପାଦନରେ ଆମ ରାଜ୍ୟର ପାରଦର୍ଶିତା ଭଲ ନୁହେଁ। ଶୀତଳ ଭଣ୍ଡାର ଶୃଙ୍ଖଳା, ଗୋଦାମ ଘର, ଖାଦ୍ୟ ପ୍ରକ୍ରିୟାକରଣ ଇତ୍ୟାଦିରେ ବିନିଯୋଗ ଅପେକ୍ଷାକୃତ କମ୍ ରହିଛି। ବଜାର ଦରରେ ଅନିଶ୍ଚିତତା ଚାଷୀକୁ ନିରୁତ୍ସାହିତ କରୁଛି। ସରକାରୀ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ମୁଖ୍ୟତଃ ଖାଦ୍ୟ ଜାତୀୟ ଫସଲ ଯେପରି କି ଗହମ ଓ ଧାନ ଇତ୍ୟାଦି ପାଇଁ ସହଜରେ ଉପଲବ୍ଧ ହେଉଥିବାରୁ ଚାଷୀ ଫସଲରେ ବିବିଧକରଣ ପାଇଁ ଉତ୍ସାହିତ ହେଉନାହିଁ।

ଚୁକ୍ତିଭିତ୍ତିକ ଚାଷ ବ୍ୟବସ୍ଥାରେ କ୍ରେତା ଆବଶ୍ୟକ କରୁଥିବା ନିର୍ଦ୍ଦିଷ୍ଟ ଫସଲ ଚାଷୀ ତା'ର ଜମିରେ ଉପୁଯାଇବ। ପୂର୍ବ ସ୍ଥିରୀକୃତ ମୂଲ୍ୟ ତଥା ପରିମାଣରେ ଉତ୍ପାଦକୁ ଉଦ୍ୟୋଗୀକୁ ବିକ୍ରୟ କରିବ। ଉଦ୍ୟୋଗୀ ଚାଷ ପାଇଁ ଆବଶ୍ୟକ ଇନପୁଟ ଯୋଗାଇ ଦେବାବେଳେ, ଚାଷୀ ଜମି ଓ ଶ୍ରମ ଯୋଗାଇବ। ଏ ସମସ୍ତ କାର୍ଯ୍ୟକ୍ରମ ଉତ୍ପାଦକ ଓ କ୍ରେତା ମଧ୍ୟରେ ଏକ ପୂର୍ବ ସହମତ ଚୁକ୍ତିନାମା ବଳରେ କାର୍ଯ୍ୟକାରୀ କରାଯିବ।

ଗୋଟିଏ କ୍ରୟକାରୀ ସଂସ୍ଥା ହଜାର ହଜାର କ୍ଷୁଦ୍ରଚାଷୀଙ୍କ ସହ ଚୁକ୍ତି କରି ଚାଷକୁ ବହୁଗୁଣିତ କରିପାରିବ। କୃଷି–ନୀତି ଦୃଷ୍ଟିରୁ ଏହା ରାଜ୍ୟର ସବୁଠୁ ବଡ ଆହ୍ୱାନର ସମାଧାନ କରିପାରିବ। ଉଦ୍ୟୋଗୀମାନେ ତାଙ୍କର ବ୍ୟବସାୟିକ ଉତ୍ପାଦ ପାଇଁ ଆବଶ୍ୟକ କଞ୍ଚାମାଲର ପରିମାଣ ଓ ଗୁଣବତ୍ତା ଉପରେ ବେଶ୍ ସଚେତନ। ତେଣୁ ବିହନଠାରୁ ଅମଳ ପର୍ଯ୍ୟନ୍ତ ଉତ୍ପାଦନର ପ୍ରତ୍ୟେକ ଦିଗରେ ଅନୁସନ୍ଧାନ ଓ ବିକାଶ ବାବଦରେ ଯଥେଷ୍ଟ ଖର୍ଚ୍ଚ କରିବାକୁ ସେମାନେ ଆଗଭର ହେବେ। ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଞ୍ଜାବ ଭଳି ରାଜ୍ୟରେ 'ହିନ୍ଦୁସ୍ତାନ ଲିଭର', 'ନେସ୍‌ଲେ ଇଣ୍ଡିଆ' ଓ 'ଟିନା ଅଏଲ୍ସ ଆଣ୍ଡ କେମିକାଲ୍ସ' ଇତ୍ୟାଦି କିଛି ଉଦ୍ୟୋଗୀ କୃଷକମାନଙ୍କୁ ଉତ୍ତମ ବିହନ ଯୋଗାଇବାଠାରୁ ଆରମ୍ଭ କରି ବୈଜ୍ଞାନିକ ପଦ୍ଧତିରେ ଚାଷ କରିବା ବିଷୟରେ ତାଲିମ ଦେଉଛନ୍ତି। ଏହା ଉତ୍ପାଦର ଗୁଣବତ୍ତା ସହିତ ଉତ୍ପାଦକତା ବୃଦ୍ଧି କରିବାରେ ସହାୟକ ହେଉଛି। ଚାଷୀର ଉତ୍ପାଦ ପାଇଁ ଉଭୟ ପଶ୍ଚାଦବର୍ତ୍ତୀ କଡି(ବ୍ୟାକୱାର୍ଡ ଲିଙ୍କେଜ) ଓ ସମ୍ମୁଖ କଡି( ଫରୱାର୍ଡ ଲିଙ୍କେଜ) ସୃଷ୍ଟି କରିବାରେ ସହଯୋଗ କରୁଛନ୍ତି। କହିବାକୁ ଗଲେ, ଶିଳ୍ପାୟନରେ ଚୁକ୍ତିଭିତ୍ତିକ ଚାଷ ଏହିସବୁ ରାଜ୍ୟ ପାଇଁ ବେଶ୍ ସହାୟକ ହୋଇଛି ଓ କୃଷି ସମ୍ବନ୍ଧୀୟ କାର୍ଯ୍ୟକଳାପରେ ଅନେକ ନିଯୁକ୍ତି ସୃଷ୍ଟି କରିଛି। ଉଦ୍ୟୋଗୀମାନେ ଦେଶୀୟ ତଥା ବିଦେଶୀ ବଜାରରେ ଉତ୍ପାଦର ଚାହିଦାକୁ ଅନୁସରଣ କରି କେଉଁ ଫସଲ ଚାଷ କଲେ ଲାଭଦାୟକ ହେବ ସେ ବିଷୟରେ ଠିକ ଧାରଣା ଦେଇପାରୁଛନ୍ତି।

ଆମ ରାଜ୍ୟର କ୍ଷୁଦ୍ର, ନାମମାତ୍ର ଚାଷୀଙ୍କ ସହିତ ଭାଗଚାଷୀ, ଆଦିବାସୀ ଚାଷୀ, ଜଙ୍ଗଲଭିତ୍ତିକ ଚାଷୀ, ପାରମ୍ପରିକ ଦୁଗ୍ଧଚାଷୀ, ପଶୁପାଳନକାରୀ ଓ ମତ୍ସ୍ୟଜୀବୀ, ଚାଷ ଓ ପଶୁପାଳନ ବେଉସା କରି ଜୀବିକା ନିର୍ବାହ କରୁଛନ୍ତି। ଏମାନେ ମୁଖ୍ୟତଃ ଜୀବନ ନିର୍ବାହ ପାଇଁ ଚାଷ କରନ୍ତି। ବଳକା ଅଂଶକୁ ସ୍ଥାନୀୟ ବ୍ୟବସାୟୀଙ୍କୁ ବିକ୍ରି କରନ୍ତି। ବ୍ୟବସାୟିକ ଭିତ୍ତିରେ ଚାଷ ରାଜ୍ୟରେ ଏବେ ବି ଜନପ୍ରିୟ ହୋଇନାହିଁ।

ଏହା ପଛରେ ଜଳସେଚନ, ଶୀତଳ ଭଣ୍ଡାର, ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ପରି କିଛି ଢାଞ୍ଚାଗତ ସମସ୍ୟା ରହିଛି। ରାଜ୍ୟରେ କେବଳ ୩୦ରୁ ୪୦ ପ୍ରତିଶତ ଜମିରେ ଜଳସେଚନର ସୁବିଧା ଅଛି। ଅଧିକାଂଶ ଚାଷୀ ବର୍ଷା ଜଳ ଉପରେ ନିର୍ଭରଶୀଳ। ଜଳସେଚନର ଅଭାବରୁ ରାଜ୍ୟରେ ବହୁଫସଲି କଷ୍ଟକର।

ଚୁକ୍ତିଭିତ୍ତିକ ଚାଷ କେବଳ ସଂରକ୍ଷଣ ଓ ପ୍ରକ୍ରିୟାକରଣକୁ ଛାଡିଦେଲେ, ଜଳସେଚନ ପରି ସ୍ଥାୟୀ ଭିତ୍ତିଭୂମି ନିର୍ମାଣ କରିବାକୁ ଯାଉ ନାହିଁ। ତେଣୁ ବୃହତ୍ ଆକାରରେ ଚୁକ୍ତିଭିତ୍ତିକ ଚାଷ ପାଇଁ ଆଗେଇବାବେଳେ ରାଜ୍ୟରେ ଉପଲବ୍ଧ ଜଳସେଚନ ପ୍ରଣାଳୀଗୁଡିକର ବ୍ୟବହାର କଥା ବିଚାର କରିବାକୁ ହେବ। କ୍ଷୁଦ୍ର ଉଠାଜଳସେଚନ ଆୟାକଟଗୁଡ଼ିକୁ ଏ କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଇପାରେ। କାରଣ ଏହି ପ୍ରଣାଳୀରେ ଚାଷୀ ବର୍ଷକୁ ବାରମାସ ଜଳସେଚନର ସୁବିଧା ଉଠାଇପାରିବ। ଓଡ଼ିଶା ଜଳସମ୍ପଦ ବିଭାଗ ତଥ୍ୟ ଅନୁଯାୟୀ, ଓଡ଼ିଶା ଉଠାଜଳସେଚନ ନିଗମ(ଓଏଲଆଇସି) ଅଧୀନରେ ରାଜ୍ୟର ୩୦ଟି ଜିଲାରେ ପ୍ରାୟ ୫.୨୬ଲକ୍ଷ ହେକ୍ଟର ଜଳସେଚିତ ଜମି ସହ ୨୪ହଜାର ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ଚଳକ୍ଷମ ଅବସ୍ଥାରେ ରହିଛି(ମାର୍ଚ୍ଚ ୨୦୧୯)। ଏହା ବ୍ୟତୀତ ଓଡିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ କର୍ପୋରେଶନ(ଓଏଆଇସି)ର ସହସ୍ରାଧିକ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ରହିଛି। ଏଗୁଡିକର ପରିଚାଳନା ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଜଳ ବ୍ୟବହାରକାରୀ ସଂଘ ବା 'ପାଣିପଞ୍ଚାୟତ' ଦ୍ୱାରା କରାଯାଉଛି।

ପାଣିପଞ୍ଚାୟତ ଦ୍ୱାରା ଏହି ପ୍ରକଳ୍ପଗୁଡିକର ପରିଚାଳନା ଓ ରକ୍ଷଣାବେକ୍ଷଣର ମାନ ସେପରି ଉତ୍ସାହଜନକ ନୁହେଁ। ଏହି ଯୋଜନାଗୁଡିକର ମୂଲ୍ୟାଙ୍କନ ପାଇଁ ରାଜ୍ୟ ଅର୍ଥ ବିଭାଗର ଏକ ଅଧ୍ୟୟନରୁ ଜଣାଯାଏ ଯେ, ପ୍ରାୟ ୨୭ ପ୍ରତିଶତ ହିତାଧିକାରୀ ଚାଷୀ ଜଳସେଚନରୁ ବଞ୍ଚିତ ହେଉଛନ୍ତି। ପାଣିପଞ୍ଚାୟତଗୁଡିକ ପ୍ରକଳ୍ପର ମରାମତି କରିବାକୁ ଆର୍ଥିକ ଦୃଷ୍ଟିରୁ ସକ୍ଷମ ନ ଥିବାରୁ, ଏହି କାର୍ଯ୍ୟକୁ ସରକାର ହାତକୁ ନେବାପାଇଁ ପରାମର୍ଶ ଦିଆଯାଇଛି। ସରକାର ମଧ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ଅନେକ ଅଚଳ ପ୍ରକଳ୍ପକୁ ପୁନରୁଦ୍ଧାର କରୁଛନ୍ତି। କିନ୍ତୁ ଭାଗୀଦାରି ଜଳସେଚନ ପରିଚାଳନାର ମୂଳ ଉଦ୍ଦେଶ୍ୟକୁ ଏହା ବିରୁଦ୍ଧାଚରଣ କରୁଛି। ଏହି ପାରସ୍ପରିକ ବିରୋଧାଭାସ କାରଣକୁ ଅନୁଶୀଳନ କଲେ ଜଣାଯାଏ ଯେ, ସାର୍ବଜନୀନ ଅର୍ଥରେ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରାଯାଇଥିଲେ ମଧ ଚାଷୀକୁଳ ବିଭିନ୍ନ କାରଣରୁ ଏହି ସାମର୍ଥ୍ୟର ଭରପୂର ଲାଭ ଉଠାଇବାରେ ସକ୍ଷମ ହୋଇ ନାହାନ୍ତି।

ଜଳସେଚନର ଭିତ୍ତିଭୂମି ସବୁକୁ ପରିଚାଳନା କରିବା ପାଇଁ ନିକାୟ(ପାଣିପଞ୍ଚାୟତ) ଉପଲବ୍ଧ। ଏସବୁର ଦକ୍ଷତାକୁ ସଦୁପଯୋଗ କରି ଚୁକ୍ତିଭିତ୍ତିକ ଚାଷ ଜରିଆରେ ଅର୍ଥକରୀ ଫସଲ ଉତ୍ପାଦନ ଓ ବିକ୍ରୟ କରାଯାଇ ପାରିଲେ ଚାଷୀ ସହିତ ବ୍ୟବହାରକାରୀ ସଂଘଗୁଡିକ ଆର୍ଥିକ ଓ ସାଙ୍ଗଠନିକ ଦୃଷ୍ଟିରୁ ସଶକ୍ତ ହୋଇପାରନ୍ତେ। ପ୍ରକାରାନ୍ତରେ କ୍ଷୁଦ୍ରଚାଷୀଙ୍କୁ ଉଦ୍ୟୋଗୀଙ୍କ ସହିତ ଯୋଡିବାରେ ଏହି ପାଣିପଞ୍ଚାୟତଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ପାରନ୍ତେ। ଉଦ୍ୟୋଗୀମାନଙ୍କ ପାଇଁ ଏହି ପାଣିପଞ୍ଚାୟତଗୁଡିକ ବ୍ୟାକୱାର୍ଡ ଲିଙ୍କେଜ ହିସାବରେ ସହଯୋଗ କରିପାରିବେ। ସଂକ୍ଷେପରେ କହିବାକୁ ଗଲେ ଓଡିଶାରେ ଚୁକ୍ତିଭିତ୍ତିକ ଚାଷରେ ସଫଳତାର ପାହାଚ ଉଠିବା ପାଇଁ ଉଠାଜଳସେଚନ ପ୍ରଣାଳୀର ଚାଷୀ, ପାଣିପଞ୍ଚାୟତ ଓ କୃଷି ଉଦ୍ୟୋଗୀଙ୍କ ସମନ୍ୱିତ ଆଭିମୁଖ୍ୟ ଆଗକୁ ବାଟ କଢାଇ ନେବ।

ଶ୍ରୀଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ମୋ:୯୪୩୭୧୬୪୬୧୧

# ନିରାମିଷ ଓ ଆମିଷ

ସୁଧିରାଜ ରାଉତ

ଆମ ଝିଅ, ଯିଏ ଦ୍ୱିତୀୟ ପଢୁଛି ଦିନେ ମୋତେ କହିଲା, 'ବଡ଼ବାପା ମୋତେ ଲାଗୁଛି ମଣିଷ ଗୋଟିଏ ସର୍ବଗ୍ରାସୀ ଜୀବ।' ଅନେକାଂଶରେ ଏହା ମିଛ ନୁହେଁ। 'ମନୁଷ୍ୟ ପ୍ରକୃତରେ ନିରାମିଷାଶୀ ।' ଏହାକୁ ବିଶ୍ୱାସ କରୁଥିବା ବ୍ୟକ୍ତିମାନେ ଅନେକ ପ୍ରମାଣ ଏକାଠି କରିଛନ୍ତି। ଯେଭଳି, ୧. ମନୁଷ୍ୟର ପାଚନତନ୍ତ୍ର ତୃଣଭୋଜୀ ପ୍ରାଣୀ ଭଳି ଲମ୍ବା । ୨. ମାଂସ ଆହାର କରୁଥିବା ପ୍ରାଣୀମାନଙ୍କର ଶ୍ୱାନଦାନ୍ତ ଅଛି, ଯାହା ମନୁଷ୍ୟର ନାହିଁ। ୩. ମାଂସ ଖାଉଥିବା ପ୍ରାଣୀମାନେ ଜିଭରେ ଚାଟି ଚାଟି ପାଣି ପିଅନ୍ତି କିନ୍ତୁ ମନୁଷ୍ୟ ସେଭଳି ପିଏନାହିଁ... ଇତ୍ୟାଦି। ମାଂସାହାରୀ ମନୁଷ୍ୟମାନଙ୍କ ତର୍କ– ୧. ମନୁଷ୍ୟର ପାଚନତନ୍ତ୍ର ମୋଟେ ତୃଣଭୋଜୀ ପ୍ରାଣୀଭଳି ନୁହଁ। ୨. ମନୁଷ୍ୟର ଶ୍ୱାନଦନ୍ତ ନାହିଁ ସତ କିନ୍ତୁ ମନୁଷ୍ୟର ଦନ୍ତବିନ୍ୟାସ ମୋଟେ ତୃଣଭୋଜୀ ପ୍ରାଣୀଭଳି ନୁହେଁ। ୩. ମନୁଷ୍ୟ ମାଂସଭକ୍ଷୀ ପ୍ରାଣୀଭଳି ଚାଟି ଚାଟି ପାଣି ପିଏନାହିଁ କିମ୍ବା ତୃଣଭୋଜୀ ପ୍ରାଣୀ ଭଳି ମୁହଁ ନାକ ବୁଡ଼ାଇ ପାଣି ପିଏ ନାହିଁ। ଯୁକ୍ତି ସବୁକୁ ବିଚାର କଲେ, କୁନିଝିଅ ଭଳି କହିବା– 'ମନୁଷ୍ୟ ଗୋଟିଏ ସର୍ବଗ୍ରାସୀ ଜୀବ।'ତେବେ ମନୁଷ୍ୟ ଏକମାତ୍ର ଜୀବ, ଯାହାକୁ ବିଶ୍ୱ ପ୍ରକୃତି ଖାଦ୍ୟ ଚୟନ କରିବାକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଛି ଏବଂ ସ୍ୱାଧୀନତାକୁ ସେ ସର୍ବଦା ସ୍ୱେଚ୍ଛାଚାରୀ ଭାବେ ବ୍ୟବହାର କରି ଆସିଛି। ଆଉ ଏଇ ସ୍ୱେଚ୍ଛାଚାରିତା ଆମକୁ ସର୍ବଗ୍ରାସୀ ଭ୍ରମ ସୃଷ୍ଟିକରୁଛି।

ଦୁଇଦିନ ତଳର କଥା, ବନ୍ଧୁ ସହ ଫୋନ୍‌ରେ କଥାହୋଇ ଜାଣିଲି ସେ ଆଜି ମଧ୍ୟାହ୍ନ ଓ ରାତ୍ର ଭୋଜନରେ ମାଂସ, ଚିକେନ୍ ଖାଇଛି। କହିଲି– ଏସି ରୁମ୍ କମ୍ପ୍ୟୁଟର ଆଗରେ ବସିବା ତୋର କାମ, ଖାଇବା ହଜମ ହେବ? ବନ୍ଧୁ କହିଲା– ସତ କଥା ହେଉଛି ଆମିଷ ଟିକେ ନ ହେଲେ ମୋତେ ଖାଇ ହେଉନି। ଆଜି ପୃଥିବୀର ଅଧିକାଂଶ ସାମାନ୍ୟ ଆର୍ଥିକ ସ୍ୱଚ୍ଛଳ ମଣିଷଙ୍କର ଦୁର୍ଭାଗ୍ୟ ଏଇଆ। ଆଉ ଏହାର ପରିଣାମ ହାଇ କୋଲେଷ୍ଟରଲ୍, ସୁଗାର, କ୍ୟାନ୍ସର, ହାର୍ଟ ଆଟାକ୍, ଡିପ୍ରେସନ୍, ବିପି... ଯେତେ ସବୁ ଅସାଧ ରୋଗ। ଜିହ୍ୱା ଲାଳସାରେ ଦେହରୂପୀ ଦୁର୍ଲଭ ଯନ୍ତ୍ରକୁ ଶକ୍ତିର ଚାପରେ ରୋଗର ନର୍କ କରିବାରେ ଲାଗିଛୁ।

ଝରକା ବାହାରେ ଫୁଲଗଛ ସବୁ ମାଟିରୁ, ବାୟୁମଣ୍ଡଳରୁ, ସୂର୍ଯ୍ୟକିରଣରୁ ଆବଶ୍ୟକ ଖାଦ୍ୟ ଗ୍ରହଣ କରି ସୁନ୍ଦର ଫୁଲସବୁ ଫୁଟାଇଛି। ସୌନ୍ଦର୍ଯ୍ୟ ଓ ସୁଗନ୍ଧର ଆଧାରଟିଏ ହୋଇଛି। ଆମେ ଯାହାସବୁ ଆହାର ରୂପେ ଗ୍ରହଣ କରୁଛୁ ତାହା କ'ଣ ଆମ ଚେତନାରେ ଦିବ୍ୟଭାବର ପୁଷ୍ପ ଫୁଟାଇପାରିବ? ଆମ ମନପ୍ରାଣରେ ପବିତ୍ର ଭାବର ମହକ ପ୍ରକାଶିପାରିବ? ଆମ ଶରୀରକୁ ଆରୋଗ୍ୟ, ଆଲୋକିତ କରିପାରିବ? ପରିବ୍ରାଜକ ତୃଷାର୍ତ୍ତ ରାମାନୁଜନ ଏକ କୂପରୁ ପାଣି ପିଇସାରି ପୁନଃ ଯାତ୍ରା ଆରମ୍ଭ କରନ୍ତେ ଇଚ୍ଛା ହେଲା କିଛି ଜଳ ସାଥିରେ ନେଇଯିବାକୁ। ପୁନଶ୍ଚ ଭାବିଲେ ସବୁଛାଡ଼ି ଏତେ ଦିନ ଏତେ ବାଟ ଆସିଲିଣି, ଆଜି ଜଳ ସାଥିରେ ନେବାକୁ ଆସକ୍ତି କାହିଁକି? ଖୋଜି ପାଇଲେ, ପୁଣ୍ୟ ଅର୍ଜନ ଉଦ୍ଦେଶ୍ୟରେ ଜଣେ ପ୍ରଚଣ୍ଡ ଲୋଭୀ ବ୍ୟକ୍ତି ଏ କୂପ ଖୋଳିଛି। ଲୋଭୀ ବ୍ୟକ୍ତି ଖୋଳିଥିବା କୂପଜଳ ଯଦି ସଂସାର ବିରକ୍ତ ସନ୍ୟାସୀ ରାମାନୁଜନଙ୍କୁ ପ୍ରଭାବିତ କରିପାରେ, ଆମେ ଲୋଭରେ, ଲାଳସାରେ ଖାଉଥିବା ପଶୁମାଂସ, ସେଇ ପଶୁର ଚେତନା ତା'ର ଅସହାୟତା, ଭୟ, ଉଦ୍‌ବେଗ... ବଧ ସମୟର ନିଷ୍ଠୁରତା ହିଂସ୍ରତା ଉତ୍ତେଜନା... ଆମ ଚେତନାକୁ ମନପ୍ରାଣକୁ ଶରୀର ଜୀବକୋଷକୁ କିଭଳି ପ୍ରଭାବିତ କରୁଥିବ? ହଜାର ବର୍ଷ ପୂର୍ବରୁ ଗୀତା ଆମକୁ ଖାଦ୍ୟ ଚୟନରେ ପୂର୍ଣ୍ଣ ସ୍ୱାଧୀନତା ଦେଇ କହିଛି– ଖାଦ୍ୟ ତିନି ପ୍ରକାର ଗୁଣଯୁକ୍ତ– ସାତ୍ତ୍ୱିକ, ରାଜସିକ ଓ ତାମସିକ। ତୁମେ ଯେଉଁ ଗୁଣଯୁକ୍ତ ଖାଦ୍ୟ ଖାଇବ ସେଇ ଗୁଣର ଜୀବନ ପ୍ରାପ୍ତ କରିବ। ଆଜି ସଭ୍ୟ ମଣିଷ ଜିହ୍ୱା ଲାଳସାର ଦାସ ହୋଇ ଅତୀତର ଅମୂଲ୍ୟ ଜ୍ଞାନସବୁକୁ ଅବୈଜ୍ଞାନିକ କହୁଛି। ଖାଦ୍ୟ କେବଳ ମାନବ ଜୀବନ ନୁହେଁ ମାନବ ସଭ୍ୟତାକୁ ମଧ ପ୍ରଭାବିତ କରିଥାଏ ଆଉ ଏହାର ଜ୍ୱଳନ୍ତ ଉଦାହରଣ ଆମ ପବିତ୍ର ମାତୃଭୂମି।

ସମଗ୍ର ବିଶ୍ୱରେ ଭାରତବର୍ଷ ନିତ୍ୟ ପ୍ରାର୍ଥନାରେ ବିଶ୍ୱ ମୋ ପରିବାର ବୋଲି କହିଛି, କେବଳ ମଣିଷ ନୁହେଁ ସମସ୍ତେ ସୁଖରେ ଅବସ୍ଥାନ କରନ୍ତୁ ବୋଲି ନିତ୍ୟ କାମନା କରିଛି। ଏଭଳି ଅନନ୍ୟ ଅତୁଳନୀୟ ସ୍ୱର୍ଗୀୟ ସଭ୍ୟତାର ସୃଷ୍ଟି ପାଇଁ ଯେଉଁ ସବୁ ସାଧନ ସାହାଯ୍ୟ କରିଛି ସେ ମଧ୍ୟରୁ ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ହେଉଛି ବିଶ୍ୱରେ ଭାରତବର୍ଷ ସର୍ବାଧିକ ନିରାମିଷାଶୀ। ଏକ ଆକଳନ କହେ ଶହେ ବର୍ଷ ପୂର୍ବରୁ ଭାରତରେ ସତୁରିଭାଗରୁ ଅଧିକ ଲୋକ ନିରାମିଷାଶୀ ଥିଲେ। ଗବେଷଣାରୁ ଏହା ମଧ ଜାଣିଲି ଭାରତ ବାହାରେ ଯେତେସବୁ ମହାନ୍ ମଣିଷ ସତ୍ୟର ସନ୍ଧାନୀ, ମାନବତାର ପ୍ରେମିକ, ସୃଜନର ସ୍ରଷ୍ଟା ସେମାନେ ଅଧିକାଂଶ ନିରାମିଷାଶୀ– ପିଥାଗୋରାସ୍, ସକ୍ରେଟିସ୍, ଲିଓନାର୍ଡ୍, ୱର୍ଡ୍‌ସୱର୍ଥ, ନିଉଟନ୍, ଭୋଲ୍ଟେୟାର୍, ଟଲ୍‌ଷ୍ଟୟ, ଆଇନ୍‌ଷ୍ଟାଇନ୍, ଏଡିସନ୍, ଟେସ୍ଲା ପ୍ରମୁଖ– ଏ ନାମ ତାଲିକା ବହୁଦୀର୍ଘ। ହିଂସ୍ରତା, ପାଶବିକତା, ଉତ୍ତେଜନାରେ ପୂର୍ଣ୍ଣ ପ୍ରାଣମନ କ'ଣ ସତ୍ୟର, ସୃଜନର ସ୍ରଷ୍ଟା ହୋଇପାରିବ?

ଇନ୍ଦ୍ରାବତୀ, ନବରଙ୍ଗପୁର
ମୋ– ୯୪୩୭୬୪୧୪୧୩

## ପାଠକ ଶ୍ରେଷ୍ଠ ବିଚାରକ

### ଜେନାପୁରରେ ରାସ୍ତା ନିର୍ମାଣ ହେଉ

ମହାଶୟ,

ପଣସପଡିଆ ଗ୍ରାମର ୧୨ ନମ୍ବର ୱାର୍ଡର ଲୋକେ ନଦୀବନ୍ଧରୁ ଆଖଣ୍ଡଳମଣୀ ମନ୍ଦିର ଦେଇ ପାଦଚଲା ରାସ୍ତାରେ ଗାଁକୁ ଯିବା ଆସିବା କରୁଛନ୍ତି। ଏହି ମନ୍ଦିର ଏବଂ ଠାକୁରଙ୍କ ପ୍ରତି ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କର ଅତୁଟ ଧର୍ମ ବିଶ୍ୱାସ ରହିଛି। ଏବେ ମନ୍ଦିର ପରିସରରେ ଗ୍ରୀଲ ଲାଗିଥିବା ବେଳେ ଲୋକେ ଏହି ରାସ୍ତାରେ ମାଛ, ମାଂସ ଆଦି ଧରି ଯିବାକୁ ବାଧ ହେଉଛନ୍ତି। ଏହା ଲୋକଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଉଛି। ଏହି ମନ୍ଦିର ପଛପଟରେ ଆମେ ଗ୍ରାମବାସୀ ଏକ ରାସ୍ତା ତିଆରି କରିଛୁ। ହେଲେ ଏଥିପାଇଁ ଯଥେଷ୍ଟ ସମ୍ବଳ ଯୋଗାଡ ନ କରିପାରିବାରୁ ରାସ୍ତାଟି ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଏହି ୫୦୦ ମିଟର ରାସ୍ତା ନିର୍ମାଣ ପାଇଁ ସରକାରୀ ଅନୁଦାନ ପ୍ରଦାନ ପାଇଁ ବହୁବାର ନିବେଦନ କରିଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ସରକାର ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉଥିବାରୁ କୌଣସି ବିଭାଗ ଏଥିନେଇ ଅନୁଦାନ ପ୍ରଦାନ କରିବାକୁ ଅନୁରୋଧ କରୁଛୁ ।

ରମେଶ ପରିଡ଼ା ଏବଂ ଗ୍ରାମବାସୀ
ପଣସପଡ଼ିଆ, ଜେନାପୁର, ଧର୍ମଶାଳା, ଯାଜପୁର

## ଚିରନ୍ତନୀ

ବିଶ୍ୱର ଶତ କ୍ଷତେ
ବ୍ୟଥିତ ବଧିର
ଏ ମରମୁଁ ଗଳେ ଚିର
ଲୋହିତ ରୁଧିର।

(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମରାମତି ହୋଇପାରୁନି ଆଶ୍ରୟସ୍ଥଳ

ଭୁବନେଶ୍ୱର,୯।୯(ବ୍ୟୁରୋ)

■ ବନ୍ୟା ପରେ ବାତ୍ୟା ଭୟ
■ ବାଧକ ସାଜିଛି କରୋନା ମହାମାରୀ
■ ଅଧାରେ ରହିଛି ଗ୍ରାମ ବିପର୍ଯ୍ୟୟ ପ୍ରସ୍ତୁତି ଯୋଜନା

ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ। କେତେ ବେଳେ ବନ୍ୟା ତ କେତେ ବେଳେ ବାତ୍ୟା ଦାଉ ସାଧୁଛି। ବନ୍ୟା ପରେ ଅକ୍ଟୋବରରେ ରାଜ୍ୟକୁ ବାତ୍ୟା ବିପଦର ଭୟ ରହିଛି। କରୋନା ସଂକ୍ରମଣକୁ ରୋକିବାକୁ ରାଜ୍ୟ ସରକାର ଦିନ ରାତି ଏକ କରିଥିବା ବେଳେ ବାତ୍ୟା ପ୍ରସ୍ତୁତି ଏକ ପ୍ରକାର ସ୍ଥାଣୁ ହୋଇଯାଇଛି। ରାଜ୍ୟରେ ଅଧିକାଂଶ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ମରାମତି ଅପେକ୍ଷାରେ ଥିବା ଏହି ଗୃହଗୁଡିକ ତୁରନ୍ତ ମରାମତି କରା ନ ଗଲେ ବାତ୍ୟା ସମୟରେ ଲୋକମାନଙ୍କୁ ସ୍ଥାନାନ୍ତର କରିବା ବିପଜ୍ଜନକ ହେବ।

୧୯୯୯ ଅକ୍ଟୋବର ୨୯ ତାରିଖ ମହାବାତ୍ୟା ପରେ ରାଜ୍ୟରେ ମହାରାଷ୍ଟ୍ର ସରକାର, ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠି ଏବଂ ବିଭିନ୍ନ ଏନ୍‌ଜିଓଙ୍କ ଦ୍ୱାରା ନିର୍ମାଣ ହୋଇଥିବା ୧ ହଜାରରୁ ଊର୍ଦ୍ଧ୍ୱ ସ୍କୁଲ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସେସବୁକୁ ଦୀର୍ଘ ୨୦ ବର୍ଷ ପରେ ମଧ୍ୟ ମରାମତି କରାଯାଇ ପାରୁ ନାହିଁ। ବାତ୍ୟା ହେଲେ ସେହି ସ୍କୁଲ ଘର ହିଁ ଏକମାତ୍ର ବିକଳ୍ପ। ମହାବାତ୍ୟା ପରେ ରାଜ୍ୟର ବିଭିନ୍ନ ଜିଲାରେ ୧୦୪୨ ସ୍କୁଲ ଗୃହ ନିର୍ମାଣ ହୋଇଥିଲା। ସେଗୁଡିକ ମରାମତି ଅଭାବରୁ ନଷ୍ଟ ହେବାକୁ ବସିଲାଣି। ବିଧାନସଭାରେ ଏହି ପ୍ରସଙ୍ଗ ଉଠିବା ପରେ ରାଜ୍ୟ ସରକାର ୨୦୧୯-୨୦ ଆର୍ଥିକ ବର୍ଷରେ ଉକ୍ତ ସ୍କୁଲ ଘରଗୁଡିକୁ ପଞ୍ଚାୟତିରାଜ ବିଭାଗ ଦ୍ୱାରା ମରାମତି କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଏ ନେଇ କୌଣସି ବ୍ୟୟ ବରାଦ କରାଯାଇ ନାହିଁ। କରୋନା ଯୋଗୁ ଏହାର ମରାମତି କାର୍ଯ୍ୟ ସ୍ଥାଣୁ ହୋଇଯାଇଛି। ସ୍କୁଲ, କଲେଜ ଘର ମରାମତି ଦାୟିତ୍ୱ ଗତ ୮ ମାସ ହେବ ପଞ୍ଚାୟତିରାଜ ବିଭାଗକୁ ପ୍ରଦାନ କରାଯାଇଛି। ଏ ନେଇ ଅର୍ଥ ବ୍ୟବସ୍ଥା ହୋଇ ନ ଥିବାରୁ ସେ କାର୍ଯ୍ୟ ଆରମ୍ଭ ହୋଇ ପାରି ନାହିଁ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

ଅନ୍ୟ ପକ୍ଷରେ ମହାବାତ୍ୟା ପରେ ରାଜ୍ୟ ୧୪ ଉପକୂଳ ଜିଲାରେ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ(ଓସ୍‌ଡିଏମ୍‌ଏ) ଏବଂ ରେଡ୍‌କ୍ରସ ପକ୍ଷରୁ ୮୧୪ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳ ନିର୍ମାଣ କରାଯାଇଥିଲା। ସେଗୁଡିକ ମଧ୍ୟରୁ ୮୦୦ ଆଶ୍ରୟସ୍ଥଳକୁ ମରାମତି କରାଯାଇଥିବା ଡେପୁଟି ରିଲିଫ କମିଶନର ପ୍ରଭାତ ରଞ୍ଜନ ମହାପାତ୍ର କହିଛନ୍ତି। ଏଥିପାଇଁ ୪୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି।

ବିପର୍ଯ୍ୟୟ ସମୟରେ ଲୋକମାନେ ନିଜକୁ କିପରି ସୁରକ୍ଷିତ ରଖି ପାରିବେ ତାହାକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଗ୍ରାମାଞ୍ଚଳରେ ଗ୍ରାମ ବିପର୍ଯ୍ୟୟ ପରିଚାଳନା ଯୋଜନା (ଭିଡିଏମ୍‌ପି) କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ୨୦୧୯-୨୦ରୁ ୨୦୨୪-୨୫ ଯାଏ ରାଜ୍ୟର ୫୦ ହଜାର ଗ୍ରାମରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ପ୍ରତ୍ୟେକ ବର୍ଷ ୧୦ ହଜାର ଗ୍ରାମକୁ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ସମ୍ବେଦନଶୀଳ ଗ୍ରାମକୁ ଚିହ୍ନଟ କରାଯାଇଛି। ଏଥିରେ ଗ୍ରାମର ଯୁବତୀ ଯୁବକମାନଙ୍କୁ ସାମିଲ କରାଯିବା ସହ ସେମାନଙ୍କୁ ଜିଲା ଓ ରାଜ୍ୟସ୍ତରରେ ପ୍ରଶିକ୍ଷଣ ପ୍ରଦାନ କରାଯିବାକୁ ବ୍ୟବସ୍ଥା ହୋଇଛି। ଏପରିକି ଭିଡିଏମ୍‌ପିରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ସାମିଲ କରିବାକୁ ନିଷ୍ପତ୍ତି ହୋଇଛି। ବିପତ୍ତି ଆସିବା ପୂର୍ବରୁ ଲୋକମାନେ କିପରି ନିଜକୁ ସୁରକ୍ଷିତ ରଖି ପାରିବେ ସେ ନେଇ ତାଲିମ ପ୍ରଦାନ କରାଯିବାକୁ ବ୍ୟବସ୍ଥା ହୋଇଛି। ତେବେ କୋଭିଡ୍ ମହାମାରୀ ଯୋଗୁ ଏହି ଯୋଜନା ମଧ୍ୟ ଅଧାରେ ରହିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ପୁଣି ଗ୍ରାମାଞ୍ଚଳରେ ତାଲିମ ଦେବା କାର୍ଯ୍ୟ ଆରମ୍ଭ ହେବ ବୋଲି ଡେପୁଟି ଏସ୍‌ଆର୍‌ସି ମହାପାତ୍ର କହିଛନ୍ତି।


### ଏସ୍.ଇ. ରେଳପଥ - ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୦୩-ଇଏଲ୍-ଡବ୍ଲ୍ୟୁଟି-୨୦୨୦-୨୧, ତାରିଖ ୦୭।୦୯।୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଇଇ (ଜି)/ସିକେପିଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ତିନିବର୍ଷ ଅର୍ଥାତ୍ ୧୦୯୫ ଦିନ ଅବଧି ପାଇଁ ଏସ୍‌ଏସ୍‌ଇଇ(ଜି)/ଜେଏସ୍‌ଜିଙ୍କ ଅଧୀନରେ ବ୍ରେକ୍‌ଡାଉନ୍ ଓ ମେଣ୍ଟେନାନ୍ସ କାର୍ଯ୍ୟ ନିମନ୍ତେ ବ୍ରେକ୍‌ଡାଉନ୍ ସ୍ଥାନ, ପମ୍ପ ହାଉସ୍, ରାସ୍ତାକଡ଼ ଷ୍ଟେଶନଗୁଡ଼ିକୁ ସାମଗ୍ରୀର ପରିବହନ ପାଇଁ ଏକ ଟନ୍ କ୍ଷମତାବିଶିଷ୍ଟ ଟ୍ରକ୍ ଭଡ଼ା ସୂତ୍ରରେ ନେବା। **ଟେଣ୍ଡର ମୂଲ୍ୟ:** ₹୧୧,୨୦,୨୭୪/-। **ଇଏମ୍‌ଡି:** ₹୨୨,୪୦୦/-। **ଟେଣ୍ଡର କାଗଜପତ୍ର ମୂଲ୍ୟ:** ₹୨,୦୦୦/-। **ସମାପ୍ତି/ଖୋଲାଯିବା ତାରିଖ:** ୧୩।୧୦।୨୦୨୦। ଟେଣ୍ଡର ୱେବ୍‌ସାଇଟ୍: **http://www.ireps.gov.in**ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ।
**(PR-244)**


## ଶପଥ ନେଲେ ଦୁଇ ରାଜ୍ୟ ସୂଚନା କମିଶନର

**ଭୁବନେଶ୍ୱର ୯।୯(ବ୍ୟୁରୋ):** ରାଜ୍ୟ ସୂଚନା କମିଶନର ଭାବେ ବିକ୍ରମ ସେନାପତି ଓ ଦିଲୀପ କୁମାର ବିଶୋୟୀ ଶପଥ ଗ୍ରହଣ କରିଛନ୍ତି। ବୁଧବାର ରାଜ୍ୟପାଳ ଗଣେଶୀ ଲାଲ ସୂଚନା କମିଶନର ଦ୍ୱୟଙ୍କୁ ଶପଥ ପାଠ କରାଇଛନ୍ତି। ରାଜଭବନ ଅଭିଷେକ ହଲ୍‌ରେ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଆରମ୍ଭରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ବିଷ୍ଣୁପଦ ସେଠୀ ସୂଚନା କମିଶନର ନିଯୁକ୍ତି ସମ୍ପର୍କିତ ରାଜ୍ୟପାଳଙ୍କ ନିର୍ଦ୍ଦେଶନାମା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ସୂଚନା କମିଶନର ସୁନୀଲ କୁମାର ମିଶ୍ର, ରାଜ୍ୟ ସୂଚନା କମିଶନର ବାଳକୃଷ୍ଣ ମହାପାତ୍ର, ରାଜ୍ୟପାଳଙ୍କ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


### ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ସମ୍ପର୍କରେ



ନାମ: **ବିଶାଳ ଲାଖୁଆ**
ବୟସ: ୧୪ ବର୍ଷ
ପିତା: ଏତଟା ଲାଖୁଆ
ଘର: କାର୍ଗିଲ ବସ୍ତି, ଲିଙ୍ଗରାଜ ବିହାର ପାଖ, ପୋଖରୀପୁଟ
ଥାନା: ଏୟାରପୋର୍ଟ, ଭୁବନେଶ୍ୱର କମିଶନରେଟ, ଜିଲ୍ଲା: ଖୋର୍ଦ୍ଧା

ଉକ୍ତ ବାଳକଟି ଗତ ତା୨୭।୧୨।୨୦୧୯ରିଖ ସନ୍ଧ୍ୟା ୬ ଘଟିକା ସମୟରେ ଘରୁ କେଉଁଆଡ଼େ ପଳାଇଯାଇଛି। ଯଦି କେହି ସହୃଦୟ ବ୍ୟକ୍ତି ନିଖୋଜ ବାଳକ ବିଷୟରେ ଖବର ପାଇଥାନ୍ତି କିମ୍ବା ପାଆନ୍ତି ତେବେ ନିମ୍ନ ଫୋନ୍ ନମ୍ବରରେ ଜଣାଇବାକୁ ଅନୁରୋଧ।

ଫୋନ୍ ନମ୍ବର: ୭୭୩୫୪୦୩୭୭୫, ୭୯୭୮୨୫୯୯୦୪, ୯୪୩୭୨୨୦୦୯୪

**No. D-53** **OIPR-12015/11/0014/2021**



### REVENUE AND DISASTER MANAGEMENT DEPARTMENT
### WITHDRAWAL NOTIFICATION

No.RDM-LAA-MBJ-0060-2018/1879 R&DM, dated 10 Jan 2020

No.XXI-66:- In exercise of the powers conferred by Section 93 (1) of the Right to Fair Compensation and Transparency in Land Acquisition, Rehabilitation & Resettlement Act, 2013, the State Government do hereby withdraw Ac.0.38 dec. of land out of Ac. 11.70 dec of land as per the land schedule given below in village-Ankura, P.S.- Karanjia No.66, Tahasil-Karanjia, District- Mayurbhanj covered by Revenue & DM Department Notification No. 39624 dated 25.10.2018 published in the extraordinary issue of the Odisha Gazette No.69 dated 09.01.2019 acquired towards construction of Baliposi Minor, Sanadiha Sub-Minor and Niunti Sub-Minor of Deo Irrigation Project of which possession has not been taken.

**Withdrawal Land Schedule**

**Village-Ankura, Tahasil-Karanjia, District- Mayurbhanj**

| Sl.No. | Khata No. | Plot No. | Total Area in acre | Notified Area in Acre | Withdrawal area in acre |
|---|---|---|---|---|---|
| 1 | 412/333 | 659/2774 | 0.56 | 0.16 | 0.16 |
| 2 | 412/334 | 659 | 0.56 | 0.10 | 0.10 |
| 3 | 412/1079 | 654 | 0.06 | 0.02 | 0.02 |
| 4 | 412/505 | 654/2904 | 0.21 | 0.05 | 0.05 |
| 5. | 412/1071 | 654/3491 | 0.065 | 0.025 | 0.025 |
| 6 | 412/910 | 654/3302 | 0.025 | 0.025 | 0.025 |
| | | Total | 1.48 | 0.38 | 0.38 |

By order of the Governor
**Sd./- Additional Secretary to Government**
OIPR-24001/14/0111/2021



### DIRECTORATE OF MEDICAL EDUCATION & TRAINING, ODISHA

**No. 14733/BBSR** **Date: 08.09.2020**

**NOTICE**

**ADMISSION NOTICE FOR ANM, GNM, BASIC B.Sc., P.B.B.S.C. & M.Sc. NURSING COURSES 2020-21**

No. E-229: Online applications are invited from the eligible candidates for admission to ANM, GNM, BASIC B.Sc., P.B.B.Sc. & M.Sc. Nursing Courses in all the ONMRC (Odisha Nurses & Midwives Registration Council) recognised Government and Private Nursing Institutions of the State for the academic session 2020-21. Intending candidaets must submit their online application from Dt.10.09.2020 to Dt.26.09.2020 by 11.45 P.M. by paying application fee amounting **Rs.300/- (Rupees three hundred only) for ANM, Rs.500/- (Rupees five hundred only) for GNM & BASIC B.Sc. Nursing and Rs.1000/- (Rupees one thousand only) for P.B.B. Sc. & M.Sc. Nursing** excluding bank charges (to be borne by the applicants themselves) as applicable through Net Banking/Card Payments/Other payment modes (SBI Branch or NEFT/RTGS or UPI). For details go through the prospecuts. The prospectus will be available in the website **http://dmetodisha.gov.in** and **http://dohodisha.nic.in** from Dt.10.09.2020.

**ADMISSION CALENDAR FOR ANM, GNM, BASIC B.Sc., P.B.B. Sc. & M.Sc. NURSING COURSES FOR THE ACADEMIC SESSION 2020-21**

| Admission Process | ANM | GNM | BASIC B.Sc. Nursing | P.B.B.Sc. Nursing | M.Sc. Nursing |
|---|---|---|---|---|---|
| Availability of Prospectus in official website: **www.dmetodisha.gov.in/ www.dohodisha.nic.in** | 10.09.2020 | 10.09.2020 | 10.09.2020 | 10.09.2020 | 10.09.2020 |
| Availability of Online application form & payment of application fee in official website: **www.dohodisha.nic.in** | 10.09.2020 | 10.09.2020 | 10.09.2020 | 10.09.2020 | 10.09.2020 |
| Last date for submission of online application form & payment of application fee | 26.09.2020 by 11.45 P.M. | 26.09.2020 by 11.45 P.M. | 26.09.2020 by 11.45 P.M. | 26.09.2020 by 11.45 P.M. | 26.09.2020 by 11.45 P.M. |

**Sd./- Convener, State Nursing Selection Committee**
**OIPR-10016/11/0012/2021**



GOVERNMENT OF ODISHA
### DEPARTMENT OF WATER RESOURCES
### OFFICE OF THE EXECUTIVE ENGINEER, SUNDARGARH IRRIGATION DIVISION, SUNDARGARH

**E-mail ID: irreesng@yahoo.in/irreesng@gmail.com**

**AUCTION SALE NOTICE**

**No. SID-07/2020-21** **Dt.09.09.2020**

No. A-214: Sealed tender in conformity with detail tender schedule are invited from interested persons/firms for sale of the following condemned/unserviceable vehicles of Sundargarh Irrigation Division, Sundargarh on "AS IS WHERE IS BASIS" only presently available in the campus as noted below.

| Sl. No. | Description of Articles | Details of the Campus | Upset Price | Cost of Tender | Caution Money to be Deposited |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | **T&P Account** Diesel Marshal Jeep OR 16 A 2574 750 DI Model (MAM) Registration No. OR 16A 2574 Diesel Enginee No. DY-175052 Chasis No. Marshal 750 DI HT 2AY-DY-175052 | Premises of the Office of the Executive Engineer, Sundargarh Irrigation Division, Sundargarh | 52,500/- | 400/- | 5,000/- |

The tender documents can be obtained in person from the Office of the Executive Engineer, Sundargarh Irrigation Division, Sundargarh on any working days on payment of cost of tender paper as mentioned in Column-5 of above in shape of Cash. All other details can be obtained from the Office of the undersigned on working days during office hours.

The date of sale and receipt of tender paper from **Dt.11.09.2020 during office hours (10.00 A.M. to 05.30 P.M.) and close on Dt.24.09.2020 at 5.30 P.M. on all working days after which no sale and receipt shall be made**. The tender will be opened on **Dt.25.09.2020 at 11.00 A.M.** in the presence of the bidders or their representatives if they so desired.

The intending biddes shall have to furnish proof of his identity and caution money for the above item as mentioned in the Column-6 of the above table in shape of Bank Draft in any Scheduled Bank drawn in favour of Executive Engineer, Sundargarh Irrigation Division, Sundargarh payable at SBI, Sundargarh along with the tender paper failing which the tender will be rejected.

Intending bidders may inspect the vehicles on any working days during office hours.

**Sd./- Executive Engineer**
**Sundargarh Irrigation Division, Sundargarh**
**OIPR-32134/11/0005/2021**



### PANCHAYAT SAMITI, KANIHA
### INVITATION FOR BIDS (IFB)
### IDENTIFICATION NO.KNH-01/2020-21

**E-mail address: ori-kaniha@nic.in**

The Block Development Officer, Kaniha on behalf of the Governor of Orissa invites Percentage of Rate Composite Bid and Percentage of Rate Bid in single cover system for the works "Construction of A.W.C. Building (25 Nos.) and Construction of Double Storey Staff Quarter Building (1 No.)", from the Class C & D contractors as mentioned in Col.4(four), registered with the State Government and contractors of equivalent grade/ Class registered with Central Government/ MES/Railway to be eventually drawn up in PWD P-1 form, for execution of Building / Composite work i.e. Civil Work, P.H. Work and E.I. Works for A.W.C. & only Civil Work for M.S. Staff Quarter). The proof of the registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any one or all of the 25 (twenty five) Nos. of A.W.C. Building and 1(One) No. of Double Storey Staff Quarter. The details of the eligibility criteria, EMD, enclosures etc. along with the list of project and date and time of sale, receipt and opening of bid documents can be viewed & downloaded from the District website i.e. www.angul.nic.in.

| Sl. No. | Name of works | Approx. value of work (Rs. in lakhs) | Class of contractor | Bid security (Rs.) | Cost of documents (Non-refundable) | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Constn. of A.W.C. Building at Haradataila in Bajrakote G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 2 | Constn. of A.W.C. Building at Katrapali in Balipasi G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 3 | Constn. of A.W.C. Building at Baradangua in Bijigol G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 4 | Constn. of A.W.C. Building at Maidharapur II in Burukuna G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 5 | Constn. of A.W.C. Building at Kantapal in Dalak G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 6 | Constn. of A.W.C. Building at Nalam II in Dalak G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 7 | Constn. of A.W.C. Building at Poipal in Dalak G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 8 | Constn. of A.W.C. Building at Deranga III in Derang G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 9 | Constn. of A.W.C. Building at Deranga IV in Derang G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 10 | Constn. of A.W.C. Building at Gadasila II in Gadasila G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 11 | Constn. of A.W.C. Building at Sapakata in Hanumanpur G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 12 | Constn. of A.W.C. Building at Boudhabeda II in Hanumanpur G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 13 | Constn. of A.W.C. Building at Ranjana in Hanumanpur G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 14 | Constn. of A.W.C. Building at Dangarabeda in Kulei G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 15 | Constn. of A.W.C. Building at Olanda in Kuluma G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 16 | Constn. of A.W.C. Building at Gaham III in Parabil G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 17 | Constn. of A.W.C. Building at Rengali Project II in Rengali G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 18 | Constn. of A.W.C. Building at Rengali Project VIII in Rengali G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 19 | Constn. of A.W.C. Building at Rengali Project IV in Rengali G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 20 | Constn. of A.W.C. Building at Rengali Project IX in Rengali G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 21 | Constn. of A.W.C. Building at Rengali Project X in Rengali G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 22 | Constn. of A.W.C. Building at Talapada II in Talapada G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 23 | Constn. of A.W.C. Building at Bhaliabeda II in Susuba G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 24 | Constn. of A.W.C. Building at Dhobapal in Sanatibida G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 25 | Constn. of A.W.C. Building at Durgapur I in Talapada G.P. | 14.26 | 'C' & 'D' | 14260.00 | 6000.00 | Five calendar months |
| 26 | Construction of Multi Story Staff Quarter at Block Head Quarter. | 29.43 | 'B' & 'C' | 29430.00 | 6000.00 | Nine calendar months |

Sale of bid doucments: 10.09.2020 to 24.09.2020 (upto 1.00 P.M.)
Received of bid documents: 25.09.2020 (10.00 A.M. to 1.00 P.M.)
Opening of bid documents: 25.09.2020 at 3.00 P.M.

**Block Development Officer, Kaniha**



### ODISHA PUBLIC SERVICE COMMISSION

**19, Dr. P.K. Parija Road, Cuttack - 1**

**NOTICE**

**No. 4530/PSC** **Dt.8.9.20**

No. D-52: It is for information of all concerned that, as per the provisions laid down at Para - 6 of the advertisement No. 18 of 2019-20, the Commission have shortlisted the eligible candidates for certificate/document verification for recruitment to the Post of Lecturer in the discipline of **Commerce** in Group-A of Odisha Education Service (College Branch), Pursuant to Advt. No. 18 of 2019-20. Hence, the candidates are advised to visit the website of the Commission at **http://opsc.gov.in** for detail information.

**Sd./- Secretary**
**OIPR-12002/11/0029/2021**



**GOVERNMENT OF ODISHA**
### OFFICE OF THE SUPERINTENDING ENGINEER, NORTHERN (R&B) CIRCLE, SAMBALPUR

**Mail ID: sepwdsbp@rediffmail.com**

**e-Procurement | Bid Identification No. SENC(R&B)/06/2020-21**

No. B-240:- **No. 2827 Dtd. 03.09.2020**

1. The **Superintending Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Road works and Building works** as detailed in the DTCN from the eligible class of contractors.
2. No. of works= **02 (Two) (Buildings-02 Nos).**
3. Tender Cost: **Rs. 10,000/-**
4. Class of contractor: **"B" Class & "A" Class**
5. Date & Time of available in website & receipt of Bids from **14.09.2020** to **17.00 hours of 29.09.2020.**
6. Date of opening of Technical Bid **30.09.2020 at 11.00 hours.**
7. The Bidders have to participate in ONLINE bidding only. Further details can be seen from the website www. **tendersodisha.gov.in.**
8. Any corrigendum / Addendum will be displayed in the website **www.tendersodisha.gov.in.**

**Sd./- (S.N. Acharya), Superintending Engineer**
**Northern (R&B) Circle, Sambalpur**
OIPR-34035/11/0007/2021



**OFFICE OF THE**
### BALASORE MUNICIPALITY, BALASORE

**No. 4626** **Date: 09.09.20**

**E-Procurement Notice**

**BID Identification No. BM_06_2020-21**

Bid documents Consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in/nicgep/app**.

| | | | |
|---|---|---|---|
| 1. | Name of the Work | : | Civil Const. Works as mentioned in DTCN |
| 2. | No. of Works | : | 1 No. |
| 3. | Estimated Cost | : | As per Work List |
| 4. | Period of Completion | : | As per DTCN |
| 5. | Date and Time of Bidding | : | 10.09.2020 to 23.09.2020 |
| 6. | Last date and time for receipt | : | 23.09.2020 upto 5.00 P.M. |
| 7. | Technical Bids received Online shall be opened on | : | 24.09.2020 from 11.00 A.M. onwards |
| 8. | Financial Bids received online shall be opened on | : | 29.09.2020 from 11.00 A.M. onwards |
| 9. | Name and address of the Office Inviting Bid | : | Executive Officer, Balasore Municipality |

Further details can be seen from the e-procurement portal i.e. **https://tendersodisha.gov.in/nicgep/app**.

**Sd./- Executive Officer**
**Balasore Municipality**



### ODISHA SUB-ORDINATE STAFF SELECTION COMMISSION

**Block No. 3 & 5, Unit - 1, Bhubaneswar - 751009**
**Telephone: 0674-2597149, 2597152 (Office),**
**Fax: 0674-2597155, Website: www.osssc.gov.in**

**No. IIE-23/2019-75(C)/OSSSC** **Date: 08.09.2020**

**NOTICE**

**Practical Skill Test, Item No.-1, Essay & Letter writing in Odia for Recruitment to the Posts of Junior Assistant under General and Special Drive for ST/SC-2018**

No. T-44: In pursuance of the Advertisement No. IIE-11/2018-1100(C)/OSSSC Dt.28.12.2018 and in supercession of Notification No. IIE-23/2019-43(C)/OSSSC Dt.18.03.2020 the **Practical Skill Test, Item No.-1-Essay & Letter Writing in Odia** for the qualified candidates as per notification No. IIE-20/2020-61(C)/OSSSC Dt.06.07.2020 will be held in the approved examination centres on **18.10.2020 (Sunday)** from **11.30 A.M. to 12.00 Noon** (30 minutes duration). The admission letters will be available online from 01.10.2020 onwards in the OSSSC website: **www.osssc.gov.in** which may be downloaded by the candidates using their user ID and Password to appear in the examination. The Practical Skill Test, Item No.-2, Basic Computer Skills which is of qualifying nature only will be held later to be notified by the Commission in due course. **No hard-copy of Admission Letter will be sent to any candidate by Post**.

By order of the Commission
**Sd./- Secretary**
**OIPR-09007/11/0002/2021**



**GOVERNMENT OF ODISHA**
### OFFICE OF THE EXECUTIVE ENGINEER RURAL WORKS DIVISION, GUNUPUR

No.O-337:-
**Lr.No. 3097, Dated: 31.08.2020 e-mail id: eerwgunupur@gmail.com**

**"e" Procurement Notice for vented causeway in Odisha**
**(Tender eerwgnp-Online-04/2020-21 (Lr. NO.3089, dtd 31.08.2020)**

1. Name of the work : Maintenance of 5 year completed PMGSY roads.
2. Total No. of Works : 02 (two) Nos.
3. Estimated cost : Rs. 306.53 lakhs to Rs.431.86 lakhs
4. Class of contractor : "A" & "Special" class as applicable
5. Period of Completion : As mentioned in Col.7 of TCN Annexure.
6. Other Details :

| Procurement Officer | Bid Identification | No. of Road works | Availability of tender online for bidding | | Date & Time of tender opening |
|---|---|---|---|---|---|
| | | | From | To | |
| Executive Engineer, Rural Works Division, Gunupur | EERWGNP On line-04/2020-21 | 02 (Two) Nos. | 08.09.2020 at 11.00 A.M. | 24.09.2020 upto 3.00 P.M. | 25.09.2020 at 11.00 hrs. |

7. The amount put to tender is exclusive of 12% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Other details can be seen in the bidding documents, which is available in website **www.tendersorissa.gov.in**. Any subsequent addendum or corrigendum will be made available in the above website.

**Sd./- Executive Engineer, Rural Works Division, Gunupur**
OIPR-25170/11/0004/2021

**ଇଂଲଣ୍ଡ ଦିନିକିଆ ଦଳରେ ଜାସନ**

ମାଞ୍ଚେଷ୍ଟର, (ଏପି)-ଆହତ ସମସ୍ୟାରୁ ମୁକୁଳିଥିବାରୁ ଜାସନ ରୟ ଇଂଲଣ୍ଡ ଦିନିକିଆ ଦଳରେ ସାମିଲ ହୋଇଛନ୍ତି। ଘରୋଇ ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳିବ। ଟ୍ରେନିଂ ସମୟରେ ଆହତ ହୋଇଥିବାରୁ ଜାସନ ନିକଟରେ ଅନୁଷ୍ଠିତ ପାକିସ୍ତାନ ଓ ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜରେ ଖେଳିପାରି ନ ଥିଲେ। ତାଙ୍କ ସ୍ଥାନରେ ରିଜର୍ଭ ଖେଳାଳି ଡାଭିଦ ମଲନଙ୍କୁ ସୁଯୋଗ ଦିଆ ଯାଇଥିଲା। ମଲନ ସୁଯୋଗର ସଦ୍‌ବ୍ୟବହାର କରି ଇଂଲଣ୍ଡକୁ ସିରିଜ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଇଂଲଣ୍ଡ-ଅଷ୍ଟ୍ରେଲିଆ ଦିନିକିଆ ସିରିଜ ଶୁକ୍ରବାର ମାଞ୍ଚେଷ୍ଟରରେ ଆରମ୍ଭ ହେବ। ଗତବର୍ଷ ଇଂଲଣ୍ଡ ଦିନିକିଆ ସିରିଜ ଜିତିବାପରେ ଦୁଇଦେଶ ମଧ୍ୟରେ ଏହା ପ୍ରଥମ ଏକଦିବସୀୟ ମ୍ୟାଚ ହେବ।

# ଲମ୍ବା ଲଢ଼େଇରେ ହାରିଲେ ସିମେନ୍ୟା

**ଟେଷ୍ଟୋଷ୍ଟେରୋନ ନିୟମ**

ଜେନିଭା,୯।୯ (ଏପି)

ଦୁଇଥର ଅଲିମ୍ପିକ୍ ଚାମ୍ପିୟନ ଦକ୍ଷିଣ ଆଫ୍ରିକା ମିଡିଲ ଡିଷ୍ଟାନ୍ସ ରନର କାଷ୍ଟର ସିମେନ୍ୟା ଏକ ଲମ୍ବା ତଥା ଗୁରୁତ୍ୱପୂର୍ଣ୍ଣ ଆଇନଗତ ଲଢେଇରେ ପରାସ୍ତ ହୋଇଛନ୍ତି। ପୁରୁଷ ହରମୋନ ଟେଷ୍ଟୋଷ୍ଟେରୋନ ନିୟମ ନେଇ ସେ ଏହି ଲଢେଇ ସୁଇଜରଲାଣ୍ଡ ସୁପ୍ରିମ୍‌କୋର୍ଟରେ ଦୀର୍ଘବର୍ଷ ଧରି ଲଢି ଆସୁଥିଲେ। ଟ୍ରାକ୍ ଆଣ୍ଡ ଫିଲ୍ଡ ନିୟମ ଅନୁସାରେ ଯେଉଁ ମହିଳା ଆଥଲେଟଙ୍କ ଶରୀରରେ ଆବଶ୍ୟକଠାରୁ ଅଧିକ ଟେଷ୍ଟୋଷ୍ଟେରୋନ ରହିଥିବ ସେମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ନାହିଁ। ଫଳରେ ସିମେନ୍ୟା ଆସନ୍ତାବର୍ଷ ଟୋକିଓ ଅଲିମ୍ପିକ୍ସରେ ୮୦୦ ମିଟର ଦୌଡ଼ରେ ଅଂଶଗ୍ରହଣ କରିପାରିବେ ନାହିଁ। ଏଥିସହିତ ସେ ୪୦୦ମି ଓ ଏକ ମାଇଲ୍ ମଧ୍ୟରେ କୌଣସି ବିଶ୍ୱସ୍ତରୀୟ ଇଭେଣ୍ଟରେ ଅଂଶଗ୍ରହଣ କରିପାରିବେ ନାହିଁ। ତେବେ ଆସ୍ତ୍ରୋପଚାର ବା ଚିକିତ୍ସା ମାଧ୍ୟମରେ ତାଙ୍କର ଟେଷ୍ଟୋଷ୍ଟେରୋନ ମାତ୍ରା କମାଇଲେ ସେ ଅଂଶଗ୍ରହଣ କରିପାରିବେ ବୋଲି ସର୍ତ୍ତ ରଖାଯାଇଛି।

ଗତବର୍ଷ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍)ର ରୁଲିଂ ବିରୋଧରେ ସେ ସୁପ୍ରିମକୋର୍ଟରେ ଅପିଲ କରିଥିଲେ। ତେବେ ଜଜ୍‌ମାନେ ସିମେନ୍ୟାଙ୍କ ଏହି ଅପିଲକୁ ଖାରଜ କରିଛନ୍ତି ବୋଲି ସୁଇଜରଲାଣ୍ଡ ସୁପ୍ରିମକୋର୍ଟ କହିଛନ୍ତି।



କାଷ୍ଟର ସିମେନ୍ୟା

ଟ୍ରାକ୍ ଆଣ୍ଡ ଫିଲ୍ଡର ନିୟମ ଅନୁସାରେ ଯେଉଁ ମହିଳା ଆଥଲେଟଙ୍କ ଶରୀରରେ ଏହି ହରମୋନ ଅଧିକ ରହିଥିବ ସେମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ। ଏହି ନିୟମୁ କାସ୍ ବଜାୟ ରଖିଥିଲା ଓ ଏବେ ସୁପ୍ରିମକୋର୍ଟ ମଧ୍ୟ ତାଙ୍କ ୭୧ ପୃଷ୍ଠା ସମ୍ବଳିତ ରାୟରେ ଏହାକୁ ସମର୍ଥନ କରିଛନ୍ତି।

ସୁପ୍ରିମକୋର୍ଟଙ୍କ ରାୟରେ ନିରାଶ ହୋଇଛି ବୋଲି ସେ କହିଛନ୍ତି। ଏଥି ସହିତ ସେ ୱାର୍ଲ୍ଡ ଆଥଲେଟିକ୍ସ ବିରୋଧରେ ସେ ଅସନ୍ତୋଷ ଜାହିର କରିଛନ୍ତି। ୨୦୧୯ ମେ'ରେ କାସ୍‌ର ୩ ଜଣିଆ ଜଜ୍ ୨-୧ରେ ସିମେନ୍ୟାଙ୍କ ଅପିଲକୁ ଖାରଜ କରିଥିଲେ। ଉଲ୍ଲେଖଥାଉ କି, ଟେଷ୍ଟୋଷ୍ଟେରୋନ ହେଉଛି ଏକ ହରମୋନ। ଏହା ମସଲ ଟୋନ୍ ଓ ବୋନ୍ ମାସ ବଢାଇବାରେ ସହାୟ ହୋଇଥାଏ। ଯଦି ଟେଷ୍ଟୋଷ୍ଟେରୋନ ଇଞ୍ଜେକ୍‌ଶନ ମାଧ୍ୟମରେ ନିଆଯାଏ ଏହା ଡୋପିଂ ଜନିତ ନିଷିଦ୍ଧ ପଦାର୍ଥରୂପେ ବିବେଚିତ ହୋଇଥାଏ। ମହିଳା ଆଥଲେଟଙ୍କ ମାନବିକ ଅଧିକାର ପାଇଁ ମୋର ଲଢେଇ ଜାରି ରହିବ ବୋଲି ସିମେନ୍ୟା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏବେ ସେ କି ନିଷ୍ପତ୍ତି ନେବେ ସେ ନେଇ ସ୍ପଷ୍ଟ କରିନାହାନ୍ତି। ତେବେ ସେ ୧୦୦ କିମ୍ବା ୨୦୦ କିମ୍ବା ଏକ ମାଇଲ୍‌ରୁ ଅଧିକ ଦୂରତା ଇଭେଣ୍ଟରେ ଅଂଶଗ୍ରହଣ କରିପାରିବେ।

# ନାଇଟ ରାଇଡର୍ସ-ଜୌକ୍ସ ଫାଇନାଲ

**କାରିବିୟନ ପ୍ରିମିୟର ଲିଗ୍**

ଟାରୌବା, ୯।୯(ପି.ଟି.)

ତ୍ରିନିଦାଦ ନାଇଟ ରାଇଡର୍ସ ଓ ସେଣ୍ଟ ଲୁସିଆ ଜୌକ୍ସ ବିଜୟ ହାସଲ କରି ଚଳିତ କାରିବିୟନ ପ୍ରିମିୟର ଲିଗ୍(ସିପିଏଲ)ର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ନାଇଟ ରାଇଡର୍ସ ସିପିଏଲ ଇତିହାସରେ ପ୍ରଥମ ଦଳଭାବେ ଅଲ୍-ୱିନ ସହ ସିଜନ ଶେଷ କରିବା ଦ୍ୱାରଦେଶରେ ପହଞ୍ଚି ଯାଇଛି। ଏହି ଦଳ ସମସ୍ତ ୧୦ଟି ଯାକ ଲିଗ୍‌ମ୍ୟାଚ ଜିତିବାପରେ ସେମିଫାଇନାଲରେ ବିଜୟ ହାସଲ କରିଛି। ପୂର୍ବରୁ ନାଇଟ ରାଇଡର୍ସ ୩ଥର ସିପିଏଲ ଟାଇଟଲ ହାସଲ କରି ସାରିଛି। ଗୁରୁବାର ଫାଇନାଲ ଅନୁଷ୍ଠିତ ହେବ।

ପ୍ରଥମ ସେମିଫାଇନାଲରେ ନାଇଟ ରାଇଡର୍ସ ୯ ଉଇକେଟରେ ଜାମାଇକା ତଲାୱାସକୁ ପରାସ୍ତ କରିଥିଲା। ଜାମାଇକା ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ହରାଇ ୧୦୭ ରନ କରିଥିଲା। ଜବାବରେ ନାଇଟ ରାଇଡର୍ସ ୧୫ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ବାମହାତୀ ସ୍ପିନର ଆକେଲ ହୋସେନ ନିଜ ୪ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେଇ ମାତ୍ର ୧୪ ରନରେ ୩ଟି ଉଇକେଟ ନେଇଥିବାରୁ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏକ ଲୋ ସ୍କୋରିଂ ଦ୍ୱିତୀୟ ସେମିଫାଇନାଲରେ ଜୌକ୍ସ ୧୦ ଉଇକେଟରେ ଗୁୟାନା ଆମାଜନ ୱାରିୟର୍ସକୁ ପରାସ୍ତ କରିଥିଲା। ଗୁୟାନା ଦଳ ୧୩.୪ ଓଭରରେ ମାତ୍ର ୫୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଜୌକ୍ସ ୪.୩ ଓଭରରେ କୌଣସି ଉଇକେଟ ନ ହରାଇ ୫୬ ରନ ସଂଗ୍ରହ କରି ନେଇଥିଲା। ବିଜୟୀ ଦଳର ବୋଲର ମାର୍କ ଡେୟର ମାତ୍ର ୧ ଓଭର ବୋଲିଂ କରି ୨ ରନ ଦେଇ ୨ଟି ଉଇକେଟ ନେଇଥିବାରୁ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।



ଖୁସି ମୁହୂର୍ତ୍ତରେ ସାଥୀ ଖେଳାଳିଙ୍କ ସହ ଆକେଲ ହୋସେନ (ଡାହାଣ)।

# ଅବସରରୁ ପ୍ରତ୍ୟାବର୍ତ୍ତନ ବିସିସିଆଇକୁ ଚିଠି ଲେଖିଲେ ଯୁବି

ନୂଆଦିଲ୍ଲୀ,୯।୯(ପି.ଟି.): ଭାରତୀୟ ପୂର୍ବତନ ଅଲରାଉଣ୍ଡର ଯୁବରାଜ ସିଂ ଅବସରରୁ ପ୍ରତ୍ୟାବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଚିଠି ଲେଖି ଜଣାଇଛନ୍ତି। ଅବସର ନେବା ପରେ ପଞ୍ଜାବ କ୍ରିକେଟ ଆସୋସିଏଶନ (ପିସିଏ) ତାଙ୍କୁ ପ୍ରତ୍ୟାବର୍ତ୍ତନ କରିବାକୁ ଅନୁରୋଧ କରିଆସୁଥିଲା। ୨୦୧୧ ବିଶ୍ୱକପ୍‌ରେ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିବା ଯୁବରାଜ ଗତ ଜୁନ୍‌ରେ କ୍ରିକେଟର ସବୁ ଫର୍ମାଟରୁ ଅବସର ଘୋଷଣା କରିଥିଲେ। ପଞ୍ଜାବ କ୍ରିକେଟର ବୃହତ୍ତର ସ୍ୱାର୍ଥ ପାଇଁ ପିସିଏ ସମ୍ପାଦକ ପୁନୀତ ବାଲି ତାଙ୍କ ପ୍ରଥମେ ଅବସରରୁ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରସ୍ତାବ ଦେଇଥିଲେ। ଅତିକମ୍‌ରେ ଟି୨୦ ଫର୍ମାଟରେ ପୁଣି ଥରେ କ୍ରିକେଟ ଖେଳିବାକୁ ଯୁବରାଜ ରାଜି ହୋଇଛନ୍ତି। ପଞ୍ଜାବ ଯୁବ କ୍ରିକେଟର ଶୁବମନ ଗିଲ, ଅଭିଷେକ ଶର୍ମା, ପ୍ରଭସିମରନ ସିଂ ଓ ଅନମୋଲପ୍ରୀତ ସିଂଙ୍କ ସହ ନେଟ୍ସରେ ଗତ କେତେମାସ ଅଭ୍ୟାସ କରିବା ପରେ ଯୁବରାଜ କ୍ରିକେଟ ପ୍ରତି ତାଙ୍କ ଭଲ ପାଇବାକୁ ପୁଣି ଥରେ ଆବିଷ୍କାର କରିଛନ୍ତି। ଯୁବି ଏ ନେଇ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କୁ ଚିଠି ଲେଖିଛନ୍ତି ବୋଲି ବାଲି କହିଛନ୍ତି। ପଞ୍ଜାବ କ୍ରିକେଟକୁ ଅତିକମ୍‌ରେ ଆଉ ଗୋଟିଏ ବର୍ଷ ସମୟ ଦେବାକୁ ଯୁବିଙ୍କୁ ବାଲି ଅନୁରୋଧ କରିଛନ୍ତି। ପଞ୍ଜାବ କ୍ରିକେଟ ଯୁବିଙ୍କୁ ଏବେ ମଧ୍ୟ ଚାହୁଁଛି। ଏବେ ଗାଙ୍ଗୁଲିଙ୍କଠାରୁ ଜବାବ ମିଳିବ ବୋଲି ବାଲି ଆଶା ପ୍ରକାଶ କରିଛନ୍ତି।

# ପର୍ତ୍ତୁଗାଲ ପାଇଁ ୧୦୦ତମ ଗୋଲ ସ୍କୋର କଲେ ରୋନାଲ୍ଡୋ

ଷ୍ଟକହାମ,୯।୯(ଏପି)

ପର୍ତ୍ତୁଗାଲ ଫୁଟବଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ଏକ ଅସାଧାରଣ ସଫଳତା ଅର୍ଜନ କରିଛନ୍ତି। ସେ ନିଜ ଦେଶ ପାଇଁ ୧୦୦ତମ ଅନ୍ତର୍ଜାତୀୟ ଗୋଲ ସ୍କୋର କରି ଏକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ନେସନ୍ସ ଲିଗ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ପର୍ତ୍ତୁଗାଲ ୨-୦ ଗୋଲରେ ସ୍ୱୀଡେନକୁ ପରାସ୍ତ କରିଥିଲା। ଏଥିରେ ରୋନାଲ୍ଡୋ ୪୫ ଓ ୭୨ତମ ମିନିଟ୍‌ରେ ଦଳ ତରଫରୁ ଦୁଇଟି ଗୋଲ ସ୍କୋର କରିଥିଲେ। ରୋନାଲ୍ଡୋ ଏଥିସହି ଦେଶ ପାଇଁ ୧୬୫ଟି ମ୍ୟାଚ୍ ଖେଳି ୧୦୧ଟି ଗୋଲ ସ୍କୋର କରିଛନ୍ତି। ସେ ଆଉ ୯ଟି ଗୋଲ ସ୍କୋର କଲେ ପୂର୍ବତନ ଫୁଟବଲର ଡାଏଇଙ୍କୁ ପଛରେ ପକାଇବେ।

୫ଥର ୱାର୍ଲ୍ଡ ପ୍ଲେୟାର ଅଫ୍ ଦି ଇୟର ବିବେଚିତ ହୋଇଥିବା ରୋନାଲ୍ଡୋ ଚାମ୍ପିୟନ୍ସ ଲିଗ୍‌ରେ ୧୩୧ଟି ଗୋଲ ସ୍କୋର କରି ରେକର୍ଡ କରିଛନ୍ତି। ତାଙ୍କ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଆର୍ଜେଣ୍ଟିନାର ଲିଓନେଲ ମେସିଙ୍କଠାରୁ ସେ ଏହି କ୍ରମରେ ଅଧିକ ୧୬ଟି ଗୋଲ ସ୍କୋର କରିଛନ୍ତି। କ୍ରମାଗତ ୧୭ତମ କ୍ୟାଲେଣ୍ଡର ବର୍ଷରେ ସେ ଅନ୍ତର୍ଜାତୀୟ ଗୋଲ ସ୍କୋର କରିବାର ବିରଳ ସଫଳତା ଅର୍ଜନ କରିଛନ୍ତି। ଏହାପୂର୍ବରୁ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ପର୍ତ୍ତୁଗାଲ ୪-୧ ଗୋଲରେ କ୍ରୋଏସିଆକୁ ହରାଇଥିଲା। ପାଦ ବୁଢ଼ା ଆଙ୍ଗୁଠିରେ ସଂକ୍ରମଣ କାରଣରୁ ରୋନାଲ୍ଡୋ ଏହି ମ୍ୟାଚ୍ ଖେଳିପାରି ନ ଥିଲେ।

ୟୁଇଏଫ୍‌ଏ ନେଶନ୍ସ ଲିଗ୍‌ରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡିକରେ ବେଲଜିୟମ ୫-୧ ଗୋଲରେ ଆଇସଲାଣ୍ଡକୁ, ଆଜାରବୈଜାନ ୧-୦ରେ ସାଇପ୍ରସକୁ, ମୋଣ୍ଟେନେଗ୍ରୋ ୧-୦ରେ ଲକ୍ସମବର୍ଗକୁ, ଫ୍ରାନ୍ସ ୪-୨ ଗୋଲରେ କ୍ରୋଏସିଆକୁ ପରାସ୍ତ କରିଛି। ତେବେ ଇଂଲଣ୍ଡ ଓ ଡେନମାର୍କ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବିନା ଗୋଲରେ ଅମୀମାଂସିତ ରହିଛି।


କ୍ରିଷ୍ଟିଆନୋ ରୋନାଲ୍ଡୋ

# ଆଇପିଏଲ୍: ପ୍ରସ୍ତୁତି ସମୀକ୍ଷା ପାଇଁ ଦୁବାଇରେ ଗାଙ୍ଗୁଲି

ନୂଆଦିଲ୍ଲୀ,୯।୯(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରସ୍ତୁତି ନେଇ ସମୀକ୍ଷା କରିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ଦୁବାଇରେ ପହଞ୍ଚିଛନ୍ତି। ସେପ୍ଟେମ୍ବର ୧୯ ତାରିଖରୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆଇପିଏଲ୍ ଆରମ୍ଭ ହେବାକୁ ଯାଉଛି। ଫଳରେ ଗାଙ୍ଗୁଲି ଆଇପିଏଲ୍ ପ୍ରସ୍ତୁତି ଓ ସ୍ଥିତିକୁ ନେଇ ସମୀକ୍ଷା କରିବାକୁ ଦୁବାଇ ଯାତ୍ରା କରିଛନ୍ତି। ଦୀର୍ଘ ୬ ମାସ ପରେ ପ୍ରଥମଥର ପାଇଁ ବିମାନ ଯାତ୍ରା କରିଛି ବୋଲି ଗାଙ୍ଗୁଲି କହିଛନ୍ତି। ଭାରତରେ କୋଭିଡ୍-୧୯ ସ୍ଥିତି ବେଶ୍ ଉଦ୍‌ବେଗଜନକ ଥିବାରୁ ଆଇପିଏଲ୍‌କୁ ଏଥର ୟୁଏଇକୁ ସ୍ଥାନାନ୍ତର କରାଯାଇଛି। ଆଇପିଏଲ୍ ଆୟୋଜନ ନ ହୋଇଥିଲେ ବିସିସିଆଇ ୪,୦୦୦ କୋଟିଙ୍କାର କ୍ଷତି ସହିଥାନ୍ତା।

# ବିଜୟ ସହ ନମ୍ବରୱାନ୍‌କୁ ଫେରିଲା ଅଷ୍ଟ୍ରେଲିଆ

ସାଉଥାମ୍ପଟନ, ୯।୯(ଏପି)

ରୋଜ ବାଓଲ ଷ୍ଟାଡିୟମରେ ଅନୁଷ୍ଠିତ ତୃତୀୟ ଟି୨୦ ମ୍ୟାଚରେ ଅଷ୍ଟ୍ରେଲିଆ ୫ ଉଇକେଟରେ ଇଂଲଣ୍ଡକୁ ହରାଇ ସାନ୍ତ୍ୱନା ମୂଳକ ବିଜୟ ହାସଲ କରିଛି। ପ୍ରଥମ ୨ଟି ମ୍ୟାଚ ଜିତିଥିବାରୁ ଘରୋଇ ଇଂଲଣ୍ଡ ୨-୧ରେ ସିରିଜ ଜିତିଛି। ତେବେ ବିଜୟ ସହ ଅଷ୍ଟ୍ରେଲିଆ ଆଇସିସି ଟି୨୦ ର୍‍ୟାଙ୍କିଙ୍ଗର ଶୀର୍ଷସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛି। ର୍‍ୟାଙ୍କିଙ୍ଗରେ ଶୀର୍ଷସ୍ଥାନ ବଜାୟ ରଖିବାକୁ ହେଲେ ଇଂଲଣ୍ଡକୁ କ୍ଲିନ୍ ସୁଇପ୍ କରିବା ଆବଶ୍ୟକ ହେଉଥିଲା। ମାତ୍ର ଘରୋଇ ଦଳ ପକ୍ଷରୁ ଧାର୍ଯ୍ୟ ୧୪୬ ରନର ବିଜୟ ଲକ୍ଷ୍ୟକୁ ଅଷ୍ଟ୍ରେଲିଆ ୩ଟି ବଲ୍ ବାକିଥାଇ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ୩୯ ରନ କରି ଅପରାଜିତ ରହିଥିବା ମିଚେଲ ମାର୍ଶ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଇଂଲଣ୍ଡର ଜୋସ୍ ବଟଲର ପ୍ଲେୟର ଅଫ ଦି ସିରିଜ ବିବେଚିତ ହୋଇଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ୨୦ ଓଭରରେ ୬ ଉଇକେଟ ହରାଇ ୧୪୫ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଜନି ବେୟାରଷ୍ଟୋ ସର୍ବାଧିକ ୫୫(୪୪ ବଲ, ୩ ଚୌକା, ୩ ଛକା), ଜୋ ଡେନ୍‌ଲି ୨୯*(୧୯ ୧ଲ, ୪ ଚୌକା), ଅଧିନାୟକ ଦାୟିତ୍ୱ ତୁଲାଇଥିବା ମୋଇନ ଅଲୀ ୨୩(୨୧ ବଲ, ୨ ଚୌକା, ୧ ଛକା) ଓ ଡାୱିଦ ମଲନ ୨୧ ରନ କରିଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ଆଡାମ ଜାମ୍ପା ୨ଟି ଏବଂ ମିଚେଲ ଷ୍ଟାର୍କ, ଜୋଶ୍ ହାଜେଲଉଡ୍, କେନ୍ ରିଚାର୍ଡଶନ ଓ ଅଷ୍ଟନ ଅଗର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୧୯.୩ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ଅତିକ୍ରମ କରିଥିଲା। ଦଳ ୭୦ ରନରେ ପ୍ରଥମ ଉଇକେଟ ହରାଇଥିଲେ ହେଁ ମିଡଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଏକଦା ୧୦୦/୫ ହୋଇ ଯାଇଥିଲା। ତେବେ ମିଚେଲ ମାର୍ଶ ୩୯(୩୬ ବଲ, ୨ ଚୌକା, ୧ ଛକା) ଓ ଅଷ୍ଟନ ଅଗର ୧୬ ରନରେ ଅପରାଜିତ ରହି ଦଳର ବିଜୟରେ ମୁଣ୍ଡି ମାରିଥଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଆରୋନ ଫିଞ୍ଚ ୩୯(୨୬ ବଲ, ୪ ଚୌକା, ୧ ଛକା), ମାର୍କୁସ ଷ୍ଟୋଇନ୍ସ ୨୬(୧୮ ବଲ, ୫ ଚୌକା) ରନର ଯୋଗଦାନ ଦେଇଥିଲେ। ଇଂଲଣ୍ଡ ପକ୍ଷରୁ ଆଦିଲ ରଶିଦ ୩ଟି ଏବଂ ମାର୍କ ଉଡ୍ ଓ ଟମ୍ କୁରାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଇଂଲଣ୍ଡ ଜୋସ୍ ବଟଲର ଓ ନିୟମିତ ଅଧିନାୟକ ଇଅନ ମୋର୍ଗାନ ଏବଂ ଅଷ୍ଟ୍ରେଲିଆ ପ୍ୟାଟ୍ କମିନ୍ସ ଓ ଡେଭିଡ ୱାର୍ନରଙ୍କୁ ବିଶ୍ରାମ ଦେଇ ଏହି ମ୍ୟାଚ ଖେଳିଥିଲା। ଦୁଇ ଦେଶ ମଧ୍ୟରେ ଦିନିକିଆ ସିରିଜ ଶୁକ୍ରବାର ଆରମ୍ଭ ହେବ।


ପ୍ଲେୟର ଅଫ୍ ଦି ମ୍ୟାଚ୍ ମିଚେଲ୍ ମାର୍ଶ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୨୦ ଓଭରରେ ୧୪୫/୬ (ବେୟାରଷ୍ଟୋ-୫୫, ଡେନ୍‌ଲି ୨୯*, ମୋଇନ ଅଲୀ ୨୩, ଡାୱିଦ ମଲନ ୨୧, ଜାମ୍ପା-୨/୩୪, ଷ୍ଟାର୍କ-୧/୨୦, ହାଜେଲଉଡ୍-୧/୨୩, ରିଚାର୍ଡଶନ-୧/୩୧, ଅଗର-୧/୩୫)। ଅଷ୍ଟ୍ରେଲିଆ ୧୯.୩ ଓଭରରେ ୧୪୬/୫(ମାର୍ଶ -୩୯, ଫିଞ୍ଚ-୩୯, ଷ୍ଟୋଇନ୍ସ ୨୬, ରଶିଦ-୩/୨୧, ଉଡ୍-୧/୩୮, କୁରାନ-୧/୨୩)।


ଓଡ଼ିଶା ସରକାର

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

**ଘୋଷଣା**

No. RDM-LAA-MBJ-0045-2019-10917/R&DM Dated: 6 March 2020

No. XXI-58: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନ୍‌ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ୍‌ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା: ଛତର, ଥାନା: ବୈଶିଙ୍ଗା ନଂ.- ୧୨୭, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରି ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୨୩୩୨୩, ତା୦୯।୦୮।୨୦୧୯ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଛତର, ଥାନା: ମୋରଡା ନଂ.- ୧୨୭, ଜିଲ୍ଲା: ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.mayurbhanj.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା: ମୟୂରଭଞ୍ଜ, ତହସିଲ: ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଛତର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୯.୯୭ | ଏକର ୫.୯୭ | ଏଥି ସହିତ ସଂଲଗ୍ନ |

ତଫସିଲ - ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ଜିଲ୍ଲା: ମୟୂରଭଞ୍ଜ, ତହସିଲ: ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୧୫।୧୦।୨୦୧୯

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅଭୟ କୁମାର ନାୟକ, ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ**

ଭୂ-ଅର୍ଜନ ମାମଲା ସଂଖ୍ୟା - ୧୯/୨୦୧୯, ଏ.୫.୯୭ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ହରିପୁର ଡିଷ୍ଟ୍ରିବ୍ୟୁଟାରି ନିମନ୍ତେ**
**ମୌଜା: ଛତର, ଥାନା: ବୈଶିଙ୍ଗା ନଂ. ୧୨୭, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. ଏବଂ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୬ ରୟତି | ୯ | ୦.୦୮ | ୦.୦୮ | ଶାରଦ ଅଣଜଳସେଚିତ ଦୁଇ | କିଷାନ ମାଝୀ, ପି.- ଭଗବାନ ମାଝୀ, ଜା: ସାନ୍ତାଳ, ବା: ଜାମୁନଣ୍ଡା |
| | ୧୦ | ୦.୭୯ | ୦.୩୦ | ଶାରଦ ଅଣଜଳସେଚିତ ଦୁଇ | |
| | ୧୧ | ୦.୨୦ | ୦.୦୨ | ଶାରଦ ଅଣଜଳସେଚିତ ଦୁଇ | |
| | ୩୪/୨୨୪ | ୧.୦୦ | ୦.୩୪ | ଚକ | |
| ୧୯ ରୟତି | ୫୯ | ୦.୫୬ | ୦.୨୩ | ଚକ | ଗଙ୍ଗାଧର ସେଠୀ, ପି.- ପଞ୍ଚୁ ସେଠୀ, ଜା: ଧୋବା, ବା: ପିଞ୍ଛା ବଣିଆ, ଥା: ରୁପ୍ସା, ଜି: ବାଲେଶ୍ୱର |
| ୩୦ ରୟତି | ୩୮ | ୦.୪୦ | ୦.୦୧ | ଚକ | ଘନଶ୍ୟାମ ବିଶ୍ୱାଳ, ପି.- ଲକ୍ଷ୍ମୀଧର ବିଶ୍ୱାଳ, ଜା: ଖଣ୍ଡାୟତ, ବା: ଲକ୍ଷ୍ମୀପୁର |
| ୩୯ ରୟତି | ୧୫ | ୦.୨୩ | ୦.୦୯ | ଶାରଦ ଅଣଜଳସେଚିତ ଦୁଇ | ଡୁଗୁରୁ ମାଝୀ, ଫାଗୁ ମାଝୀ, କାଳି ଚରଣ ମାଝୀ, ବାସି ମାଝୀ, ପି.- ବାଲକୁ ମାଝୀ, ସିନିଙ୍ଗ ମାଝୀ, ସ୍ୱା.- ବାଲକୁ ମାଝୀ, ଜା: ସାନ୍ତାଳ, ବା: ଲକ୍ଷ୍ମୀପୁର |
| ୪୬ ରୟତି | ୭୨ | ୦.୯୪ | ୦.୧୭ | ଚକ | ଦୁଃଖିଆ ଦଣ୍ଡପାଟ, ପି.- ଶିବ ଦଣ୍ଡପାଟ, ଜା: ଖଣ୍ଡାୟତ, ବା: ଜାମୁନଣ୍ଡା |
| ୬୦ ରୟତି | ୬୮ | ୧.୭୮ | ୦.୩୨ | ଚକ | ପ୍ରଧାନ ମାଝୀ, ପି.- ନରସିଂହ ମାଝୀ, ଜା: ସାନ୍ତାଳ, ବା: ହୋତାପୁର |
| ୭୦ ରୟତି | ୧୪ | ୦.୧୩ | ୦.୧୩ | ଶାରଦ ଅଣଜଳସେଚିତ ଦୁଇ | ଫାଗୁ ମାଝୀ, ଡୁଗୁରୁ ମାଝୀ, କାଳି ଚରଣ ମାଝୀ, ବାସି ମାଝୀ, ପି.- ବାଲକୁ ମାଝୀ, ସିନୁଙ୍ଗ ମାଝୀ, ସ୍ୱା.- ବାଲକୁ ମାଝୀ, ଜା: ସାନ୍ତାଳ, ବା: ଲକ୍ଷିପୁର |
| ୮୦ ରୟତି | ୬୭ | ୦.୫୫ | ୦.୨୭ | ଚକ | ବିଦ୍ୟାଧର ବିଶ୍ୱାଳ, ପି.- କସ୍ତୁରୀ ବିଶ୍ୱାଳ, ଜା: ଖଣ୍ଡାୟତ, ବା: ଜାମୁନଣ୍ଡା |
| ୮୪ ରୟତି | ୭ | ୦.୯୬ | ୦.୦୩ | ଶାରଦ ଅଣଜଳସେଚିତ ଦୁଇ | ବୈଦ୍ୟନାଥ ମାଝୀ, ରାମଚନ୍ଦ୍ର ମାଝୀ, ମୋତିଆ ମାଝୀ, ପି.- ହରି ମାଝୀ, ଦୁଲି ମାଝୀ, ସ୍ୱା.- ହରି ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୮୫ ରୟତି | ୬୯ | ୧.୧୭ | ୦.୪୫ | ଚକ | ଭଗବାନ ବିଶ୍ୱାଳ, ପି.- ବାଇଧର ବିଶ୍ୱାଳ, ଜା: ଖଣ୍ଡାୟତ, ବା: ଜାମୁନଣ୍ଡା |
| ୮୭ ରୟତି | ୪୧ | ୦.୪୦ | ୦.୦୭ | ଚକ | ଭରତ ଚନ୍ଦ୍ର ବିଶ୍ୱାଳ, ପି.- ଲକ୍ଷ୍ମୀଧର ବିଶ୍ୱାଳ, ଜା: ଖଣ୍ଡାୟତ, ବା: ଲକ୍ଷିପୁର |
| ୧୦୪ ରୟତି | ୨ | ୧.୦୯ | ୦.୩୪ | ଶାରଦ ଅଣଜଳସେଚିତ ଦୁଇ | ଲକ୍ଷ୍ମୀ ମହାନ୍ତି, ପି.- ବନମାଳୀ ମହାନ୍ତି, ଜା: ଖଣ୍ଡାୟତ, ବା: ଜାମୁନଣ୍ଡା |
| ୧୦୫ ରୟତି | ୪୨ | ୦.୧୬ | ୦.୧୬ | ଚକ | ଲକ୍ଷ୍ମୀଧର ଦଣ୍ଡପାଟ, ପି.- ସାଧୁ ଚରଣ ଦଣ୍ଡପାଟ, ଜା: ଖଣ୍ଡାୟତ, ବା: ଜାମୁନଣ୍ଡା |
| ୧୦୬ ରୟତି | ୬୫ | ୦.୫୮ | ୦.୦୩ | ଚକ | ଲମ୍ବୋଦର ବିଶ୍ୱାଳ, ପି.- କସ୍ତୁରୀ ବିଶ୍ୱାଳ, ଜା: ଖଣ୍ଡାୟତ, ବା: ଜାମୁନଣ୍ଡା |
| ୧୦୯ ରୟତି | ୬୧ | ୧.୧୫ | ୦.୨୬ | ଚକ | ଶଙ୍କର୍ଷଣ ମହାନ୍ତି, ପି.- ମହେନ୍ଦ୍ର ମହାନ୍ତି, ଜା: ଖଣ୍ଡାୟତ, ବା: ଜାମୁନଣ୍ଡା |
| ୧୧୦ ରୟତି | ୧୨ | ୦.୦୬ | ୦.୦୬ | ଶାରଦ ଅଣଜଳସେଚିତ ଦୁଇ | ଶଙ୍କର ମାଝୀ, ଜଟିଆ ମାଝୀ, ପି.- ଶ୍ୟାମ ମାଝୀ, ଜାଉନା ମାଝୀ, ସ୍ୱା.- ଶ୍ୟାମ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୧୩ | ୦.୦୪ | ୦.୦୪ | ଶାରଦ ଅଣଜଳସେଚିତ ଦୁଇ | |
| ୧୧୪ ରୟତି | ୪୦ | ୦.୪୦ | ୦.୦୬ | ଚକ | ଶତ୍ରୁଘ୍ନ ବିଶ୍ୱାଳ, ପି.- ଲକ୍ଷ୍ମୀଧର ବିଶ୍ୱାଳ, ଜା: ଖଣ୍ଡାୟତ, ବା: ଲକ୍ଷ୍ମୀପୁର |
| ୧୧୫ ରୟତି | ୪୩ | ୦.୨୪ | ୦.୧୮ | ଚକ | ସନ୍ନ୍ୟାସୀ ଦଣ୍ଡପାଟ, ପି.- ସାଧୁ ଚରଣ ଦଣ୍ଡପାଟ, ଜା: ଖଣ୍ଡାୟତ, ବା: ଜାମୁନଣ୍ଡା |
| ୧୨୧ ରୟତି | ୩୯ | ୦.୧୫ | ୦.୧୫ | ଚକ | ଶ୍ୟାମସୁନ୍ଦର ଦଣ୍ଡପାଟ, ପି.- ସାଧୁ ଚରଣ ଦଣ୍ଡାପାଟ, ଜା: ଖଣ୍ଡାୟତ, ବା: ଜାମୁନଣ୍ଡା |
| ୧୩୧ ରୟତି | ୪୫ | ୦.୪୯ | ୦.୩୬ | ଚକ | ସୁମତି ମାଝୀ, ପି.- ବାରିଆଲ ମାଝୀ, ଜା: ସାନ୍ତାଳ, ବା: ହୋତାପୁର |
| ୧୩୩ ରୟତି | ୬୪ | ୧.୬୬ | ୦.୬୮ | ଚକ | ହରିରାମ ମାଝୀ, ପି.- ନରସିଂ ମାଝୀ, ଜା: ସାନ୍ତାଳ, ବା: ହୋତାପୁର |
| ୧୩୪ ରୟତି | ୫୮ | ୩.୨୮ | ୦.୫୫ | ଚକ | ହରେକୃଷ୍ଣ ସେଠୀ, ପି.- ଭଗବାନ ସେଠୀ, ବାୟାଣୀ ସେଠୀ, ପି.- ଗଙ୍ଗାଧର ସେଠୀ, ଲକ୍ଷ୍ମୀ ସେଠୀ, ସରସ୍ୱତୀ ସେଠୀ, ପି.- ପାଣ୍ଡୁ ସେଠୀ, ହୃଷି ସେଠୀ, ପି.- ପଦ୍ମଲୋଚନ ସେଠୀ, ପାର୍ବତୀ ସେଠୀ, ସ୍ୱା.- ପଦ୍ମଲୋଚନ ସେଠୀ, ଜା: ରଜକ, ବା: ଜାମୁନଣ୍ଡା |
| ୧୩୪/୧୩ ରୟତି | ୩୪ | ୦.୮୨ | ୦.୨୯ | ଚକ | ମମତା ଦଣ୍ଡପାଟ, ସ୍ୱା.- ଅଚ୍ୟୁତା ନନ୍ଦ ଦଣ୍ଡପାଟ, ଜା: ଖଣ୍ଡାୟତ, ବା: ଜାମୁନଣ୍ଡା |
| ୧୩୪/୧୭ ରୟତି | ୪୪ | ୦.୫୫ | ୦.୧୭ | ଚକ | ଦୁଲୁ ସୋରେନ, ପି.- ଶଙ୍କର ସୋରେନ, ଜା: ସାନ୍ତାଳ, ବା: ଛତର ସାହି |
| ୧୩୪/୧୮ ରୟତି | ୮ | ୦.୧୧ | ୦.୦୨ | ଶାରଦ ଅଣଜଳସେଚିତ ଦୁଇ | ପ୍ରଫୁଲ୍ଲ ଚନ୍ଦ୍ର ସେନାପତି, ପି.- ନନ୍ଦ ସେନାପତି, ଜା: ଖଣ୍ଡାୟତ, ବା: ଜାମୁନଣ୍ଡା |
| ସମପରିମାଣ ଗୋଚର ପ୍ରତିବଦଳ | | | | | |
| ୧୬ ରୟତି | ୧୧ | ୦.୨୦ | ୦.୧୧ | ଶାରଦ ଅଣଜଳସେଚିତ ଦୁଇ | କିଷାନ ମାଝୀ, ପି.- ଭଗବାନ ମାଝୀ, ଜା: ସାନ୍ତାଳ, ବା: ଜାମୁନଣ୍ଡା |
| ମୋଟ | ୨୯ ପ୍ଲଟକୁ | ଏ. ୧୯.୯୭ ଡେ.ମି. | ଏ. ୫.୯୭ ଡେ.ମି. | | |

OIPR-24001/14/0103/2021

# ବରୁଣ ଯାହା ଚାହୁଁଥିଲେ..



ସତରେ ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି ନିଜ ମନପସନ୍ଦର ଭୂମିକାଟିଏ ପାଇ ପୁଣି ତାହାକୁ ସୁଚାରୁ ରୂପେ ତୁଲାଇ ବରୁଣ ଧାୱନ କେମିତି ଖୁସିରେ ଉଛୁଳୁଛନ୍ତି। କଥା କ'ଣ କି ହୋମ୍ ବ୍ୟାନରରେ ନିର୍ମିତ ତଥା ପିତା ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ରିମେକ୍ ଫିଲ୍ମ 'କୁଲି ନଂ ୱାନ୍'ର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ବଲିଉଡ୍‌ର ଏହି ୟଙ୍ଗ ସେନ୍‌ସେସନ। ଏ ସମ୍ପର୍କରେ ବରୁଣ କହନ୍ତି, 'ଏହି ଫିଲ୍ମଟି ହେଉଛି ମୋର ଡ୍ରିମ୍ ପ୍ରୋଜେକ୍ଟ। ମୋତେ ଏଥିରେ ମିଳିଥିବା ଭୂମିକାକୁ ନେଇ ମୁଁ ବେଶ୍ ଆଶାବାଦୀ ରହିଛି। ତାହାକୁ ତୁଲାଇବାକୁ ମୋତେ ବେଶ୍ ପରିଶ୍ରମ ମଧ୍ୟ କରିବାକୁ ପଡିଛି। ଯେହେତୁ କରୋନା ମହାମାରୀ ପାଇଁ ପ୍ରେକ୍ଷାଳୟ ବନ୍ଦ ଅଛି ତେଣୁ ଫିଲ୍ମଟି ଓଟିଟି ଫର୍ମାଟରେ ରିଲିଜ ହେବ।' ଏହି ଚଳଚ୍ଚିତ୍ରରେ ବରୁଣଙ୍କ ନାୟିକା ସାଜିଛନ୍ତି ସାରା ଅଲ୍ଲୀ ଖାଁ। ସୂଚନାଯୋଗ୍ୟ ଏହାପୂର୍ବରୁ ଡେଭିଡ୍‌ଙ୍କ ନିର୍ଦ୍ଦେଶନାରେ ନିର୍ମିତ 'କୁଲି ନଂ ୱାନ୍' (ଗୋବିନ୍ଦା, କରିସ୍ମା କପୁର) ହିଟ୍ ହୋଇଥିଲା। ତେବେ ବରୁଣ-ସାରା ଅଲ୍ଲୀ ଖାଁ ଅଭିନୀତ ଏହାର ରିମେକ୍ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।

# ଚୁଜି ହେଲେଣି ହୁମା



ହୁମା

ହୁମା ଏଣିକି ଆଉ ତରବର ହୋଇ ସିନେମା ସାଇନ୍ କରିବେ ନାହିଁ। ଅଫର ମିଳିଥିବା ଫିଲ୍ମର କାହାଣୀ ଏବଂ ସେଥିରେ ତାଙ୍କର ଭୂମିକାକୁ ଭଲ ଭାବରେ ତର୍ଜମା କରିବେ। ତା'ପରେ ସେଥିରେ ଆକ୍ଟିଂ କରିବେ କି ନାହିଁ ଚିନ୍ତା କରିବେ। ଏ ନେଇ ହୁମା କହନ୍ତି, 'ମୋ ମତରେ ଆକ୍ଟିଂ ଲାଇନ୍‌ରେ ତରବର ହେବା ଆଦୌ ଠିକ୍ ନୁହେଁ। କାରଣ ସାମାନ୍ୟ ଭୁଲ ନିଷ୍ପତ୍ତି କ୍ୟାରିୟରକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ଏ ନେଇ ମୁଁ ବେଶ୍ ସଚେତନ। ଏଣୁତେଣୁ ଗୁଡାଏ ଫିଲ୍ମରେ ଆକ୍ଟିଂ କରିବା ଅପେକ୍ଷା ବର୍ଷକୁ ଯଦି ଗୋଟିଏ କିମ୍ବା ଦୁଇଟି ସିନେମାରେ ଅଭିନୟ କଲି କ୍ଷତି କ'ଣ ? ମୁଁ ଏବେ ଶୁଣିବାକୁ ପାଉଛି ଯେ ମୁଁ କୁଆଡେ ପାରିଶ୍ରମିକ ବଢ଼ାଇ ଦେଇଛି। ହେଲେ ଏପରି ଆଲୋଚନା ଆଦୌ ଠିକ୍ ନୁହେଁ। ନିକଟରେ ମୋତେ କେତୋଟି ଅଫର ମିଳିଥିଲା। କିନ୍ତୁ ସେଗୁଡିକର କାହାଣୀ ମୋତେ ପ୍ରଭାବିତ କରିପାରି ନ ଥିଲା। ଫଳରେ ସେହି ଅଫରଗୁଡିକୁ ମୁଁ ପ୍ରତ୍ୟାଖ୍ୟାନ କରିଥିଲି।'



ପ୍ରାଚୀ

# ଆଉ ଜଣେ ନବାଗତା

ଆଉ ଜଣେ ନବାଗତା ନାୟିକା ଓଡ଼ିଆ ସିନେମାରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ସେ ହେଲେ ପ୍ରାଚୀ ଚୌଧୁରୀ। ତନୁଜା ସିନେ ପ୍ରଡକ୍ସନ ବ୍ୟାନରରେ ନିର୍ମିତ 'ପଲ୍ ପଲ୍ ତତେ ଚାହେଁ। ଗ୍ରାଜୁଏସନ ପରେ ବି.ଏଡ୍ କରୁଥିବା ପ୍ରାଚୀ ୨୦୧୯ ରଜ କୁଇନ୍ ଟ୍ୟାଲେଣ୍ଟ ହଣ୍ଟରେ ଅଂଶଗ୍ରହଣ କରିଥିଲେ। ବଡ ପରଦାରେ ଏପରି ଏକ ବ୍ରେକ୍ ପାଇ ସେ ବେଶ୍ ଖୁସି ଅଛନ୍ତି ବୋଲି କହନ୍ତି। ଅପରପକ୍ଷରେ ଏହି ଫିଲ୍ମର ପ୍ରଯୋଜନା କରିବା ସହ ତାହାର ନାୟକ ସାଜିଛନ୍ତି ଦୀପକ। ଅର୍ଥାତ ପ୍ରଥମ ଥର ପାଇଁ ଦୀପକ ପ୍ରଯୋଜନା ଭାର ସମ୍ଭାଳିଛନ୍ତି। ହୋମ ବ୍ୟାନର ତନୁଜା ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ଶୁଟିଂ ଶେଷ ହୋଇଛି। ଏ ବିଷୟରେ ଦୀପକ କହନ୍ତି,'ପ୍ରାଚୀ ନବାଗତା ହେଲେ ମଧ୍ୟ ତାଙ୍କର ଆକ୍ଟିଂ ଉପରେ ମୋର ଶତ ପ୍ରତିଶତ ଭରସା ରହିଛି। ଏହି ଫିଲ୍ମରେ ସେ ଜଣେ ଚୁଲବୁଲି ନାୟିକା ଭାବରେ ଦର୍ଶକଙ୍କ ସାମନାକୁ ଆସିବେ।' ତେବେ ନିଜର ପ୍ରଥମ ସିନେମା ପ୍ରାଚୀଙ୍କୁ କେତେ ମାଇଲେଜ ଦେଉଛି ତାହା ଫିଲ୍ମଟି ରିଲିଜ ହେବା ପରେ ହିଁ ଜଣାପଡିବ।

# ଗୁରୁ ଖୋଜୁଛନ୍ତି ତାପସୀ



ତାପସୀ ସିହ୍ନା ଏବେ ଗୁରୁ ଖୋଜିବାରେ ବ୍ୟସ୍ତ। କାରଣ ସେ ଏବେ ଫାଇଟିଂ ଶିଖିବାକୁ ମନ ବଳାଇଛନ୍ତି। ଏପରି କି ମାର୍ଶଲ ଆର୍ଟ ଶିଖିବା ପାଇଁ କୁଆଡେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି। କରୋନା ମହାମାରୀ ପାଇଁ ଶୁଟିଂ ବନ୍ଦ ରହିବା ପରେ କେତେକ ଫିଲ୍ମର ଶୁଟିଂ ଇତି ମଧ୍ୟରେ ଆରମ୍ଭ ହୋଇଗଲାଣି। ଏ ବିଷୟରେ ତାପସୀ କହନ୍ତି, 'କିଛି ସପ୍ତାହ ଭିତରେ ମୋର ନୂଆ ଫିଲ୍ମର ଶୁଟିଂ ଆରମ୍ଭ ହେବ। ପୁଣି ଅନୁଭବ ସିହ୍ନାଙ୍କ ଆଉ ଏକ ସିନେମାରେ ମୁଁ ଅଭିନୟ କରିବାକୁ ଯାଉଛି। ତେବେ ଇତି ମଧ୍ୟରେ ମୁଁ ଜଣେ ଗୁରୁ ସନ୍ଧାନରେ ଅଛି। କାରଣ ମୋତେ ସୀମିତ ସମୟ ଭିତରେ ଫାଇଟ୍ ସହ ମାର୍ଶଲ ଆର୍ଟ ଶିଖିବାକୁ ପଡ଼ିବ। ତେବେ ଏ ନେଇ ମୋତେ ସହଯୋଗର ହାତ ବଢ଼ାଇଛନ୍ତି ଅକ୍ଷୟ କୁମାର। ଗୋଟିଏ କଥା-ଅକ୍ଷୟଙ୍କ ଫାଇଟ୍ ଷ୍ଟାଇଲ ମୋତେ ଭାରି ଭଲ ଲାଗେ। ଭଲ ଗୁରୁ ମିଳିଗଲେ ଏହି କାମ ଆରମ୍ଭ କରିଦେବି। ଅବଶ୍ୟ ଏଥିପାଇଁ ମୋତେ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଏ ନେଇ ନିଜକୁ ମୁଁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଛି।

# ଅନୁଶୋଚନାର ସମୟ



ଓଡ଼ିଆ ଚଳଚ୍ଚିତ୍ର ସମ୍ପ୍ରତି ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇଥିବା ପରି ମନେହୁଏ। କାରଣ ବାର୍ଦ୍ଧକ୍ୟପୀଡ଼ିତ ମଣିଷ ଯେପରି ନାନାଦି ସମସ୍ୟାକୁ ସାମ୍ନାକରେ ଆମ ଚଳଚ୍ଚିତ୍ର ଶିଳ୍ପଟିର ଅନୁରୂପ ଅବସ୍ଥା। ଏହା ସତ୍ତ୍ୱେ ଚଳଚ୍ଚିତ୍ର ପରେ ଚଳଚ୍ଚିତ୍ର ନିର୍ମିତ ହୋଇଚାଲିଛି, ଯାହାକୁ ନେଇ ଚିତ୍ର ବିଶେଷଜ୍ଞଙ୍କ କଥା ଛାଡ଼ନ୍ତୁ; ସାଧାରଣ ଦର୍ଶକଙ୍କ ମଧ୍ୟରେ ବି ସନ୍ଦେହ ସୃଷ୍ଟିହେଲାଣି। ପ୍ରେକ୍ଷାଳୟ ସଂଖ୍ୟା ଯେତିକି କମୁଛି ଚଳଚ୍ଚିତ୍ର ସଂଖ୍ୟା ସେତିକି ବଢୁଛି। ବର୍ଷକରେ ଚଳଚ୍ଚିତ୍ର ନିର୍ମାଣ ସଂଖ୍ୟା ଯାଇ ୩୫/୪୦ ଛୁଇଁଲାଣି। ପ୍ରେକ୍ଷାଳୟରେ ସିନେମା ଚାଲୁନାହିଁ, ପ୍ରଯୋଜକମାନେ ଅର୍ଥ ଫେରି ପାଉନାହାନ୍ତି। ତଥାପି ସିନେମା ତିଆରି ଚାଲିଛି। ନିର୍ଦ୍ଦେଶକମାନେ ଚିତ୍ର ନିର୍ମାଣର ମାୟାରେ ନୂଆନୂଆ ପ୍ରଯୋଜକଙ୍କୁ ବାୟା କରିବାରେ ସଫଳ ହୋଇ ଚାଲିଛନ୍ତି। ଗୋଟିଏ କଥା ଆଶ୍ଚର୍ଯ୍ୟ କରୁଛି ଯେ, ପ୍ରଯୋଜକଙ୍କ ସଂଖ୍ୟାଠାରୁ ନୂଆ ନିର୍ଦ୍ଦେଶକ ଏବଂ ନୂଆନୂଆ କଳାକାରଙ୍କ ସଂଖ୍ୟା ବଢ଼ିବଢ଼ି ଚାଲିଛି। ଏତେସବୁ ସତ୍ତ୍ୱେ ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ଦର୍ଶକମାନଙ୍କ ମଧ୍ୟରେ ନବଜାଗରଣ କାହିଁକି ସୃଷ୍ଟି ହେଉନାହିଁ ତାହା ଏକ ମୌଳିକ ପ୍ରଶ୍ନ। କେବଳ କପିକ୍ୟାଟ୍ ସାଜି ଅଣଓଡ଼ିଆ ଚଳଚ୍ଚିତ୍ରକୁ ଆଣି ଓଡ଼ିଆ ଫ୍ରେମ୍‌ରେ ପକେଇଲେ କେବେ ଯେ ଓଡ଼ିଆ ଦର୍ଶକେ ତାକୁ ଗ୍ରହଣ କରିବେ ନାହିଁ ସେକଥାକୁ ଆମର ଚଳଚ୍ଚିତ୍ର ବାବୁମାନେ ବୁଝିବା ଦରକାର। ସାମାଜିକ ମୂଲ୍ୟବୋଧଭିତ୍ତିକ କାହାଣୀ, ଗଠନମୂଳକ ସଂଳାପ, ସର୍ବୋପରି ରୁଚିପୂର୍ଣ୍ଣ ସଙ୍ଗୀତ ହେଉଛି ଗୋଟେ ଚଳଚ୍ଚିତ୍ରକୁ ଆଦୃତି ଲାଭ କରେଇବାର ପ୍ରାଥମିକ କଞ୍ଚାମାଲ। ଏସବୁର ପ୍ରଚଣ୍ଡ ଅଭାବବୋଧ ଆମର ସାମ୍ପ୍ରତିକ ଚଳଚ୍ଚିତ୍ରରେ ବିଶେଷଭାବରେ ଅନୁଭୂତ ହେଉଛି ଯାହାକୁ ଏକ ଭଲ ପରମ୍ପରା ବୋଲି କୁହାଯାଇ ନ ପାରେ। ଏହା ପ୍ରତି ସଚେତନ ନ ହେଲେ ଚଳଚ୍ଚିତ୍ର ଶିଳ୍ପ ଯେ ବିଶୃଙ୍ଖଳିତ ହେବ, ଏଥିରେ ସନ୍ଦେହର ଦିରୋକ୍ତି ନାହିଁ। ଆମ ଓଡ଼ିଆ ଚଳଚ୍ଚିତ୍ରକୁ ସରକାର ଶିଳ୍ପର ମାନ୍ୟତା ଦେଇଛନ୍ତି। ହେଲେ ସେଥିପ୍ରତି କାହାର ଦରଦ ଥିବା କଥା ମନେ ହେଉନାହିଁ। ଏବେ ଅନୁଶୋଚନାର ବେଳ ଆସିଛି। ଗୋଟିଏ କଥା ମନେରଖିବା ଦରକାର ଯେ, ଓଡ଼ିଆ ଚଳଚ୍ଚିତ୍ରର ଉନ୍ନତି ପାଇଁ ସାମୂହିକ ସହଯୋଗ ଆବଶ୍ୟକ। ଦର୍ଶକମାନଙ୍କୁ ଫେରାଇ ଆଣିବାକୁ ହେଲେ ଭଲ ସିନେମାର ଆବଶ୍ୟକତା ରହିଛି।

– ଦିଲୀପ ହାଲି, ଭୁବନେଶ୍ୱର,
ମୋ : ୯୮୬୧୦୦୯୨୫୨

BIRTHDAY WISH
SASMITA SWAIN (TUTUNA)
W/o. Damodar Swain
Happy 50th Birthday
Best Wishes: Bapa, Bou, Bhai, Bhauja, Dama, Ranjan, Sonali, Monanli, Saina & Family
ଧ-୧୮୧୮୮

ଜନ୍ମବାର୍ଷିକ ଶୁଭେଚ୍ଛା
ଶୃତିଶ୍ରୀ ସିହ୍ନା (ବୁବୁଲୁ)
ତୋର ତ୍ରୟୋଦଶ ଜନ୍ମଦିବସରେ ଭଗବାନ ଶ୍ରୀରାଧାରାଣୀ ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ଦୀର୍ଘାୟୁ କାମନା କରୁଅଛୁ ଏବଂ ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ: ଅଜା, ଆଈ, ଗୁଗୁଲୁ, ଦୁଦୁଲୁ ଓ ପରିବାରବର୍ଗ
ଧ-୬୬୬୨୪

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BANSAL TOWER
ପ୍ରଥମ ଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
20yrs Court Agreement
Bansal Tower B Wing, Bangalore, Karnataka-400021.
7055041635
7599929291

VINAYAK Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
8595662905

Hindustan Tower Group
(ପଞ୍ଜୀକୃତ) କମ୍ପାନୀ ଦ୍ୱାରା
ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଟାୱାର୍ ଲଗାନ୍ତୁ। 90 ଲକ୍ଷ ଆଡଭାନ୍ସ, 60,000ର ଭଡ଼ା + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
9473618663

BUSINESS
Jeevansh & Company Pvt. Ltd.
କମ୍ପାନୀକୁ ସାରା ଓଡିଶାରେ ଲୋନ୍, ଏଜେଣ୍ଟ, ଡିଲରସିପ୍ ଆବଶ୍ୟକ କରୁଅଛି।
ଓଡିଶାରୁ ସମସ୍ତ ଜିଲ୍ଲା/ସହର/ଗ୍ରାମିଣରେ ବ୍ରାଞ୍ଚ ଖୋଲିବା ପାଇଁ ବ୍ରାଞ୍ଚ ମ୍ୟାନେଜର, ଏରିଆ ମ୍ୟାନେଜର ଆବଶ୍ୟକ। ନୋଟ- ମାଇକ୍ରୋଫାଇନାନ୍ସ/ବ୍ୟାଙ୍କ/ ଇନ୍‌ସୁରାନ୍ସ କର୍ମଚାରିଙ୍କୁ ଅଗ୍ରାଧିକାର ଦିଆଯିବ।
6399121671
6399121670

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫ୍ରୀ ସେବା ୩ ଘଣ୍ଟାରେ ଘରେବସି ୧୦୦% ସମାଧାନ
ଯେପରୀ- ମନଚାହାଁ ପ୍ରେମ, ଲଭ୍ ମ୍ୟାରେଜ୍, ବ୍ୟବସାୟ, ବିଦେଶ ଯାତ୍ରା, ଗୃହକ୍ଳେଶ, ବିବାହରେ ବାଧା, ସଉତୁଣୀ, ଶତ୍ରୁମୁକ୍ତି, କର୍ଜମୁକ୍ତି, ଚାକିରୀ, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରନୀ, ଯାଦୁଟୋଣା, ଭୁତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ଘରେବସି ତୁରନ୍ତ ସମାଧାନ।
ବାବା ମୁସ୍ତାନ ଆଲମ
ସ୍ପେ- ବଶୀକରଣ, ମହାମୁଠକରଣୀ ଏବଂ ବ୍ୟବସାୟ
9654196674
9667700474

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନୂଆ ସିନେମା

# ପାରୋ ହେଟ୍‌ସ ଦେବଦାସ



ପ୍ରିୟା

ଆର.ଆର୍. ଇଭେଣ୍ଟସ ବ୍ୟାନରରେ ନିକଟରେ 'ମହାବାହୁ' ଟାଇଟଲ ବିଶିଷ୍ଟ ଏକ ସିନେମାର ମହୁରତ ଅନୁଷ୍ଠିତ ହୋଇଥିଲା। ଏହାର ପ୍ରଯୋଜକ ରମେଶ ବାରିକ ଆଉ ଏକ ସିନେମାର ମହୁରତ ମଧ୍ୟ ଶେଷ କରିଛନ୍ତି। ଫିଲ୍ମଟିର ଟାଇଟଲ ରହିଛି 'ପାରୋ ହେଟସ ଦେବଦାସ'। ଖାସ୍ କଥା ହେଲା ବେଶ୍ କିଛି ବର୍ଷର ଗ୍ୟାପ୍ ପରେ ନାୟିକା ପ୍ରିୟା ଚୌଧୁରୀ ପୁଣି ଥରେ ଓଲିଉଡ୍‌କୁ କମ୍‌ବ୍ୟାକ୍ କରୁଛନ୍ତି। ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବେ ବବି ମିଶ୍ର। କେବଳ ସେତିକି ନୁହେଁ, ନବାଗତ ଶ୍ରୀଜିତ ମଧ୍ୟ ଏହି ଫିଲ୍ମରୁ ନିଜ କ୍ୟାରିୟର ଆରମ୍ଭ କରୁଛନ୍ତି। ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳିବେ ଅଶୋକ ପତି। ବବି ଏବଂ ପ୍ରିୟାଙ୍କ ବ୍ୟତୀତ ଏଥିରେ ମନସ୍ୱିନୀ ଏବଂ ପିଣ୍ଟୁ ନନ୍ଦ ମଧ୍ୟ ଦେଖିବାକୁ ମିଳିବେ। ଫିଲ୍ମରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଉଛନ୍ତି ବୈଦନାଥ ଦାଶ। ଏ ନେଇ ରମେଶ କହନ୍ତି, 'ଫିଲ୍ମଟିରେ ଭରପୂର କମେଡି ରହିଛି। ତା'ସହ ଲଭ୍ , ଇମୋଶନ, ଫାଇଟ୍‌ର ତଡ଼କା ମଧ୍ୟ ଦର୍ଶକ ଏଥିରୁ ପାଇବେ। ଏହି ଫିଲ୍ମଟି ସବୁ ବର୍ଗର ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ମୋର ଆଶା ରହିଛି।'

ମନେ ପଡ଼ନ୍ତି

ଏକାଦଶୀ ଶ୍ରାଦ୍ଧବାର୍ଷିକୀ
ସ୍ୱର୍ଗତ ଇଂ. ଚିତ୍ତରଞ୍ଜନ ମହାଖୁଡ଼ (ଗୁନା)
ମ୍ୟୁନିସିପାଲିଟି ରୋଡ୍, ଢେଙ୍କାନାଳ
ଆବିର୍ଭାବ: ୩୦।୦୬।୧୯୮୨
ତିରୋଧାନ: ୧୨।୦୯।୨୦୦୯
ତୋର ପବିତ୍ର ଅମରଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୬୬୮୭୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏ ଶୁଭଙ୍କର ମଲ୍ଲିକ (ବଣ୍ଟି)
ବାଣିତିଆ, ଭଦ୍ରକ
ଆବିର୍ଭାବ: ୨୪।୦୩।୨୦୦୪
ତିରୋଧାନ: ୧୦।୦୯।୨୦୧୯
ବଣ୍ଟିରେ, ଯେବେଠାରୁ ତୁ ଆମକୁ ଛାଡ଼ି ବହୁ ଦୂରକୁ ଚାଲିଗଲୁ, ପ୍ରତିଟି ମୁହୂର୍ତ୍ତରେ ତୋର ଆବର୍ତ୍ତମାନକୁ ଆମ୍ଭେମାନେ ମର୍ମେ ମର୍ମେ ଅନୁଭବ କରୁଛୁ। ତୋ'ର ସ୍ମୃତିକୁ ଆମେ ସବୁବେଳେ ସାଉଁଟୁଥିବୁ। ଆଜି ତୋର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆମ୍ଭେମାନେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଉଛୁ। ତୁଁ ଯେଉଁଠି ବି ଥାଆ ଭଲରେ ଥାଆ। ଏହା ଆମର ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ତୋର ହତଭାଗ୍ୟ: ବାବା, ମାମା, ଜେଜେମା ଓ ଶୀତୁ, ଶୋକସନ୍ତପ୍ତ ବନ୍ଧୁବାନ୍ଧବ ଓ ପରିବାରବର୍ଗ
ଧ-୧୮୧୮୪

## କବିତା

### ଗୀତି-କବିତା

## ଶାଂତ ଶୀତଳ ପଲ୍ଲୀ

**ହୃଦାନଂଦ ପାଣିଗ୍ରାହୀ**

**ଶାଂ**ତ ଶୀତଳ ପଲ୍ଲୀ
ନିତିନିତି ଏଠି
କେତେ ଫୁଲଫୁଟି
ଧୂଳିରେ ପଡ଼ଇ ଝରି ।୦।

ସକାଳ ସଂଜରେ
ଖୋଲିଯାଏ ଆପେ
ଫୁଲର କଅଁଳ ଆଖି
ଶାଗୁଆ ଘାସରୁ
ସପନ ସାଉଁଟେ
ପବନ ନିଦରୁ ଉଠି
ଭାବ ଜରଜର
ଫୁଲର ପାଖୁଡ଼ା
ସତେ କି ସପନ ଲୋରି ।୧।

ମେଘ ମେଘ ଆଖି
ଦେଖି ଆକାଶର
ଉଛୁଳେ ଭାବର ନଈ
ମିଟିମିଟି ତାରା
ଲୁଚକାଳି ଖେଳ
ଦିଏ ମନ ଚହଲାଇ
ଏ ମିଠା ଜୀବନ
ଭଲ ପାଇବାର
ଯାଏନି ସହଜେ ସରି ।୨।

ମୋ: ୯୪୩୭୯୮୭୪୨୯

## ମଧ୍ୟରାତ୍ରି

**ପ୍ରମୀଳା ଶତପଥୀ**

**କା**ଲି ମଧ୍ୟରାତ୍ରିରେ
ଉଇଁଲା ସୂର୍ଯ୍ୟ ।
ବାକ୍ୟମାନେ ପ୍ରଳାପ କଲେ
ନିଜନିଜ ଭିତରେ,
ମୁଁ ମୋ' କଥା
ଶୁଣେଇବାକୁ ଚାହିଁଲି ତ
ଦପ୍‌କରି ଲିଭିଗଲା ସୂର୍ଯ୍ୟ ।

ତାଚ୍ଛଲ୍ୟର
ଗୋଟିଏ ମାତ୍ର ଭଙ୍ଗୀ
ଡାକି ଆଣିଲା
ଅନେକ ଅନ୍ଧାର ।

ମୋ' କଥା କହେ
ଗର୍ଭକେଶରଗୁଡ଼ିକ
ଫାଟିଗଲା
ଗୋଟିଏ ମାତ୍ର ହୁଙ୍କାରରେ ।
ଗଛ ପତ୍ରର ସଂଯମ ପରି
ମୁଁ କହୁଥିଲି କିଛି,
ଅଥଚ ଫୁଲର
ପାହାଡ଼ଟା ଭାଙ୍ଗିଗଲା ।

କାଲି ସାରା ରାତି
ଭୋର୍ ହୋଇଗଲା
ସକାଳ ଦେହରେ
ଚେର, ମୂଳ ଗଜୁରି ଉଠିଲା ।

ଅନ୍ଧାର ଭିତରୁ କେହି ଜଣେ
ଉଠିଆସି ଆଉଁଶି ଦେଲେ
ମୋ' ଶିର ପିତା ପରି
ମୁଁ ବିମୁଗ୍ଧ ବିହ୍ୱଳ ।

ମୋ: ୯୪୩୭୨୯୫୬୪୮

# ବିସ୍ମୃତ ପ୍ରତିଭା: ଦୟାନିଧି ମିଶ୍ର

### ଅବଲୋକନ

**ଡ. ପ୍ରତାପାଦିତ୍ୟ ମିଶ୍ର**

**ପିତା ପଣ୍ଡିତ ଲୋକନାଥ ମିଶ୍ର ଏବଂ ମାତା କୁନ୍ତୀ ଦେବୀଙ୍କ ଦ୍ୱିତୀୟ ପୁତ୍ର ଦୟାନିଧି ମିଶ୍ର ବର୍ତ୍ତମାନର ବରଗଡ଼ ଜିଲାର ବରପାଲି ଇଲାକାର ତୁଲଶ୍ରୀ ଗାଁରେ ୧୮୯୧ ମସିହା ଜୁନ୍ ୨୦ ତାରିଖ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ଜନ୍ମଗ୍ରହଣ କରିଥିଲେ। ପାଠପଢ଼ାରେ ତାଙ୍କର ଅଭୂତପୂର୍ବ ସଫଳତା ସମସ୍ତଙ୍କୁ ଚକିତ କରିଦେଇଥିଲା। ନିମ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ମାଇନର ପରୀକ୍ଷାରେ ସେ ବୃତ୍ତି ପାଇଥିଲେ। ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ସମଗ୍ର ଓଡ଼ିଶାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ...**

ସ୍କୁଲ୍ ଜୀବନରୁ ଦୟାନିଧିଙ୍କ ସାହିତ୍ୟ ପ୍ରତିଭା ପ୍ରକାଶ ପାଇଥିଲା। ୧୯୦୫ ମସିହାରେ ତାଙ୍କ ଲିଖିତ ଗଳ୍ପ 'ସୁନ୍ଦରୀ' ଉତ୍କଳ ସାହିତ୍ୟର ସମ୍ପାଦକ ତଥା ବାଗ୍ମୀ ବିଶ୍ୱନାଥ କରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ୧୯୦୯ ମସିହାରେ ତାଙ୍କର କବିତା 'ବୈଧବ୍ୟ ବ୍ରହ୍ମଚର୍ଯ୍ୟ' 'ମୁକୁର' ପତ୍ରିକାରେ ପ୍ରକାଶ ପାଇଥିଲା। ସର୍ବଗୁଣରେ ଭରା ଦୟାନିଧି ପାଠପଢ଼ା ସହିତ ସାହିତ୍ୟ ଚର୍ଚ୍ଚା, ବକ୍ତୃତା ପ୍ରତିଯୋଗିତା, କବିତା ଆବୃତ୍ତି ଏବଂ ଅଭିନୟରେ ନିଜର ନିପୁଣତା ପ୍ରତିପାଦିତ କରିପାରିଥିଲେ। ୧୯୧୩ରେ ଆଇ.ଏ. ପରୀକ୍ଷାରେ ବିହାର ଓଡ଼ିଶା ପ୍ରଦେଶରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ୧୯୧୫ ମସିହାରେ ବି.ଏ. ପରୀକ୍ଷାରେ ବେଷ୍ଟ ଗ୍ରାଜୁଏଟ୍ ଭାବରେ ଉଡ଼ବର୍ଣ୍ଣ ପ୍ରାଇଜ୍ ପାଇଥିଲେ।

ରେଭେନ୍‌ସା କଲେଜରେ ଛାତ୍ର ଅବସ୍ଥାରେ ସେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ର 'ଉତ୍କଳ ସାହିତ୍ୟ'ରେ ୧୯୧୪ ମସିହା ଏପ୍ରିଲ ସଂଖ୍ୟାରେ ଛପେଇବା ସହ ସେଇ ବିଷୟ ଉପରେ ଆଧାରିତ 'ମିଳନ' ନାମକ ଏକ ଗଳ୍ପ ପ୍ରକାଶ କରିଥିଲେ। ଏଥିପାଇଁ ତତ୍କାଳୀନ ଅଧ୍ୟକ୍ଷଙ୍କଠାରୁ ତାଙ୍କୁ କୈଫିୟତ୍ ତଲବ ହୋଇଥିଲା।

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସହିତ ପିତା ପଣ୍ଡିତ ଲୋକନାଥ ମିଶ୍ରଙ୍କର ନିବିଡ଼ ପାରିବାରିକ ସମ୍ପର୍କ ଥିଲା। ଦୟାନିଧିଙ୍କ ଉପରେ ଗଙ୍ଗାଧର ମେହେରଙ୍କ ଲେଖା ଖୁବ୍ ପ୍ରଭାବ ପକେଇଥିଲା। ତାଙ୍କ ଲିଖିତ ସାମାଜିକ ଉପନ୍ୟାସ 'ନୟନତାରା', 'ମାନଭଞ୍ଜନ', 'ପୁନର୍ଜନ୍ମ', 'ଯୁଗାନ୍ତର', ଐତିହାସିକ ଉପନ୍ୟାସ 'ସଂଯୁକ୍ତା' ଓ 'ରାଣାପ୍ରତାପ ସିଂହ', ପୌରାଣିକ ଉପନ୍ୟାସ 'ସୁଭଦ୍ରା', ଶିଶୁ ସାହିତ୍ୟ 'ଧ୍ରୁବ', ଗଳ୍ପ ସଂକଳନ 'କଥାକଦମ୍ବ' ଏବଂ କବିତା 'ବିରହ ବଂଶୀ' ଓ ଅନ୍ୟାନ୍ୟ କବିତା ଏଯାବତ୍ ପ୍ରକାଶିତ ହୋଇଛି। ପ୍ରକାଶିତ ହୋଇଛି ତାଙ୍କର ଅନେକ ପ୍ରବନ୍ଧ, ସମ୍ପାଦକୀୟ, ଅଭିମତ ଏବଂ ପତ୍ର। ତତ୍‌ସହିତ ପୌରାଣିକ ଉପନ୍ୟାସ 'ରୋହିଣୀ', ଐତିହାସିକ ଉପନ୍ୟାସ 'ବୀର ସୁରେନ୍ଦ୍ର ସାଏ', ନାଟକ 'ବୀର ଅଭିମନ୍ୟୁ' ଏବଂ ସ୍ୱାଧୀନତା ପ୍ରାପ୍ତି ଉପରେ ଲିଖିତ ପୁସ୍ତିକା 'On way to freedom' ବି।

କଲିକତାରୁ ଆଇନ ଶିକ୍ଷା ପରେ ଓଡ଼ିଶାର ଦକ୍ଷିଣାଞ୍ଚଳରେ ଶିକ୍ଷା ବିଭାଗରେ କାମ କରି ସେ ଅଞ୍ଚଳରେ ଭାଷା ଆନ୍ଦୋଳନକୁ ତୀବ୍ରତର କରାଇବାରେ ଦୟାନିଧି ସଫଳ ହେଇଥିଲେ। ଏହି ଅବସରରେ ପାରଳା ମହାରାଜା, ଟେକାଲୀ ରାଜକୁମାର ବିଶ୍ୱନାଥ ଦାସ, ଶଶିଭୂଷଣ ରଥ, ଗୋପୀନାଥ ନନ୍ଦଶର୍ମାଙ୍କ ସହିତ ତାଙ୍କର ଘନିଷ୍ଠତା ହୋଇଥିଲା। ୧୯୨୧ରେ ମହାତ୍ମା ଗାନ୍ଧୀ ଏବଂ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଡାକରାରେ ବ୍ରହ୍ମପୁରର ବେରେକ୍‌ସ ପଡ଼ିଆରେ ଓଜସ୍ୱିନୀ ବକ୍ତୃତା ଦେଇ ବିଲାତି ପୋଷାକରେ ଅଗ୍ନି ସଂଯୋଗ କରିଥିଲେ। ସେଥିପାଇଁ ଦୟାନିଧିଙ୍କୁ କାରାବରଣ କରିବାକୁ ପଡ଼ିଥିଲା ଏବଂ ସେ ସରକାରୀ ଚାକିରିରୁ ଇସ୍ତଫା ଦେଇଥିଲେ।



ଦୟାନିଧି ମିଶ୍ର

ଏହାପରେ ସେ କଟକ ଆସି 'ମୁକୁର' ପରିବାରରେ ଯୋଗଦାନ କଲେ। ଏହି ପତ୍ରିକାର ସମ୍ପାଦନାରେ ସାହାଯ୍ୟ ପ୍ରଦାନ ପୂର୍ବକ ସେ ସ୍ୱାଧୀନତା ପ୍ରାପ୍ତି ସକାଶେ ତାଙ୍କର କଲମ ଚାଳନା କଲେ। ବ୍ରିଟିଶ୍ ସରକାରଙ୍କ ଭୟରେ ନବକୃଷ୍ଣ ଚୌଧୁରୀଙ୍କ ସମ୍ପାଦିତ 'ଷ୍ଟାର୍ ଅଫ୍ ଉଇଲ୍' ଛାପିବାକୁ ସେତେବେଳେ କଟକର ଛାପାଖାନାମାନେ ମନା କରିଦେଇଥିଲେ, ଦୟାନିଧି ଦାମ୍ଭିକତାର ସହିତ ଏହାର ମୁଦ୍ରଣ ଭାର ନିଜେ ନେଇଥିଲେ। ବ୍ରିଟିଶ୍ ସରକାରଙ୍କ ବିରୋଧରେ ତାଙ୍କ ଲିଖିତ 'ନବଯୁଗ' ପତ୍ରିକାର ସମ୍ପାଦକୀୟ ସେତେବେଳେ ବୁଦ୍ଧିଜୀବୀ ମହଲରେ ଚହଳ ସୃଷ୍ଟି କରିଥିଲା।

୧୯୨୮ରେ କିଛିଦିନ ସମ୍ବଲପୁରରେ ଏବଂ ପରେ ପରେ ୧୯୨୯ଠାରୁ ଜୀବନର ଶେଷ ପର୍ଯ୍ୟନ୍ତ ବରଗଡ଼ରେ ଓକିଲାତି କରିଥିଲେ। ଜଣେ ସ୍ୱାଧୀନଚେତା ଓ ସ୍ପଷ୍ଟବାଦୀ ଓକିଲ ଭାବରେ ସେ ସୁନାମ ଅର୍ଜନ କରିଥିଲେ। ଭାରତ ସ୍ୱାଧୀନ ହେବା ପୂର୍ବରୁ ଯେଉଁ ରାଜନୈତିକ କର୍ମୀମାନଙ୍କ ବିରୁଦ୍ଧରେ ଆଗତ ମୋକଦ୍ଦମାଗୁଡ଼ିକ ଅନ୍ୟ ଓକିଲମାନେ ନେବା ପାଇଁ ଅନିଚ୍ଛା ପ୍ରକାଶ କରୁଥିଲେ, ଦୟାନିଧି ସେ ସମସ୍ତ କେସ୍‌ରେ ନିଜକୁ ସାମିଲ କରିଥିଲେ।

ବରଗଡ଼ର ସାନିଟେସନ୍ ଏବଂ ୟୁନିଅନ୍ ବୋର୍ଡର ଅଧ୍ୟକ୍ଷ ଭାବରେ ସେ ଅନେକ ଜନହିତକର କାର୍ଯ୍ୟ କରିଥିଲେ। ସାଧାରଣ ଜନତାଙ୍କ ପାଇଁ ବିଭିନ୍ନ ଯୋଜନାମାନ ପ୍ରସ୍ତୁତ କରିଥିଲେ। ଦୟାନିଧି ବାହାରକୁ କଠୋର ଦେଖାଯାଉଥିଲେ ମଧ୍ୟ ତାଙ୍କର ହୃଦୟ ଅତ୍ୟନ୍ତ କୋମଳ ଥିଲା। ସେ ନିଜେ ଅସୁବିଧାରେ ଥାଇ ମଧ୍ୟ ଅନ୍ୟମାନଙ୍କୁ ସାହାଯ୍ୟ ସହଯୋଗ କରୁଥିଲେ। ପରିବେଶ ପରିଚ୍ଛନ୍ନତା ଦିଗରେ ତାଙ୍କ କାର୍ଯ୍ୟକଳାପ ଅତି ପ୍ରଶଂସନୀୟ ଥିଲା। ତାଙ୍କ ସହଧର୍ମିଣୀ ହରପ୍ରିୟା ଦେବୀଙ୍କ ପାଖକୁ ଆସି କେହି କେବେ ନିରାଶ ହୋଇ ଫେରି ନ ଥିଲେ।

୧୯୫୩ ମସିହାରେ ତାଙ୍କର ସ୍ୱାସ୍ଥ୍ୟହାନି ଘଟିଲା। ସମସ୍ତ ଡାକ୍ତରୀ ଚିକିତ୍ସା ସତ୍ତ୍ୱେ ଏହି ଯୁଗଜନ୍ମା ଶେଷ ନିଃଶ୍ୱାସ ତ୍ୟାଗ କଲେ ଜୁଲାଇ ୨୮, ୧୯୫୫ ଶ୍ରାବଣ ଶୁକ୍ଳ ନବମୀର ସୂର୍ଯ୍ୟାସ୍ତ ସମୟରେ। ବିରାଟ ଶବାଧାର ମୁହଁରେ ଗୋଟିଏ କଥା: 'ଜଣେ ଦରିଦ୍ରର ବନ୍ଧୁ ଚାଲିଗଲେ।'

ମୋ: ୯୪୩୭୦୧୧୧୬୦

## କାଳ କାଳକୁ



''ପ୍ରତ୍ୟେକ ମଣିଷର ଊଣାଅଧିକେ ଦୁଇଟି ସତ୍ତା ରହିଛି, ଗୋଟିଏ ଗୋଷ୍ଠୀ-ସତ୍ତା ଓ ଅନ୍ୟଟି ବ୍ୟକ୍ତି-ସତ୍ତା।''

**-ଡି.ଏଚ୍. ଲରେନ୍ସ**

**ଡି.ଏଚ୍. ଲରେନ୍ସଙ୍କ** ଜନ୍ମ ୧୧ ସେପ୍ଟେମ୍ବର ୧୮୮୫ରେ, ଇଂଲଣ୍ଡର ଇଷ୍ଟଉଡ୍‌ରେ ଓ ପରଲୋକ ୨ ମାର୍ଚ୍ଚ ୧୯୩୦ରେ ଫ୍ରାନ୍ସର ଭେନସରେ। ମାତ୍ର ୪୫ ବର୍ଷର ଜୀବଦ୍ଦଶାରେ ସେ ବହୁ ଚର୍ଚ୍ଚିତ ଗଳ୍ପ ଓ ଉପନ୍ୟାସ ରଚନା କରିଥିଲେ। 'ସନ୍ ଆଣ୍ଡ ଲଭର୍ସ', 'ଦ ରେନ୍‌ବୋ', 'ଓମେନ୍ ଇନ୍ ଲଭ' ଓ 'ଲେଡି ଚାର୍ଟର୍ଲିସ ଲଭର' ଆଦି ଉପନ୍ୟାସର ଏହି ଲେଖକ ଜୀବନକାଳରେ ଅଶ୍ଳୀଳତାର ଅପବାଦ ଭୋଗିଥିଲେ ବି ମୃତ୍ୟୁ ପରେ ଇ.ଏମ୍. ଫର୍ଷ୍ଟର ଓ ଏଫ୍.ଆର୍. ଲେଭିସ୍‌ଙ୍କ ପରି ସାହିତ୍ୟିକ ତାଙ୍କୁ ଖୁବ୍ ଉଚ୍ଚମାନର ସ୍ରଷ୍ଟା ଭାବେ ବିବେଚନା କରିଥିଲେ।

### ଅଣୁଗଳ୍ପ

## ଦୁଇଟି ସ୍କେଚ୍

**-ଗଣେଶ୍ୱର ନାୟକ**

**ପାଠୁଆ**

ଆହା, ଲୋକଟା ପଡ଼ିଗଲା। ଉଠା, ଉଠା ତାକୁ, ଉଠାଇ ଦିଅ। ୧୦୮କୁ ଫୋନ୍ କର, ୧୦୨କୁ ଫୋନ୍ କର, ୧୦୦କୁ ଫୋନ୍ କର। ମୁଣ୍ଡରୁ ରକ୍ତ ଝରୁଛି ନା କ'ଣ, ମୁଣ୍ଡ ଫାଟି ଯାଇଛି ବୋଧେ! କ'ଣ ଚେତା ନାହିଁ? ଶୀଘ୍ର ତାକୁ ଡାକ୍ତରଖାନାକୁ ନେଇ ଯାଅ। ଡେରି କରନା, ଲୋକଟା ମରିଯିବ ଯେ!




**ଅପାଠୁଆ**

ଆହା ଲୋକଟା ପଡ଼ିଗଲା। ଧର, ଧର ତାକୁ, ଉଠାଇ ଦେବା। ଶାର୍ଟରେ ରକ୍ତ ଲାଗିଲା, ଲାଗିଯାଉ। ଲୋକଟା ଆଗେ ମେଡିକାଲରେ ପହଞ୍ଚୁ। ମୁଁ ମୁଣ୍ଡ ପଟୁ ଧରୁଛି। ତୁମେ ଗୋଡ଼ପଟୁ ଧର। ଅଟୋକୁ ଆଗେ ଉଠାଇଦିଅ। ଲୋକଟାର ଚେତା ନାହିଁ। ଡାକ୍ତରଖାନାକୁ ଶୀଘ୍ର ନେଇଯିବା ଚାଲ। ଲୋକଟା ବଞ୍ଚିଯିବ ତ!

ମୋ: ୯୭୭୭୭୪୯୭୨୭

### ପୁସ୍ତକ ପରିଚୟ

## ମଣି ସନ୍ଧାନ

**ଲେଖିକା:** ଡ. ଅର୍ଚ୍ଚନା ନାୟକ
**ପ୍ରକାଶକ:** ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୧୯,
**ମୂଲ୍ୟ:** ଟ. ୧୯୫/-




**ମୋଟ** ୧୫ଟି ଗଳ୍ପର ସମାହାର ହେଉଛି ଆଲୋଚ୍ୟ ଗଳ୍ପଗ୍ରନ୍ଥ। ପ୍ରତ୍ୟେକ ଗଳ୍ପରେ ରହିଛି ଦ୍ୱୈତ-ବାସ୍ତବତା। ଗୋଟିଏ ସତ୍ୟ ଆଧାରିତ, ଅଙ୍ଗେନିଭା ଓ ଅନ୍ୟଟି କଳ୍ପିତ। ଏହି ଦୁଇ ବାସ୍ତବତା ଭିତରେ ଘୂରିବୁଲି ଅର୍ଚ୍ଚନାଙ୍କ ଗଳ୍ପରୁ ପାଠକ ପାଏ ଏକ ବିସ୍ମୟକର ଆନନ୍ଦ। ତା' ଭିତରର କୌତୂହଳ ଚରିତାର୍ଥ ହୁଏ। 'ଅମୃତ ମୂର୍ଚ୍ଛନା', 'କୋମଳ ଗାନ୍ଧାର, 'ମଣି ସନ୍ଧାନ', 'ବୋହୂଚୋରି', 'ମ୍ୟାଜିକ୍‌ବାଲା' ଓ 'କାକର କଣାର ଅଗ୍ନି' ପ୍ରଭୃତି ଗଳ୍ପଗୁଡ଼ିକ ଏହାର ପ୍ରମାଣ। ଗ୍ରନ୍ଥର ଶୀର୍ଷକ ଗଳ୍ପ 'ମଣି ସନ୍ଧାନ'ରେ ସାପୁଆକେଳାର ପେଡ଼ିରୁ ସାପର ଅନ୍ତର୍ଦ୍ଧାନ, ସାପର ମଣିକୁ ନେଇ ଋଷି ନନାଙ୍କ ଅଲୌକିକ ବୟାନ ଓ ମଣି ବା କାଚ ନ ଥିବା ଶୂନ୍ୟ ଫରୁଆ ଦେଇ ଗ୍ରାମବାସୀଙ୍କ ଭୟର ନିରସନ-ସବୁ କୁହୁକ କାହାଣୀ ପରି ଲାଗୁଥିଲେ ବି କୌଣସି ବିଶ୍ୱାସକୁ ଆହତ ନ କରି ଜୀବନର ପ୍ରବାହକୁ ଧରିରଖିବା ହୋଇଉଠେ ଗଳ୍ପର ପ୍ରାଥମିକତା। ପଦ୍ମପତ୍ରରେ ପାଣି ପରି 'ଆପାତଃ ମିଥ୍ୟା'ରେ ଭାସମାନ 'ସତ୍ୟ' ବହିଟିର ଏକାଧିକ ଗଳ୍ପରେ ଦୀପ୍ତ ହୋଇଉଠେ।

## ଅଗ୍ନିକା

**କବି:** ଶୁଭଶ୍ରୀ ଶୁଭସ୍ମିତା ମିଶ୍ର
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ. ୧୨୫/-

**ମୋଟ** ୫୫ଟି କବିତା ସ୍ଥାନିତ 'ଅଗ୍ନିକା'ରେ। ପ୍ରତ୍ୟେକ କବିତାରେ ଅଲଗା ହେଇ ଉଠିବା, ନୂଆ ହେଇ ଉଠିବାର ଗୋଟେ ଝୁଙ୍କ୍ ପାଠକ ବାରିପାରେ ନିମଗ୍ନ ପଠନରେ। କବିତାଗୁଡ଼ିକରେ ଝୁଣ୍ଟି ପଡ଼ିବା ଅଛି, ଅଛି ବି କଞ୍ଚାପଣ; ହେଲେ ସେହି ବାଧାକୁ ଅତିକ୍ରମ କରି ପଲ୍ଲବି ଉଠିବାର ଏକ ଆତ୍ମବିଶ୍ୱାସକୁ ଚିହ୍ନି ହୁଏ। ଉଦାହରଣଟିଏ ନେବା: ''ଉଦ୍‌ଗାରିତ ଲାଭାର ଅଗ୍ନିରେ ସ୍ନାନ କରୁଥିବୁ/ହେଲେ ଗଂଗୋତ୍ରୀକୁ ଚାପି ଧରିବୁ ଛାତିରେ''। 'ଗୋଟେ ଗପ କଥା', 'ନିଦ', 'ସେଇ ଝିଅଟି', 'ସ୍ତ୍ରୀ', 'ଅମ୍ମା: ଏକ ପ୍ରେମପତ୍ର', 'କର୍ଣ୍ଣ ଏକ: ପ୍ରେମିକ', 'ଗୋଟେ ମାଈ ଖରାର କବିତା' ଓ 'ଗୌରୀ ଲଙ୍କେସ୍' ପ୍ରଭୃତି କବିତାରେ ନିଜ ସମୟ ସହ ଶାଶ୍ୱତକୁ ଧରି ରଖିବାର ଯେଉଁ ଆୟାସ-ତାହା ଶୁଭସ୍ମିତାଙ୍କ କବିତା ପ୍ରତି ଆସକ୍ତ କରେ ପାଠକକୁ। ବ୍ୟକ୍ତିଗତ ଅସୂୟାଶୂନ୍ୟ ବ୍ୟଙ୍ଗର ଏକ ନୂଆ ତରିକାକୁ ଆବିଷ୍କାର କରିହୁଏ ବହିଟିର ଢେର୍ କବିତାରୁ। ଯେପରି: ''ଉପହାସ ପରି ଲାଗେ/ କିନ୍ତୁ ସତ/ମେଢ଼ରେ ପୂଜା ହୁଏ/ ଦୁର୍ଗା ଓ କାଳୀ/ ପାର୍ବଣ ମହୋତ୍ସବ ପରେ/ ସେମାନେ ପୁଣି ଗଢ଼ିଚାଲନ୍ତି/ ଆଉ ଗୋଟେ ଗୋଟେ ମହାକାଳପଡ଼ା/ x x ଏସବୁ ପରେ ବି/ ଆଖିରେ ଅନ୍ଧପୁଟୁଳି ବାନ୍ଧି / ଠିଆ ହୋଇଥାଏ ନ୍ୟାୟଦେବୀ।''




# ନାଟକର ମାଟି 'ମଟାଳ', ଏଥିରେ ଲଙ୍ଗଳ ମାରିବା କଷ୍ଟ

### ସୃଜନ-ଆଳାପ



ଫକୀର ସିଂହ

**ନାଟ୍ୟକାର ଫକୀର ସିଂହଙ୍କ ଜନ୍ମ ୧୯୫୭ରେ, ଜଗତ୍‌ସିଂହପୁର ଜିଲା ଧୂଆଁପାରୀ ଗାଁରେ। ପ୍ରକାଶିତ ନାଟକ 'ଅସ୍ତରାଗର ରଙ୍ଗ', 'ଚା କପ୍‌ରେ ଝଡ଼', 'ଆମ୍ଳିପି', 'ମାରୀଚର ମାୟା', 'କଳାଜାଇ' ଓ 'ଅନନ୍ୟା' ଇତ୍ୟାଦି। ଉଲ୍ଲେଖନୀୟ ନାଟକ ରଚନା ପାଇଁ 'ରାଜଧାନୀ ପୁସ୍ତକମେଳା ସମ୍ମାନ', 'ପ୍ରଜାତନ୍ତ୍ର ପ୍ରଚାର ସମିତି ସମ୍ମାନ' ସମେତ ବହୁ ପୁରସ୍କାରରେ ସମ୍ମାନିତ। 'ଆମ୍ଳିପି ଓ ଅନ୍ୟାନ୍ୟ' ପୁସ୍ତକ ପାଇଁ ତାଙ୍କୁ ମିଳିଛି ୨୦୧୬ର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର। ଏହି ଅବସରରେ ତାଙ୍କଠୁଁ ଏହି ସାକ୍ଷାତ୍କାରଟି ନେଇଛନ୍ତି ନାଟ୍ୟକାର ଆନନ୍ଦ ଚନ୍ଦ୍ର ପହି।**

**ପ୍ର:** ଆପଣଙ୍କର ଲେଖକୀୟ ଜୀବନ କେବେଠୁଁ ଆରମ୍ଭ ହେଲା?

**ଉ:** କିଏ କେମିତି ନିଜର ଲେଖକୀୟ ଜୀବନ ହୁଏତ ପତ୍ରପତ୍ରିକାରୁ ଆରମ୍ଭ କରିଥିବେ, କିନ୍ତୁ ମୋର ନାଟକୀୟ ଜୀବନ ଆରମ୍ଭ ହୋଇଛି ବେତାରରୁ। ମୋର ପ୍ରଥମ ବେତାର ନାଟକ 'ଅଲଗା ମେଘର ଛାଇ' ପ୍ରସାରିତ ହୋଇଥିଲା ୧୯୮୭ରେ ଆକାଶବାଣୀ କଟକ କେନ୍ଦ୍ରରୁ।

**ପ୍ର:** ଆପଣ ଗଳ୍ପ ଲେଖନ୍ତି, ନାଟକ ଲେଖନ୍ତି ଏବଂ ଗୀତି-କବିତା ବି ଲେଖନ୍ତି। କେଉଁଥିରେ ବେଶୀ ସହଜ ମନେ କରନ୍ତି?

**ଉ:** ସହଜ ବୋଲି କିଛି ନାହିଁ। ଯେ ପର୍ଯ୍ୟନ୍ତ ସୃଷ୍ଟିଟିଏ ସଂପୂର୍ଣ୍ଣ ନ ହୋଇଛି, ସେ ପର୍ଯ୍ୟନ୍ତ ତାହା ପୀଡ଼ାଦାୟକ। ସଂପୂର୍ଣ୍ଣ ହୋଇଗଲା ପରେ, ଆରେ ବାଃ, କେଡ଼େ ସହଜରେ ହୋଇଗଲା! ଯାକୁ ମୁଁ ଲେଖିଛି! ନିଜର ଏଇ ମୁଗ୍ଧ ବିସ୍ମୟଟି ସବୁ କଷ୍ଟକୁ ହାଲୁକା କରିଦିଏ।

**ପ୍ର:** ଆପଣ ନାଟକର କଥାବସ୍ତୁ ବା ପ୍ଲଟ୍ କୋଉଠୁ ପାଆନ୍ତି?

**ଉ:** କଥାବସ୍ତୁ! ନା, ସେମିତି କିଛି ନିର୍ଦ୍ଦିଷ୍ଟ ଉତ୍ସ ନାହିଁ। ବେଳେବେଳେ ଆମ ଚତୁଃପାର୍ଶ୍ୱରେ ଘଟୁଥିବା ଘଟଣାବଳୀକୁ ଆଧାର କରି ପ୍ଲଟ୍ ପ୍ରସ୍ତୁତ କରୁଥିଲାବେଳେ, ପୁଣି କେବେ ମିଳିଯାଏ ନିଜର ଅନୁଭୂତିରୁ। ଏଥିପାଇଁ ନିରନ୍ତର ଅଧ୍ୟବସାୟ ଆବଶ୍ୟକ। କେଉଁଠୁ ଚରିତ୍ରମାନେ କେତେବେଳେ ଆସି ନାଟକ ଲେଖାନ୍ତି, ତାହା କହିବା ମୁସ୍କିଲ୍।

**ପ୍ର:** ଆପଣଙ୍କର ବହୁ ଚର୍ଚ୍ଚିତ ନାଟକ 'ଆମ୍ଳିପି' ସମ୍ପର୍କରେ କ'ଣ କହିବେ?

**ଉ:** ଏହା ଏକ ଭିନ୍ନ ଧରଣର ନାଟକ। କଥାବସ୍ତୁର ଭିନ୍ନତା ହିଁ ଏହାର ସଫଳତା। ମାଂସ ଦୋକାନରେ ଆସନ୍ନ ମୃତ୍ୟୁକୁ ଅପେକ୍ଷା କରିଥିବା ଯନ୍ତ୍ରଣା ଜର୍ଜରିତ ଛେଳିମାନଙ୍କର ମର୍ମବେଦନା ଏହି ନାଟକର ଅନ୍ତଃସ୍ୱର। କାକୁସ୍ଥ ଛେଳିମାନଙ୍କ ମୁହଁରେ ଭାଷା ଦେଲାବେଳେ ବାରମ୍ବାର ମୋ' କଲମ ସ୍ଥିର ହୋଇଯାଇଛି। ମୁଁ ନିର୍ବାକ ପାଲଟିଯାଇଛି।

**ପ୍ର:** ତେବେ 'ଆମ୍ଳିପି'ର ବାର୍ତ୍ତା କ'ଣ?

**ଉ:** ଭାଗବତର ସେଇ ଉକ୍ତି- ''ଜୀବେ ଦୟା''। କ୍ରୂରତା ବିରୁଦ୍ଧରେ ବିଦ୍ରୋହ।

**ପ୍ର:** ଆପଣଙ୍କ 'ଅନାଗତର ଆମ୍ଳିପି' ଏକ ଅଲଗା ସ୍ୱାଦର ନାଟକ। କନ୍ୟାଭ୍ରୂଣ ହତ୍ୟା ଏହାର ଆଧାର। ସେ ସମ୍ପର୍କରେ କ'ଣ କହିବେ?

**ଉ:** 'ଅନାଗତର ଆମ୍ଳିପି' ଏକ ସାମାଜିକ ବାର୍ତ୍ତା ବହନ କରୁଥିବା ଚେତନାଧର୍ମୀ ନାଟକ। ଆଗାମୀ ଦିନରେ ଆଶଂକା କରାଯାଉଥିବା କନ୍ୟାଶୂନ୍ୟ ସମାଜର ଭୟାବହ ପରିଣତିକୁ ଅନୁଭବ କରି ନାଟକଟି ରଚିତ। ବିଷ ଜ୍ୱାଳାରେ ଛଟପଟ ହେଉଥିବା ନିଷ୍ପାପ କନ୍ୟାଭ୍ରୂଣଟି ହେଉଛି ନାଟକର ମୁଖ୍ୟ ଚରିତ୍ର। ଭୂମିଷ୍ଠ ହେବା ପୂର୍ବରୁ ସେ ହାତଯୋଡ଼ି ଅନୁରୋଧ କରୁଛି ଡାକ୍ତରଙ୍କୁ- ''ମତେ ଆଉ ବଂଚିବାକୁ ଦିଅନାହିଁ। ଅକାଳମୃତ୍ୟୁ ହିଁ ମୋ' ପାଇଁ ଶ୍ରେୟ।'' ଏକ ନିର୍ଣ୍ଣାୟକ ସ୍ଥିତିରେ କାହାଣୀ ମୋଡ଼ ନେଉଛି। ସୃଷ୍ଟି ରକ୍ଷା ପାଇଁ ଗୋଟାଏ ଦୃଢ଼ ସଂକଳ୍ପର ଆହ୍ୱାନରେ କନ୍ୟାଟିଏ ଜନ୍ମ ନେଉଛି।

**ପ୍ର:** ଆପଣ କେଉଁଥିରେ ଅଧିକ ଆତ୍ମସନ୍ତୋଷ ଲାଭ କରନ୍ତି, ନିଜ କାହାଣୀକୁ ନାଟ୍ୟରୂପ ଦେବାରେ ନା ଅନ୍ୟ କାହାଣୀକୁ ନେଇ ନାଟକ ଲେଖିବାରେ?

**ଉ:** ଉଭୟରେ ଆତ୍ମସନ୍ତୋଷ ସମାନ। ସରୋଗେଟ୍ ମଦର ଭଳି, ଭ୍ରୂଣ ଯାହାର ହେଉନା କାହିଁକି, ଗର୍ଭଧାରଣ ଆଉ ପ୍ରସବ ବେଦନା ତ ସମାନ ନା! ହାଃ, ହାଃ...

**ପ୍ର:** ସାମ୍ପ୍ରତିକ ନାଟକ ସମ୍ପର୍କରେ ଆପଣ କ'ଣ କହିବେ?

**ଉ:** ବର୍ତ୍ତମାନର ନାଟକ ଆଉ ଗତାନୁଗତିକ ଶଗଡ଼ଗୁଳାରେ ନାହିଁ। ସମୟର ସ୍ୱଳ୍ପତା ଦୃଷ୍ଟିରୁ ନାଟକ ଏବେ ବିଭିନ୍ନ ଦୃଷ୍ଟିକୋଣରୁ ନିର୍ମିତ ହେଉଛି। ନାଟକ ଏବେ ବେଶ୍ ମାର୍ଜିତ, ମନୋରଞ୍ଜକ ଏବଂ ବାର୍ତ୍ତାଭିମୁଖୀ।




**ପ୍ର:** ଶୁଣାଯାଏ, ଆଜିକାଲି ଖୁବ୍ କମ୍ ନାଟକ ଲେଖାଯାଉଛି?

**ଉ:** ଆଜିକାଲି ନୁହେଁ, ସବୁ ସମୟରେ ଅନ୍ୟ ସାହିତ୍ୟ ତୁଳନାରେ ନାଟକ ସଂଖ୍ୟା କମ୍। କାରଣ ହେଲା- ନାଟକର ମାଟି 'ମଟାଳ'। ଏଥିରେ ଲଙ୍ଗଳ ମାରିବା କଷ୍ଟ। ଏହାଛଡ଼ା, ଯାହା ବି ନାଟକ ଲେଖାଯାଉଛି; ତାହା ଦର୍ଶକ, ଶ୍ରୋତା ଏବଂ ପାଠକଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଯାହା ବି ପହଞ୍ଚୁଛି, ତାହା ପର୍ଯ୍ୟାପ୍ତ ନୁହେଁ। ସୁତରାଂ, ନାଟକ ରଚନା କରିବାର ଆଗ୍ରହରେ କୋଉଠି ନା କୋଉଠି ଆଞ୍ଚ୍ ଲାଗୁଛି।

**ପ୍ର:** ଏବର ନାଟକ ପାଇଁ ଆପଣଙ୍କ ପରାମର୍ଶ କ'ଣ ରହିବ?

**ଉ:** ପରାମର୍ଶ ନୁହେଁ। ପ୍ରସ୍ତାବଟିଏ ଦେଇପାରେ। ଆମକୁ ପ୍ରଥମେ ପାଠକ ସୃଷ୍ଟି ପାଇଁ କିଛି ପଠନୋପଯୋଗୀ ନାଟକ ଲେଖିବାକୁ ହେବ। କାରଣ, ନାଟକ ପାଇଁ ପାଠକ ନାହାନ୍ତି। କ୍ରେତା ବି ନାହାନ୍ତି। ଗଳ୍ପ, କବିତା ଭଳି ନାଟକ ପାଇଁ ପାଠକୀୟ ଆଗ୍ରହ ସୃଷ୍ଟି ହେବା ଏକାନ୍ତ ଜରୁରୀ।

**ପ୍ର:** ପୁରସ୍କାର ସମ୍ପର୍କରେ କ'ଣ କହିବେ?

**ଉ:** ପୁରସ୍କାର ପାଇ ମୁଁ ନିଶ୍ଚିତ ଭାବେ ଆନନ୍ଦିତ। କିନ୍ତୁ ଏହା ଏକ ସଂକଳ୍ପ, ଦାୟିତ୍ୱବୋଧ ମଧ୍ୟ। ସମୟକ୍ରମେ ମୁଁ ସେ ଦାୟିତ୍ୱ ତୁଲାଇ ପାରିବି ବୋଲି ଆତ୍ମବିଶ୍ୱାସ ସୃଷ୍ଟି ହୋଇଛି।

# ଧରିତ୍ରୀ
DHARITRI



# ବ୍ରାଡି- ଓସାକା ସେମିଫାଇନାଲ



ଜେନିଫର ବ୍ରାଡି



ନାଓମି ଓସାକା

**ୟୁଏସ୍ ଓପନ୍**

**ନ୍ୟୁୟର୍କ,୯।୯(ଏପି)**

ୟୁଏସ୍ ଓପନ୍ ଟେନିସ ଟୁର୍ନାମେଣ୍ଟର ୯ମ ଦିବସରେ ମହିଳା ସିଙ୍ଗଲ୍ସ ଇଭେଣ୍ଟର ପ୍ରଥମ ସେମିଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଚତୁର୍ଥ ସିଡ୍ ଖେଳାଳି ଜାପାନର ନାଓମି ଓସାକା ଓ ୨୮ତମ ସିଡ୍ ଆମେରିକାର ଜେନିଫର ବ୍ରାଡି ପରସ୍ପରକୁ ସେମିରେ ଭେଟିବା ନିଶ୍ଚିତ ହୋଇଛି। ମଙ୍ଗଳବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ବ୍ରାଡି ୬-୩, ୬-୨ ସେଟ୍‌ରେ କାଜାଖସ୍ତାନର ୨୩ତମ ସିଡ୍ ଖେଳାଳି ୟୁଲିଆ ପୁଟିନଶେଭାଙ୍କୁ ହରାଇ ଏକ ବୃହତ୍ ବିଜୟ ହାସଲ କରିବା ସହ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲରେ ସାମାନ୍ୟ ନର୍ଭସ ଥିଲି। ତେବେ ପରେ ଭଲ ଖେଳିବା ପାଇଁ ଆତ୍ମବିଶ୍ୱାସ ପାଇଥିଲି ବୋଲି ୨୫ ବର୍ଷୀୟ ବ୍ରାଡି କହିଛନ୍ତି।

ସେହିପରି ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଓସାକା ୬-୩, ୬-୪ ସେଟ୍‌ରେ ଆମେରିକାର ଅଣସିଡ୍ ଖେଳାଳି ସେଲବି ରୋଜର୍ସଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୨୨ ବର୍ଷୀୟ ଓସାକା ବିଜୟୀ ହେବା ପାଇଁ ଏକ ଘଣ୍ଟା ୨୦ ମିନିଟ୍ ସମୟ ଆବଶ୍ୟକ କରିଥିଲେ। ଓସାକା ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୯ମ ସ୍ଥାନରେ ରହିଥିବା ବେଳେ ରୋଜର୍ସ ୯୩ତମ ସ୍ଥାନରେ ରହିଛନ୍ତି। ପୂର୍ବରୁ ରୋଜର୍ସଙ୍କଠାରୁ ଓସାକା ୩ଥର ପରାସ୍ତ ହୋଇଥିବା ବେଳେ ଏଥର କିନ୍ତୁ ଏହି ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି। ରୋଜର୍ସଙ୍କୁ ପୂର୍ବରୁ କେବେ ହରାଇ ନ ଥିଲି। ତେଣୁ ସେ ଫେଭରାଇଟ୍ ବୋଲି ଧରି ନେଇଥିଲି। ଶେଷରେ ତାଙ୍କୁ ପରାସ୍ତ କରିବା ସେତେଟା ସହଜ ନ ଥିଲା ବୋଲି ଓସାକା କହିଛନ୍ତି। ଏଥିସହିତ ଗତ ୩ ବର୍ଷ ମଧ୍ୟରେ ଓସାକା ଦ୍ୱିତୀୟଥର ପାଇଁ ୟୁଏସ୍ ଓପନ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କେତେକ ତାରକା ଖେଳାଳିଙ୍କ ଅନୁପସ୍ଥିତିରେ ଓସାକା ଏଥର ମଧ୍ୟ ଟାଇଟଲ ଫେଭରାଇଟ୍ ବିବେଚିତ ହେଉଛନ୍ତି। ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲରେ ତୃତୀୟ ସିଡ୍ ଅଭିଜ୍ଞ ଆମେରିକୀୟ ଖେଳାଳି ସେରେନା ୱିଲିୟମ୍ସ ଓ ବୁଲଗେରିଆର ଶ୍ୱେତାନା ପିରୋଙ୍କୋଭା ପରସ୍ପରକୁ ଭେଟିବେ।

# ବ୍ରୁଷ୍ଟାଙ୍କୁ ସେମିରେ ଭେଟିବେ ଜେଭେରେଭ

**ନ୍ୟୁୟର୍କ,୯।୯(ଏପି)**

ୟୁଏସ୍ ଓପନ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟର ପ୍ରଥମ ସେମିଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ୫ମ ସିଡ୍‌ମାନ୍ୟତା ପାଇଥିବା ଜର୍ମାନୀର ଆଲେକଜାଣ୍ଡାର ଜେଭେରେଭ ଓ ୨୦ତମ ସିଡ୍‌ଖେଳାଳି ସ୍ପେନ୍‌ର ପାବ୍ଲୋ କାରେନୋ ବ୍ରୁଷ୍ଟାର ପରସ୍ପରକୁ ସେମିରେ ଭେଟିବେ।

ଜେଭେରେଭ ମଙ୍ଗଳବାର କ୍ୱାର୍ଟର ଫାଇନାଲ ମୁକାବିଲାରେ ୨୭ତମ କ୍ରୋଏସିଆର ବୋର୍ନା କୋରିକଙ୍କୁ ୧-୬, ୭-୬, ୭-୬, ୬-୩ ମାରାଥନ୍ ସେଟ୍‌ରେ ପରାସ୍ତ କରି ସେମିରେ ପ୍ରବେଶ କରିଚନ୍ତି। ବିଜୟୀ ହେବାକୁ ଜେଭେରେଭଙ୍କୁ ୩ ଘଣ୍ଟା ୨୫ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା। ସଫଳ ହେଲେ ଜେଭେରେଭ ପ୍ରଥମଥର ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାର ଗୌରବ ଅର୍ଜନ କରିବେ। କ୍ୱାର୍ଟର ଫାଇନାଲରେ ନିଜର ପ୍ରଦର୍ଶନ ନେଇ ଜେଭେରେଭ ଖୁସି ଜାହିର କରିଛନ୍ତି।

ସେହିପରି ଅନ୍ୟଏକ କ୍ୱାର୍ଟର ଫାଇନାଲରେ ବ୍ରୁଷ୍ଟା ମାରାଥନ ୩-୬, ୭-୬, ୭-୬, ୦-୬, -୩ ସେଟ୍‌ରେ ଦ୍ୱାଦଶ ସିଡ୍ କାନାଡ଼ାର ଡେନିସ ଶାପୋଭାଲୋଭଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଜୟୀ ହେବା ପାଇଁ ବ୍ରୁଷ୍ଟାଙ୍କୁ ୪ ଘଣ୍ଟା ୮ ମିନିଟ ସମୟ ଆବଶ୍ୟକ ହୋଇଥିଲା। ନିଜ ପ୍ରଦର୍ଶନରେ ବ୍ରୁଷ୍ଟା ବେଶ୍ ଖୁସି ଜାହିର କରିଛନ୍ତି। ବୁଧବାର ଖେଳାଯିବାକୁ ଥିବା ଅନ୍ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଦ୍ୱିତୀୟ ସିଡ୍ ଅଷ୍ଟ୍ରିଆର ଡୋମିନିକ୍ ଥିମ୍ ଓ ୨୧ତମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର ମୁହାଁମୁହିଁ ହେବେ। ସେହିପରି ଅନ୍ତିମ କ୍ୱାର୍ଟର ଫାଇନାଲରେ ତୃତୀୟ ସିଡ୍ ରୁଷିଆର ଡାନିଲ ମେଡଭେଡେଭ୍ ନିଜ ଦେଶର ୧୦ମ ସିଡ୍ ଆନ୍ଦ୍ରେ ରୁବେଲେଭଙ୍କୁ ଭେଟିବେ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ